

'ପଏଜନ୍ ବେବି' ପାଇଁ ୨ କୋଟି
▸ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-112 ♦SATURDAY ♦18 OCTOBER 2025 ♦PAGE-16 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୧୨ ♦ଶନିବାର ♦୧୮ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦




GOLD RATE PROTECTION PLAN | PAY JUST 15% AND LOCK YOUR GOLD RATE

90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

JHARSUGUDA : Sarabahal Road, Marwari Para

SHOWROOMS ALSO AT: BHUBANESWAR | ANGUL | BERHAMPUR | CUTTACK | PURI | ROURKELA
JAJPUR ROAD (Opening Soon)

UP TO ₹5,000 EXTRA CASHBACK# SBI card

#Min. Trxn.: ₹40,000; Max. Cashback: ₹5,000 per card account; Validity: 11 Oct - 20 Oct 2025. T&C Apply.

Follow us on: | 1800 3131 777 | Khimjijewellers.com



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୯୨୨- ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍(ବିବିସି)ର ସ୍ଥାପନା ହେଲା।
- ୧୯୪୪- ରୁଷ୍ ସେନା ଚେକୋସ୍ଲୋଭାକିଆ ଉପରେ ଆକ୍ରମଣ କଲା।
- ୨୦୦୪- କୁଖ୍ୟାତ ଚନ୍ଦନ ତସ୍କର ବୀରାପ୍ପାନଙ୍କୁ ହତ୍ୟା କରାଗଲା।
- ୨୦୦୭- ଆଠବର୍ଷ ପରେ ବେନଜୀର ଭୁଟ୍ଟୋ ପାକିସ୍ତାନକୁ ଫେରିଲେ।



## ଧନ୍ୱନ୍ତରୀ ଜୟନ୍ତୀ

ଦୀପାବଳି ହେଉଛି ଏକ ପାଞ୍ଚ ଦିନିଆ ପର୍ବ, ଯାହା ଧନତେରସ୍ ଦିନରୁ ଆରମ୍ଭ ହୋଇଥାଏ। କାର୍ତ୍ତିକ ମାସର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଧନତେରସ୍ ପର୍ବ ପାଳନ କରାଯାଏ। ଧନତେରସ୍‌କୁ ଧନ ତ୍ରୟୋଦଶୀ ମଧ୍ୟ କୁହାଯାଏ। ଏହିଦିନ ମାତା ଲକ୍ଷ୍ମୀ ଓ ଭଗବାନ ଗଣେଶଙ୍କୁ ପୂଜା କରିବା ସହ ଦେବବୈଦ୍ୟ ଶ୍ରୀଧନ୍ୱନ୍ତରୀଙ୍କର ପୂଜା କରିବା ବିଧି ମଧ୍ୟ ଚଳିଆସୁଛି। ଶାସ୍ତ୍ର ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ। ଧନ୍ୱନ୍ତରୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ। ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା। ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା। ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ। ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ୍ ପାଳିତ ହେଲା। ତେଣୁ ଧନତେରସ୍ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ। ଏହି ଦିନ ଘରକୁ ପରିଷ୍କାର କରିବା ସହ କିଛି ନୂଆ ଜିନିଷ କିଣାଯାଏ। ଗୃହର ମୁଖ୍ୟ ଦ୍ୱାରକୁ ସୁସଜ୍ଜିତ କରି ମାତା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ। ଏଥି ସହିତ ବିଶ୍ୱାସ ଅନୁଯାୟୀ, ଏହି ଦିନରେ ସୁନା ଅଳଙ୍କାର କିଣିଲେ ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରିଥାନ୍ତି। ଏହି ଦିନ ଲୋକମାନେ ସୁନା ଗହଣା ସହିତ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଥିବା ରୁପା ଏବଂ ସୁନା କଏନ୍ କିଣିଥାନ୍ତି। ପିତ୍ତଳ ଭଗବାନ ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ବୋଲି ବିବେଚନା କରାଯାଏ। ଏହି କାରଣରୁ ଅଧିକାଂଶ ଲୋକେ ଧନତେରସ୍ ଦିନ ପିତ୍ତଳ ବାସନ କିଣି ଥାଆନ୍ତି। କେବଳ ପିତ୍ତଳ ନୁହେଁ ଏହି ଦିନ ବିଭିନ୍ନ ଧାତୁରେ ତିଆରି ବାସନ କିଣିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ୨ଲକ୍ଷର ସାବୁନ

ସାଧାରଣତଃ ଲୋକେ ଗାଧୋଇବା ସମୟରେ ଶରୀରକୁ ସଫା କରିବା ପାଇଁ ସାବୁନ ଲଗାଇଥାନ୍ତି। ବଜାରରେ ମଧ୍ୟ ବିଭିନ୍ନ ବ୍ରାଣ୍ଡର ସାବୁନ ମିଳିଥାଏ। ସାବୁନଗୁଡ଼ିକର ଦାମ୍ ୧୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଅବଶ୍ୟ ନାମୀ ଦାମୀ ବ୍ରାଣ୍ଡର ସାବୁନଗୁଡ଼ିକ ଟିକେ ଅଧିକ ଦାମ୍‌ର ହୋଇଥାଏ। ହେଲେ ଏମିତି ଏକ ସାବୁନ ଅଛି ଯାହା ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ। ଉତ୍ତର ଲେବାନନ୍‌ର ତ୍ରିପୋଲୀ ସହରରେ ବିଶ୍ୱର ସବୁଠୁ ଦାମୀ ସାବୁନ ପ୍ରସ୍ତୁତ କରାଯାଏ। ଏହାର ଦାମ୍ ୨, ୦୭, ୮୦୦ ଟଙ୍କା। 'ଖାନ୍ ଅଲ ସବୌନ ସାବୁନ' ନାମରେ ପରିଚିତ ଏହି ସାବୁନକୁ 'ବସର ହସନ୍ ଆଣ୍ଡ ସନ୍‌ସ' କମ୍ପାନି ନିର୍ମାଣ କରୁଛି। ଏହି କମ୍ପାନି ବେଶ୍ ଦାମୀ ସାବୁନ୍ ଓ ଅନ୍ୟ ବ୍ୟୁଟି ପ୍ରଡକ୍ଟ ସବୁ ତିଆରି କରିଥାଏ। ଉକ୍ତ କମ୍ପାନି ତାର ଉତ୍ପାଦଗୁଡ଼ିକରେ ପ୍ରାକୃତିକ ତୈଳ ଓ ସୁଗନ୍ଧଗୁଡ଼ିକର ବ୍ୟବହାର କରିଥାଏ। ହାତରେ ପ୍ରସ୍ତୁତ କରାଯାଉଥିବା ଏହି ସାବୁନ୍ ସଂଯୁକ୍ତ ଆରବ ରାଷ୍ଟ୍ରର କ୍ୱଚିତ୍ ଦୋକାନରେ ମିଳିଥାଏ। ଏହା କିଛି ନିର୍ଦ୍ଦିଷ୍ଟ ନାମୀ ଦାମୀ ଗ୍ରାହକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ୨୦୧୩ ମସିହାରେ ଏହାକୁ କତାରର ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ଉପହାରରେ ଦିଆଯିବା ପରେ ଏହା ସାରା ବିଶ୍ୱର ଆକର୍ଷଣ ସାଜିଥିଲା। ତେବେ ଏହି ସାବୁନ ଏତେ ଦାମ୍ ହେବାର କାରଣ ହେଉଛି, ଏଥିରେ ସୁନା ଓ ହୀରା ଗୁଣ୍ଡ ମିଶାଯାଏ। ୧୭ ଗ୍ରାମ୍‌ର ଏହି ସାବୁନରେ ସୁନା ଓ ହୀରାର ଗୁଣ୍ଡ, ମହୁ, ଅଲିଭ୍ ତେଲ ଓ ଅଗରୁ ବ୍ୟବହାର କରାଯାଏ। ଏହା ପ୍ରଥମେ ଯେତେବେଳେ ପ୍ରସ୍ତୁତ କରାଗଲା, ଚିଜ୍ ଭଳି ଦେଖାଯାଉଥିଲା। ପରେ ଏହାର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।





## 'ପଏଜନ୍ ବେବି' ଗୀତ ପାଇଁ ମଲାଇକା ନେଇଛନ୍ତି ୨ କୋଟି

ଦୀପାବଳି ଅବସରରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ 'ଥାମା' ଆସିବ। ଏବେ ଏହି ଫିଲ୍ମର 'ପଏଜନ୍ ବେବି' ଗୀତ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏଥିରେ ଆୟୁଷ୍ମାନ୍, ରଶ୍ମିକାଙ୍କ ସହ ମଲାଇକା ନଜର ଆସିଛନ୍ତି। ଏବେ ଫିଲ୍ମଗୁଡ଼ିକରେ ଆଇଟମ୍ ନମ୍ବର ରଖିବା ଟ୍ରେଣ୍ଡ ଚାଲିଛି। 'ସ୍ତ୍ରୀ ୨'ରେ ତମନ୍ନା ଭାଟିଆଙ୍କ 'ଆଜ୍ କି ରାତ୍' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ପୁଣି ଥରେ ମ୍ୟାଡକକ୍ ଫିଲ୍ମ 'ପଏଜନ୍ ବେବି' ଗୀତ ମାଧ୍ୟମରେ ସେମିତି କିଛି ଆଶା ରଖିଛି। ଏହି ଗୀତରେ ମଲାଇକାଙ୍କ କାଚ ଗିଲାସ ସହ ଜବରଦସ୍ତ ନୃତ୍ୟ ଦେଖିବାକୁ ମିଳିଛି। ତେବେ ତିନି ମିନିଟ୍‌ର ଏହି ଗୀତ ପାଇଁ ମଲାଇକା ୨ କୋଟି ନେଇଥିବା କୁହାଯାଉଛି। ଯାହାକି ବେଶ୍ ଅଧିକ ବୋଲି କୁହାଯାଉଛି। ତମନ୍ନା 'ଆଜ୍ କି ରାତ୍' ଗୀତ ପାଇଁ କୋଟିଏ ଟଙ୍କା ନେଇଥିଲେ। ଏହାବାଦ୍ ଅନେକ ତାରକା ଫିଲ୍ମ ପାଇଁ କୋଟିଏ ଟଙ୍କା ନେଉଛନ୍ତି। ଏହି ଗୀତରେ ମଲାଇକା ଓ ରଶ୍ମିକାଙ୍କ ମଧ୍ୟରେ ନୃତ୍ୟ ଟକ୍କର ହେଉଥିବାର ଦେଖାଯାଇଛି। ଏହାର ନିର୍ଦ୍ଦେଶନା ଆଦିତ୍ୟ ସରପୋତଦାର ଦେଇଛନ୍ତି।

## ବିଶ୍ୱ ରଜୋନିବୃତ୍ତି ଦିବସ



ପ୍ରତିବର୍ଷ ଅକ୍ଟୋବର ମାସ ୧୮ ତାରିଖକୁ 'ବିଶ୍ୱ ରଜୋନିବୃତ୍ତି (ମେନୋପଜ୍) ଦିବସ' ଭାବେ ପାଳନ କରାଯାଏ। ୨୦୦୯ ମସିହାରୁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଅନ୍ତର୍ଜାତୀୟ ମେନୋପୋଜ୍ କମିଟି ପକ୍ଷରୁ ଅକ୍ଟୋବରକୁ ବିଶ୍ୱ ମେନୋପୋଜ୍ ସଚେତନତା ମାସ ଭାବରେ ଏବଂ ଅକ୍ଟୋବର ୧୮ କୁ ଏହି ଦିବସ ପାଳନ ପାଇଁ ମନୋନୀତ କରାଯାଇଥିଲା। ମେନୋପଜ୍ ମହିଳାଙ୍କଠାରେ ଦେଖାଦେଉଥିବା ଏକ ସ୍ୱାଭାବିକ ସ୍ଥିତି। ଯାହାଦ୍ୱାରା ପ୍ରାକୃତିକ ଭାବେ ମାସିକ ଋତୁସ୍ରାବ ବନ୍ଦ ହୋଇଥାଏ। ସାଧାରଣତଃ ୪୫-୫୫ ବର୍ଷ ବୟସରେ ମହିଳାମାନେ ମେନୋପଜ୍ ସମସ୍ୟାକୁ ସାମ୍ନା କରିଥାନ୍ତି। ଏହା ସହ ଗର୍ଭଧାରଣ କ୍ଷମତା ହରାଇଥାନ୍ତି। ବିଭିନ୍ନ ମହିଳାଙ୍କଠାରେ ଏହାର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। ଏହି ସମୟରେ ହରମୋନ୍‌ରେ ପରିବର୍ତ୍ତନ ଆସୁଥିବାରୁ, ତାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ। ଅନ୍ୟପଟେ ଏହି ସମସ୍ୟାକୁ କେତେକ ମହିଳା ସାମ୍ନା କରି ନ ପାରି ଅନେକ ସମୟରେ ଅବସାଦର ଶିକାର ମଧ୍ୟ ହୁଅନ୍ତି। ଶାରୀରିକ ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁଁ କମ୍ ବୟସରେ ବି ମହିଳା ଏହାକୁ ସାମ୍ନା କରିଥାନ୍ତି। ମେନୋପଜ୍‌ର ଲକ୍ଷଣ ଅନୁସାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ଯେଉଁ ମହିଳାମାନେ ଏହି ସମୟରେ ଅବସାଦ ଦେଇ ଗତି କରୁଛନ୍ତି ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଉଚିତ।

## ବାଣଫୁଟା ସାବଧାନ



ଅଧ୍ୟାପକ ମଳୟ କୁମାର ମଲ୍ଲିକ

କାଳିପୂଜା ଛୁଟି ପାଇ ସନାତନ
ହଷ୍ଟେଲୁ ଆସିଛି ସିଏ,
ପୟାଶ୍ରାଦ୍ଧ ପୁଣି ବାଣଫୁଟା ଖୁସି
ଜେଜେ ପାଖେ କହୁଥାଏ ।।
ଏଇବର୍ଷ ଜେଜେ ମହାଧୁମ୍ ଧାମେ
କାଳିପୂଜା କଟାଇବା,
ରକେଟ୍, ହାବେଳି ନଡ଼ିଆ, ସିଙ୍ଗଡ଼ା
ନାନା ବାଣ ଫୁଟାଇବା ।।
ସନା କଥା ଶୁଣି ଉଠିପଡ଼ି ଜେଜେ
ବୁଝାଇ ତାକୁ କହିଲେ,
ଦୀପାବଳି ବୋଲି ମନ ଇଚ୍ଛାବାଣ
ଫୁଟାଇବ ନାହିଁ ପିଲେ ।।
ବାରୁଦରେ ଭିଡ଼ା ବାଣ ତ ହୋଇଛି
ଦଅଡ଼ ପଦାକୁ ଥାଏ,
ଦଅଡ଼ରେ ନିଆଁ ଲଗାଇବା ମାତ୍ରେ
ବାଣ ଯେ' ଫୁଟିଣ ଥାଏ ।।
ନିଆଁ ଲଗାଇବା ବିସ୍ଫୋରଣ ହେବା
ସମୟର ବ୍ୟବଧାନେ,
ଫେରି ନ ଆସିଲେ ଭିନ୍ନକ୍ଷମ ହେବ
ଫୁଟାଇବ ସାବଧାନେ ।।
ଚାଳ ଘରେ ଯଦି ବାଣଫୁଟି ପଡ଼େ
ଜଳିଯିବ ଘରଦ୍ୱାର,
ସତର୍କ ନ ହୋଇ ବାଣ ଫୁଟାଇଲେ
ହୋଇଯିବ ଛାରଖାର ।।
ଦୀପାବଳି ବୋଲି ଲଗାଇବ ଦୀପ
ଜଳାଇବ ଫୁଲଝରି,
ତେଲୁଗୁଣି ବାଣ ତଳେ ଲଗାଇବ
ଆଖି ଠାରୁ ଦୂରକରି ।।■

ବ୍ୟାସନଗର, ଯାଜପୁର
ମୋ- ୯୪୩୯୪୪୧୩୫୫



## ପ୍ରହେଳିକା

- ଆଲୋକର ପର୍ବ ଅଟଇ ସିଏ
କାଳୀଙ୍କର ପୂଜା ଯେଦିନ ହୁଏ
ଅମାବାସ୍ୟା ରାତି ଅଟଇ ସିନା
ଆଲୋକିତ ହୁଏ ଜହ୍ନର ବିନା
ଘରେ ଘରେ ସବୁ ଦୀପ ଜାଳନ୍ତି
ବଡ଼ବଡୁଆଙ୍କୁ ମନେ ଭାଳନ୍ତି
ଭାରି ମନଲୋଭା ପରବଟିଏ
ନାମଟି ତାହାର କହିବ କିଏ?

ଉ-ଦୀପାବଳି

- ଏମିତି ଅଟଇ ଦରବଟିଏ
ଦୀପାବଳି ଦିନ ତା' ଲୋଡ଼ାହୁଏ
ବଡ଼ବଡୁଆ ହୋ ଡାକିଲା ବେଳେ
ଜାଳୁଥାନ୍ତି ତାକୁ ଦାଣ୍ଡ ଦୁଆରେ
ରସି, ଜାଳ, ତେଲ ସବୁ ସେ ଦିଏ
ନାମଟି ତାହାର କହିବ କିଏ?

ଉ-ନଳିତା

- ଏମିତି ପବିତ୍ର ଅଟଇ ସିଏ
ଦେବାଦେବୀ ପାଖେ ସେ ଜଳୁଥାଏ
ଭକତି ଭାବରେ ଯିଏ ଜାଳଇ
ଈଶ୍ୱରଙ୍କ କୃପା ତାକୁ ମିଳଇ
ଗୋଟାଏ ସଳିତା ଟିକିଏ ଘିଅ
ଜାଣିଥିଲେ ତାର ନାମଟି କୁହ?

ଉ-ଦୀପ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଆଲୋକର ପର୍ବ ଦୀପାବଳି ଆମ



ସୁଜିତ କୁମାର ମିଶ୍ର

ଆଲୋକର ପର୍ବ ଦୀପାବଳି ଆମ
ପାଳିବା ସଭିଏଁ ମିଶି,
ଦୀପଟେ ଜାଳିବା ପ୍ରତି ଅଗଣାରେ
ପ୍ରେମ ଜ୍ୟୋତି ପରକାଶି ।
ରଙ୍ଗ ବେରଙ୍ଗର ମୁରୁଜରେ ଆମେ
ସଜେଇବା ଘର ଦ୍ୱାର,
ପରସ୍ପର ସ୍ନେହ ଶରଧାରେ ପରା
ବିରାଜିବ ସ୍ୱର୍ଗପୁର ।
ଉଚ୍ଚ ଶବ୍ଦ ଯୁକ୍ତ ବାଣ ଫୋଟକାକୁ
ଆମେ ଫୁଟେଇବା ନାହିଁ,
ଲାଗିଯାଇ ନିଆଁ କୋମଳ ଦେହରେ
ପ୍ରାଣ ନେବ ପୀଡ଼ା ଦେଇ ।
ନିମନ୍ତ୍ରଣ କରି ବନ୍ଧୁ ବାନ୍ଧବଙ୍କୁ
ହୋଇବା ଏକାଠି ପରା,
ମିଠା କ୍ଷୀରି ପୁରୀ ଖୁଆଇ ସଭିଙ୍କୁ
ଦେଖାଇବା ଭାଇଚାରା ।
ଦୁଃଖୀଙ୍କୁ ଭେଟିବା ଲୁହ ପୋଛି ଦେବା
ଶ୍ରଦ୍ଧାରେ ଜିଣିବା ମନ,
ହୃଦ ତଳେ ତାଙ୍କ ଦୀପଟେ ଜାଳିବା
ପୁଣ୍ୟ ଦୀପାବଳି ଦିନ ।
ଦୀପାବଳି ଆମ ମାଟିର ସଂସ୍କୃତି
ସୁଖ ସମୃଦ୍ଧିର ଭାବ,
ସଭିଙ୍କ ସହିତ ସଭିଏଁ ପାଳିବା
ଭୁଲି ଯେତେ ଭେଦଭାବ ।■

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସୁମନ



## କୃପଣଙ୍କ କୃଷ୍ଣଦର୍ଶନ





ଡ. କାଳିକିଙ୍କର

ଗୋଟିଏ ରାଜ୍ୟରେ ଜଣେ କୃପଣ ବ୍ୟକ୍ତି ରହୁଥିଲେ। ସେ ବହୁତ ଧନବାନ ଥିଲେ ଓ ସୁସ୍ୱାଦୁ ଭୋଜନ ଖାଇବାକୁ ପସନ୍ଦ କରୁଥିଲେ। ସେ କିନ୍ତୁ କୃଷ୍ଣ ଭକ୍ତ ଥିଲେ। ଏକଦା ସେ ତାଙ୍କ ପତ୍ନୀଙ୍କୁ କହିଲେ, ତୁମେ କାହାକୁ କିଛି ଦାନ ଦେବା ଦରକାର ନାହିଁ। କେବଳ ଭଲ ଭଲ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କର ଆମେ ଖାଇବୁ। ପତ୍ନୀ କହିଲେ, କିଛି ଦାନ ଧର୍ମ କଲେ ପୁଣ୍ୟ ମିଳିବ। ଭଗବାନ ଶ୍ରୀକୃଷ୍ଣ ଖୁସି ହେବେ। କୃପଣ ବ୍ୟକ୍ତି ହସିଲେ ଓ କହିଲେ - ଆରେ ମୁଁ କ'ଣ ବୋକା! ସେଥିପାଇଁ ତ ସବୁଦିନ ଭଲ ଭଲ ସୁସ୍ୱାଦୁ ଖାଦ୍ୟ ମୁଁ କୃଷ୍ଣଙ୍କୁ ଖୁଆଏ ଓ ତାପରେ ଆମେ ଖାଉଛେ। ଏହାଠାରୁ ପୁଣ୍ୟ ଆଉ କ'ଣ ଅଛି! ଏହାପରେ ଦୀର୍ଘଶ୍ୱାସ ଛାଡ଼ି ପତ୍ନୀ କହିଲେ ହୋଉ, ପ୍ରଭୁ କୃଷ୍ଣ ଯଦି ଦର୍ଶନ ଦିଅନ୍ତେ ତେବେ ଆମେ ଜାଣିବା କିଛି ପୁଣ୍ୟ ଅର୍ଜନ କରୁଛୁ। କୃପଣ ବ୍ୟକ୍ତି କହିଲେ- ସେଇଟା ମଧ୍ୟ ଆମର ପୂରଣ ହେବ। ଆମକୁ କୃଷ୍ଣଙ୍କ ଦର୍ଶନ ମିଳିବ। ଏମିତି ବହୁତ ବର୍ଷ ବିତିଗଲା। କୃପଣ ବ୍ୟକ୍ତି ନା ଭିକାରୀକୁ ଭିକ ଦିଅନ୍ତି ନା ବୁଭୁକ୍ଷୁଙ୍କୁ ଭୋଜନ ଦିଅନ୍ତି। ସେ ଭାବନ୍ତି ଯେ, କୃଷ୍ଣଙ୍କୁ ପ୍ରସାଦ ଲଗେଇ ଆମେ ଖାଉଛୁ ତାହାହିଁ ଯଥେଷ୍ଟ। ତେବେ ପତ୍ନୀ ଆଉ ଅପେକ୍ଷା କଲେ ନାହିଁ କି ସ୍ୱାମୀଙ୍କ କଥା ମାନିଲେ ନାହିଁ। ସେ ସବୁଦିନ ଅଧିକ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ସ୍ୱାମୀଙ୍କୁ ଦେଲେ, ନିଜେ ଖାଇଲେ ଓ ବାହାରେ ବୁଲୁଥିବା କୁକୁର, ବିଲେଇ, ଗାଈ ଗୋରୁ, ଛେଳି, ମେଣ୍ଢା, ଚଢେଇ ଆଦିଙ୍କୁ ଦେଲେ। ଧୀରେ ଧୀରେ ସେ ବାଟ ଦେଇ ଯାଉଥିବା ଭିକାରୀ ଓ ଭୋକିଲା ଲୋକଙ୍କୁ ଖାଦ୍ୟ ଦେଲେ। ପିଲାମାନଙ୍କୁ ଓ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବାରେ ସେ ଆନନ୍ଦ ପାଇଲେ। ଦିନେ ମନଦୁଃଖ କରି କୃପଣ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କହିଲେ- ଲାଗୁଛି, ଏ ଜନ୍ମରେ କୃଷ୍ଣ ଦର୍ଶନ ହୋଇପାରିବ ନାହିଁ। ତୁମକୁ ଦେଇଥିବା କଥା ମୁଁ ରଖିପାରିଲି ନାହିଁ। ପ୍ରଭୁ କୃଷ୍ଣଙ୍କୁ ମୁଁ ଏତେ ଶ୍ରଦ୍ଧାରେ ସବୁଦିନ ସୁସ୍ୱାଦୁ ଭୋଜନର ପ୍ରସାଦ ଲଗାଏ କିନ୍ତୁ ସେ ମୋ ପ୍ରତି ସାମାନ୍ୟ ଦୟା ଦେଖାଇଲେ ନାହିଁ। ପତ୍ନୀ ହସିଲେ ଓ କହିଲେ -ମୁଁ କିନ୍ତୁ କୃଷ୍ଣ ଦର୍ଶନ ପ୍ରାୟ ସବୁଦିନ ଏବେ କରୁଛି। ତେଣୁ ତୁମେ ବ୍ୟସ୍ତ ହୁଅନାହିଁ। ବରଂ ତୁମେ ଚାହିଁଲେ ମଧ୍ୟ କୃଷ୍ଣ ଦର୍ଶନ କରିପାରିବ। କୃପଣ ଲୋକଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତୁମେ ଏମିତି କ'ଣ କରୁଛ ଯେ, ତୁମକୁ କୃଷ୍ଣ ଦର୍ଶନ ମିଳୁଛି ଆଉ ମୋତେ ମିଳୁନାହିଁ। କୃପଣଙ୍କର ପତ୍ନୀ କହିଲେ- କାଲି ତୁମେ ବାହାରେ ଯାଇ କୃଷ୍ଣ ଦର୍ଶନ କରିପାରିବ। ତେବେ ମନେରଖ ଯେ, ତୁମେ ସେଥିରେ ପ୍ରସନ୍ନ ବା ଖୁସି ରହିବ। ପ୍ରସନ୍ନ ବା ଖୁସିହେଲେ କୃଷ୍ଣ ଦର୍ଶନ ପାଇବ ନହେଲେ ନାହିଁ। ପରଦିନ କୃପଣ ଲୋକର ପତ୍ନୀ ସୁସ୍ୱାଦୁ ଭୋଜନ ରାନ୍ଧି ପ୍ରଭୁଙ୍କୁ ଲଗାଇଲେ ଓ ବାହାରକୁ ଗଲେ। ବାହାରେ ଅନେକ ପଶୁ, ପକ୍ଷୀ, ଗରିବ ଅସହାୟ ଲୋକେ ଆନନ୍ଦରେ ସେ ରାନ୍ଧିଥିବା ଖାଦ୍ୟଗୁଡ଼ିକୁ ଖାଉଥାନ୍ତି। ପଶୁ, ପକ୍ଷୀ, ମଣିଷ ସମସ୍ତେ ଆନନ୍ଦରେ ଖାଉଥାନ୍ତି। ସେହି ଲୋକମାନେ ଆନନ୍ଦରେ ଜୟ କୃଷ୍ଣ, ଜୟକୃଷ୍ଣ କହୁଥାନ୍ତି। କୃପଣର ଭଣ୍ଡାର ଘରୁ ଦ୍ରବ୍ୟମାନ ବୁହାଯାଉଥାଏ ଓ ରନ୍ଧାଯାଇ ଲୋକଙ୍କୁ ଓ ପଶୁପକ୍ଷୀଙ୍କୁ ଦିଆ ଯାଉଥାଏ। କୃପଣ ସେମାନଙ୍କୁ ଦେଖି ଆନନ୍ଦ ଲାଭ କଲେ ଓ ଲାଗିଲା ଯେମିତି ସେ କୃଷ୍ଣ ଦର୍ଶନ କରୁଛନ୍ତି ସମସ୍ତଙ୍କ ଭିତରେ। ସେ ପତ୍ନୀଙ୍କୁ କହିଲେ ବୁଝିଲ, ମୋ ଭଳି କୃପଣଙ୍କର କୃଷ୍ଣ ଦର୍ଶନ ତୁମେ କରେଇ ପାରିଲ। ପତ୍ନୀ କହିଲେ- ଯେଉଁଠି ଦୟା ଓ ଭଲପାଇବା ସେଇଠି କୃଷ୍ଣ। ମୁଁ ଏକଥା ବୁଝିଲା ଦିନରୁ ପ୍ରଭୁ କୃଷ୍ଣଙ୍କୁ ଦର୍ଶନ କରିଚାଲିଛି। ପ୍ରଭୁ କୃପାରୁ କୃପଣଙ୍କର ମଧ୍ୟ କୃଷ୍ଣ ଦର୍ଶନ ହେଲା ଓ ବ୍ୟକ୍ତି ଜଣକ ସେଇଦିନୁ ଦୟାବାନ ହେଲେ ଓ ଦାନଧର୍ମ କଲେ।■

ସୌଭାଗିନୀ ନିବାସ, ରଟିଲୋ, ପୁରୀ
ମୋ-୮୨୪୯୨୧୬୦୬୭




ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ଆର୍ଯ୍ୟା ଯାଦବ
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା




ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଭୁବନେଶ୍ୱର




ସୁଭାଷିନୀ ହାଁସଦା
ସପ୍ତମ ଶ୍ରେଣୀ
ସରକାରୀ ଏସ୍‌ଏସ୍‌ଡି
ଉଚ୍ଚ ବାଳିକା ବିଦ୍ୟାଳୟ
ବହୁବନ୍ଧ, ମୟୂରଭଞ୍ଜ

ଆୟାଂଶୀ ଆରାଲିନ୍
ତୃତୀୟ ଶ୍ରେଣୀ
ମାଉଣ୍ଟ ଲିଟେରା ଜି ସ୍କୁଲ
ବେଙ୍ଗାଲୁରୁ

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ♦ISSUE-112 ♦SATURDAY ♦18 OCTOBER 2025 ♦PAGE-16 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୧୨ ♦ଶନିବାର ♦୧୮ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦




**ପଦକ ନିଶ୍ଚିତ କଲେ ତନ୍ଵୀ**

▶ପୃଷ୍ଠା ୧୬ ଦେଖନ୍ତୁ...

ଭିତର ପୃଷ୍ଠାରେ ▶ ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ

# ଏସ୍‌ସିବି ଏମ୍‌ସ ପ୍ଲସ୍‌କୁ ଧକ୍କା



## କଟକ ବଡ଼ ଡାକ୍ତରଖାନାରେ ୮୯ ମେସିନ୍ ଅଚଳ

**କଟକ, ୧୭।୧୦ (ସମିସ):** ୨୦୧୯ ନଭେମ୍ବର ମାସରେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ଏମ୍ସ ପ୍ଲସ ପ୍ରତିଷ୍ଠାନରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଥିଲେ ୧ ହଜାର କୋଟି ଟଙ୍କା। ମାତ୍ର ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି କରାଯାଇଥିଲା। ୨୦୨୧ ଜାନୁଆରୀ ୧ ତାରିଖରେ ଏସ୍‌ସିବି କାର୍ଯ୍ୟ ସମୀକ୍ଷା ସମୟରେ ଏବାବଦ ବ୍ୟୟ ଅଟକଳକୁ ନବୀନ ପଟ୍ଟନାୟକ ୩୫୦୦ କୋଟିକୁ ବୃଦ୍ଧି କରିଥିଲେ। ୧୭୫ ଏକର ଜମିରେ ୩୫୦୦ କୋଟି ଟଙ୍କା ବ୍ୟୟରେ କଟକ ବଡ଼ ଡ଼ାକ୍ତରଖାନାକୁ ୨୦୨୪ ଶେଷ ସୁଦ୍ଧା ଏମ୍‌ସ ପ୍ଲସ ପ୍ରତିଷ୍ଠାନରେ ରୂପାନ୍ତରଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଆଧୁନିକୀକରଣ ସହ ୨୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ସୁବିଧା ଥିବା ହଷ୍ଟେଲ, ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୧୨୮୦ କ୍ୱାର୍ଟର ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଏସ୍‌ସିବିର ଏମ୍‌ସ ପ୍ଲସ୍ ରୂପାନ୍ତରଣ ଯେମିତି ଅଧାରେ ଅଟକି ଯାଇଛି। ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଓ ରୋଗୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ଏବେ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଏସ୍‌ସିବିରେ ମେସିନ୍ ଉପଲବ୍ଧ ନାହିଁ। ଏପରିକି ବିଭିନ୍ନ ବିଭାଗରେ ୮୯ଟି ଗୁରୁତ୍ୱପୂର୍ଣ୍ଣ ମେସିନ୍ ▶ପୃଷ୍ଠା-୯

**ପୁଲିସ ଚାକିରି ବେପାର**

## ଦିଲ୍ଲୀରୁ ସିଣ୍ଡିକେଟ୍ ଚଳାଉଥିଲା ଶଙ୍କର


- ଗିରଫ ହେଲେଣି ୧୨୩ ଅଭିଯୁକ୍ତ
- ମୁନାକୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ
- ଜବତ ୧୧୦ରୁ ଅଧିକ ମୋବାଇଲର ଫୋରେନସିକ୍ ଯାଞ୍ଚ ହେବ
- ବିଜୟନଗରମ ସହିତ ଦୀଘାକୁ ମଧ୍ୟ ଯାଇଥା'ନ୍ତେ ୧୧୦ରୁ ଅଧିକ ଛାତ୍ରଛାତ୍ରୀ
- ପ୍ରମାଣ ନଷ୍ଟ ପାଇଁ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ଫେରସ୍ତ କରିଥିବା ମହିଳା ଗିରଫ

**କଟକ, ୧୭।୧୦ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୁଲିସ୍ ସର୍ଭିସ ପରୀକ୍ଷା(ସିପିଏସଇ) ୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବେ ବି ଫେରାର୍ ରହିଛି। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୩ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହା କହିବା ସହ ଖୁବଶୀଘ୍ର ଶଙ୍କରକୁ ଗିରଫ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ଘଟଣାରେ ଗତକାଲି କଟକ ଜିଲ୍ଲାର ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥରର ବାସିନ୍ଦା ମୁନା ମହାନ୍ତି (୩୨) ଓରଫ୍ ସଦାନନ୍ଦଙ୍କ ସମେତ ତାଙ୍କର ସହଯୋଗୀ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ମୁନାର ୨ଟି ଟିପର୍, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ନଗଦ ୧ ଲକ୍ଷ ୨୦ ▶ପୃଷ୍ଠା-୯

## ରିପୋର୍ଟ ମାଗିଲେ ଏସ୍‌ଆଇଟି

**ଭୁବନେଶ୍ୱର, ୧୭।୧୦ (ସମିସ):** କଳାଧନ ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ରାଜ୍ୟରେ ହୋଇଥିବା ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ସଂପର୍କରେ ଖୋଳତାଡ଼ କରିବେ। ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ନଭେମ୍ବର ୭ ତାରିଖରେ କଟକରେ ଏ ସଂପର୍କିତ ଏକ ବୈଠକ ହେବ। ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ଅଭିଯୋଗ ଉପରେ ରାଜ୍ୟ ସରକାର ଏଯାଏଁ କ'ଣ ପଦକ୍ଷେପ ନେଇଛନ୍ତି ଏବଂ ତଦନ୍ତ କେତେଦୂର ଅଗ୍ରଗତି କରିଛି, ସେ ସଂପର୍କରେ ଏସ୍‌ଆଇଟି ରିପୋର୍ଟ ମାଗିଛନ୍ତି। ଏଥିସହିତ ରାଜ୍ୟରେ ଗୁଣିଗାରେଡ଼ି ହତ୍ୟା ସଂପର୍କରେ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ମଧ୍ୟ ଏସ୍‌ଆଇଟି କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ବୈଠକରେ କଳାଧନ, ପୁଲିସ ଚାକିରି କେଳେଙ୍କାରୀ ଏବଂ ଗୁଣିଗାରେଡ଼ି ହତ୍ୟା ▶ପୃଷ୍ଠା-୯

**ନଭେମ୍ବର ୭ ରେ କଟକରେ ବୈଠକ**







### କଳିଙ୍ଗନଗର ଶିଳ୍ପାଞ୍ଚଳରେ ବଢୁଛି ଅପରାଧ

# ଡିଜିପିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପ୍ରୀତିରଞ୍ଜନ

ଭୁବନେଶ୍ୱର/ଦାନଗଦି, ୧୭।୧୦(ସମିସ): ରାଜ୍ୟର ଏକ ପ୍ରମୁଖ ଶିଳ୍ପାଞ୍ଚଳ କଳିଙ୍ଗନଗରରେ ଅପରାଧ ବଢ଼ିବାରେ ଲାଗିଛି। ପ୍ରତିଦିନ ଏଠାରେ ଅପରାଧିକ କାର୍ଯ୍ୟକଳାପ ଘଟୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏହାର ପ୍ରତିକାର କରିବାକୁ ଦୃଢ଼ ପଦକ୍ଷେପ ନେବାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ଏନେଇ ଶ୍ରୀ ଘଡ଼ାଇ ପୁଲିସ ଡିଜିଙ୍କୁ ଏକ ପତ୍ର ଲେଖି କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ବଢ଼ୁଥିବା ଅପରାଧ ସମ୍ପର୍କରେ ଅବଗତ କରାଇବା ସହ ଚିନ୍ତା ପ୍ରକଟ କରିଛନ୍ତି।

ଚିଠିରେ ସେ ଦର୍ଶାଇଛନ୍ତି ଯେ କଳିଙ୍ଗନଗର ପ୍ରତିଷ୍ଠିତ ହୋଇଥିବା ଶିଳ୍ପ ସଂସ୍ଥାମାନେ ସ୍ଥାନୀୟ ଯୁବକ, ଯୁବତୀମାନଙ୍କ ନିଯୁକ୍ତିକୁ ଅଣଦେଖା କରି ହଜାର ହଜାର ସଂଖ୍ୟାରେ ବାହାର ରାଜ୍ୟର ଲୋକଙ୍କୁ ଆଣି ନିଯୁକ୍ତି ଏବଂ ଠିକାଦାରୀ କାର୍ଯ୍ୟ ଦେଉଛନ୍ତି। ଏହାଦ୍ୱାରା ସେମାନେ ନାନାଦି ବିଶୃଙ୍ଖଳା ସୃଷ୍ଟି କରିବା ସହ ବିଭିନ୍ନ ପ୍ରକାର ଅପରାଧମୂଳକ କାର୍ଯ୍ୟରେ ସଂପୃକ୍ତ ରହି କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା ନିର୍ବାଚନମଣ୍ଡଳୀ ସମେତ ଯାଜପୁର ଜିଲ୍ଲାବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି। ଶିଳ୍ପ ସଂସ୍ଥାମାନେ ନା ସେମାନଙ୍କର ଅପରାଧିକ କାର୍ଯ୍ୟର ଯାଞ୍ଚ କରୁଛନ୍ତି ନା ସେମାନଙ୍କ ନିଜସ୍ୱ ଥାନାରୁ ରିପୋର୍ଟ ଆଣୁଛନ୍ତି। ଏ ପରିପ୍ରେକ୍ଷୀରେ କଳିଙ୍ଗନଗର, ବ୍ୟାସନଗର ଏବଂ ଯାଜପୁର ଜିଲ୍ଲାବାସୀ ବହିରାଗତ ବ୍ୟକ୍ତିମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚୋରି, ଡକାୟତି, ସଂପତ୍ତି ନଷ୍ଟ, ଜୀବନ ହାନୀ ଇତ୍ୟାଦିର ଶିକାର ହେଉଛନ୍ତି। ସେମାନଙ୍କ ଜରିଆରେ ନିଶାଦ୍ରବ୍ୟ କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇବା ଫଳରେ ସ୍ଥାନୀୟ ଯୁବକମାନେ ନିଶା ଦ୍ରବ୍ୟ ସେବନ କରି ବିପଥଗାମୀ ହେଉଛନ୍ତି। ୨୦୨୫ ମସିହା ମଧ୍ୟରେ ପାଣିକୋଇଲି ଅଳଙ୍କାର ଦେକାନ ଡକାୟତି ଓ ହତ୍ୟା, ଡିଜେଲ ଚୋରି, ଟାୟାର ଦେକାନରୁ ଚୋରି ଏବଂ ଦୁଇଦିନ ତଳେ ବ୍ୟାସନଗରରେ ଗୁଳିକାଣ୍ଡ ଘଟଣା ଇତ୍ୟାଦି ସମସ୍ତଙ୍କୁ ଭୟଭୀତ କରିବା ସହ ସର୍ବସାଧାରଣ ସୁରକ୍ଷା ପ୍ରତି ଘୋର୍ ବିପଦ ଦେଖାଦେଇଛି। ଯେହେତୁ ସୁକିନ୍ଦା ନିର୍ବାଚନମଣ୍ଡଳୀ ଏକ ଖଣି ଏବଂ ଶିଳ୍ପ ବହୁଳ ଅଞ୍ଚଳ, ତେଣୁ ବାହାର ରାଜ୍ୟରୁ ଆସୁଥିବା ଅପାରାଧୀଙ୍କ ପାଇଁ ଏହା ଏକ ଚରାଭୂଇଁ ପାଲଟିଛି। କଳିଙ୍ଗନଗର ତଥା ଯାଜପୁର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧମୂଳକ କାର୍ଯ୍ୟ ଭବିଷ୍ୟତରେ ଅଧିକ ଖରାପ ହେବା ପୂର୍ବରୁ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେସଙ୍ଗେ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଏବଂ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶିଳ୍ପ ସଂସ୍ଥାମାନେ ବହିରାଗତ କର୍ମଚାରୀମାନଙ୍କ ବଦଳରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବାପାଇଁ ନିର୍ଦ୍ଦେଶ ଦେବାକୁ ଚିଠିରେ ଅନୁରୋଧ କରିଛନ୍ତି।



ସୂର୍ଯ୍ୟାସ୍ତ ସମୟର ଆକାଶ ମାର୍ଗରୁ ପୁରୀ ସହରର ମନୋରମ ଦୃଶ୍ୟ (ଫଟୋ- ଅନୀଲ)

### ଭୁଶୁଡ଼ିଲା ମାଓ ସଂଗଠନ

# ଏକାଥରକେ ଆତ୍ମସମର୍ପଣ କଲେ ୧୫୦ ମାଓବାଦୀ

ମାଲକାନଗିରି, ୧୭।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଜଗଦଲପୁରରେ ଦିନକରେ ୧୫୦ରୁ ଅଧିକ ମାଓବାଦୀ ଅସ୍ତ୍ର ଛାଡ଼ି ବିଜାପୁର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ଜଗଦଲପୁରଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ଉପସ୍ଥିତିରେ ଶାନ୍ତିପଥକୁ ଆପଣାଇଛନ୍ତି। ଏହା ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଅପରପକ୍ଷେ, କେନ୍ଦ୍ରୀୟ କମିଟି ସଦସ୍ୟ ରୂପେଶଙ୍କ ନେତୃତ୍ୱରେ ଇନ୍ଦ୍ରାବତୀ ଏବଂ ମାଡ୍ ଡିଭିଜନର ୧୫୦ରୁ ଅଧିକ ନକ୍ସଲଙ୍କ ଆତ୍ମସମର୍ପଣ ପରେ ମାଓ ସଙ୍ଗଠନ ଏକପ୍ରକାର ଭୁଶୁଡ଼ି ପଡ଼ିଛି।

ଆତ୍ମସମର୍ପଣ କରିଥିବା ମାଓନେତା ରୂପେଶଙ୍କ ନାମରେ ସରକାର ୫୦ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ମାଡ୍ ମାଓ ଡିଭିଜନ୍‌ର ମୁଖ୍ୟ ରୂପେଶଙ୍କ ସହ ଶତାଧିକ ନକ୍ସଲ ପ୍ରଥମେ ଇନ୍ଦ୍ରାବତୀ ନଦୀକୂଳରେ ଏକାଠି ହୋଇଥିବା ବେଳେ ସମସ୍ତଙ୍କୁ ବସ୍ ଯୋଗେ ଜଗଦଲପୁର ନିଆଯାଇଥିଲା। ଏହି ମାଓବାଦୀଙ୍କ ଆତ୍ମସମର୍ପଣ ଖବର ପାଇବା ପରେ ସେମାନଙ୍କ ସୁରକ୍ଷା ପାଇଁ ଯବାନଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

### ବାହାର ରାଜ୍ୟରେ ବଢୁଛି ଓଡ଼ିଆ ମହିଳାଙ୍କ ପ୍ରତି ବିପଦ

# ୩ ବର୍ଷରେ ୨୩ ଦୁଷ୍କର୍ମ

ଭୁବନେଶ୍ୱର,୧୭।୧୦(ସମିସ): ଓଡିଶାରୁ ଅନେକ ଯୁବତୀ, ମହିଳା ରାଜ୍ୟ ବାହାରକୁ ଶିକ୍ଷା ଏବଂ ଚାକିରି ଅନ୍ୱେଷଣରେ ଯାଉଛନ୍ତି। ହେଲେ ସେଠାରେ ସେମାନେ ଗଣଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି। ଅନ୍ୟ ରାଜ୍ୟ ପୁଲିସ ଯେଉଁଭଳି ଭାବେ ତତ୍ପର ଦେଖାଇବା ତାହା ଦେଖାଉନାହାନ୍ତି। ଯାହାର ଉଦାହରଣ ପଶ୍ଚିମବଙ୍ଗରେ ବାଲେଶ୍ୱର ଡାକ୍ତରୀ ଛାତ୍ରୀ ଗଣ ଦୁଷ୍କର୍ମ ମାମଲାରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ପୁଲିସ ଏବଂ ସେଠାର ମହିଳା କମିଶନ ସହଯୋଗ କରୁନାହାନ୍ତି। କିନ୍ତୁ ଓଡିଶା ସରକାର ସେଠାର ପୁଲିସ ଏବଂ ପ୍ରଶାସନ ସହ କଥା ହେବା ପରେ ତତ୍ପରତା ଦେଖାଉଛନ୍ତି। ଏହି ଗୋଟିଏ ଘଟଣା ନୁହେଁ ଗତ ୩ ବର୍ଷରେ ୨୩ ଜଣ ମହିଳା ରାଜ୍ୟ ବାହାରେ ଦୁଷ୍କର୍ମ ଓ ୯ ଜଣ ହତ୍ୟାର ଶିକାର ହୋଇଛନ୍ତି।

ନିକଟରେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଦୁର୍ଗାପୁରରେ ଓଡ଼ିଶାର ଜଣେ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଛନ୍ତି। କଲେଜ କ୍ୟାମ୍ପସ ବାହାରକୁ ଜଣେ ପୁରୁଷ ବନ୍ଧୁଙ୍କ ସହ ଯାଇଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରିବା ସହ ନିଛାଟିଆ ଜାଗାକୁ ଟାଣି ନେଇଥିଲେ। ଜଙ୍ଗଲିଆ ଜାଗାରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଏଯାଏ ୫ ଜଣ ଗିରଫ ହୋଇଛନ୍ତି ଓ ପଶ୍ଚିମବଙ୍ଗରେ ଏହାକୁ ନେଇ ରାଜନୀତି ତୀବ୍ର ହୋଇଛି।

ସେହିପରି ହାଇଦ୍ରାବାଦରେ ଜଣେ ଓଡ଼ିଆ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହାଇଦ୍ରାବାଦ ପେଟବଶିରାବାଦ ଅଞ୍ଚଳରେ ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଏହି ଘଟଣା ଘଟିଛି। ଭରତପୁର ଅଞ୍ଚଳରେ ରହୁଥିବା ଏହି ମହିଳା ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ଗୌତମ ଚରଣ ଘଡାଇଙ୍କୁ ବିବାହ କରିଥିଲେ। ତାଙ୍କର ୪ ବର୍ଷର ପୁଅଟିଏ ରହିଛି। ସ୍ୱାମୀ ଏକ କମ୍ପାନୀରେ ଇଲେକ୍ଟ୍ରୋନିକ ରକ୍ଷଣାବେକ୍ଷଣା ବିଭାଗରେ କାମ କରୁଥିବାବେଳେ କମ୍ୟୁନିଟି ସେଣ୍ଟରରେ ପିଲାଙ୍କୁ ପାଠ ପଢାନ୍ତି ଅନିନ୍ଦିତା। କମ୍ପାନୀ ପରିସରରେ ଥିବା କ୍ୱାର୍ଟରରେ ସେ ରହୁଥିଲେ। ପାସପୋର୍ଟରେ ନାମ ସଂଶୋଧନ ପାଇଁ ତାଙ୍କ ସ୍ୱାମୀ ଭୁବନେଶ୍ୱର ଆସିଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିଲା।

ଗତ ଫେବ୍ରୁଆରୀରେ ତ୍ରିପୁରାରେ ଜଣେ ଓଡ଼ିଆ ମହିଳାଙ୍କୁ ଛୁରୀ ଦେଖାଇ ଗଣ ଦୁଷ୍କର୍ମ କରାଯାଇଥିଲା। ମହିଳା ଏବଂ ତାଙ୍କ ସ୍ୱାମୀ କାମ ଖୋଜିବାକୁ ତ୍ରିପୁରା ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଏକ ଘରକୁ ନେଇ ଗଣ ଦୁଷ୍କର୍ମ କରିଥିଲେ। ୨୦୨୪ ସେପ୍ଟେମ୍ବର ମାସରେ କର୍ଣ୍ଣାଟକରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଗଣ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଯୁବତୀ ଜଣଙ୍କ କାମ କରିବା ପାଇଁ କର୍ଣ୍ଣାଟକ ଯାଇଥିଲେ। ସେଠାରେ ସେ ପହଞ୍ଚିବା ପରେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟମାନେ ଏକ କାରରେ ଆସି ତାଙ୍କୁ ନେଇଥିଲେ। ଯୁବତୀଙ୍କୁ ଏକ ନିରୋଳା ସ୍ଥାନକୁ ନେଇ ଗଣ ଦୁଷ୍କର୍ମ ପରେ ହତ୍ୟା କରିଥିଲେ। ୨୦୨୪ ନଭେମ୍ବର ୫ରେ ଜଣେ ୩୪ ବର୍ଷିୟ ମହିଳାଙ୍କୁ ଦିଲ୍ଲୀରେ ଗଣ ଦୁଷ୍କର୍ମ କରାଯାଇଥିଲା। ମହିଳା ଜଣଙ୍କ ପରିବାର ଲୋକଙ୍କ ଉପରେ ରାଗି ଦିଲ୍ଲୀ ଯାଇଥିଲେ ଓ ସେଠାରେ ସରାଇକଲେ ଖାନ୍ ଅଞ୍ଚଳରେ ଜଣେ ଆଟୋ ଡ୍ରାଇଭର ସମେତ ୩ଜଣ ତାଙ୍କୁ ଗଣଦୁଷ୍କର୍ମ କରି ଦକ୍ଷିଣ-ପୂର୍ବ ଦିଲ୍ଲୀ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ।

### ନୂଆପଡ଼ା ଉପନିର୍ବାଚନ

# ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ପ୍ରାର୍ଥୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କୁ ସମସ୍ତ ପୂର୍ବବର୍ତ୍ତୀ ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ବାଧ୍ୟତାମୂଳକ ବୋଲି କୁହାଯାଇଛି। ତେଣୁ, ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୪୮ଘଣ୍ଟା ମଧ୍ୟରେ ମୁଦ୍ରିତ ଗଣମାଧ୍ୟମ, ସ୍ୱକୀୟ ଅଫିସିଆଲ ସୋସିଆଲ ମିଡିଆ ଓ ୱେବସାଇଟ୍ ମାଧ୍ୟମରେ ଫର୍ମ-ସି ୭ର ସୁସ୍ପଷ୍ଟ ପରିପ୍ରକାଶ କରିବେ। ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୭୨ଘଣ୍ଟା ମଧ୍ୟରେ ଫର୍ମ-୮ସି ଓ ଫର୍ମ-ସି ୭ର ନକଲ ସଂଲଗ୍ନ କରି ଭାରତ ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ କରିବେ।

ନୂଆପଡ଼ା ଉପନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ୨୦ ଅକ୍ଟୋବର ୨୦୨୫କୁ ଧାର୍ଯ୍ୟ କରାଯାଇଛି। ଫର୍ମାଟ୍-ସି(ଏ)କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୪ ରହିଥିବା ବେଳେ ନିର୍ବାଚନ ଆୟୋଗଙ୍କ ନିକଟରେ ଫର୍ମ ୭ ଏକୁ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ ବୋଲି ଏଥିରେ ଦର୍ଶାଯାଇଛି। ଉପରୋକ୍ତ ସମସ୍ତ ଦସ୍ତାବିଜ୍ ଇ-ମେଲ୍ ଜରିଆରେ ନିର୍ବାଚନ ଆୟୋଗ ନିକଟରେ ଦାଖଲ ହେବ। ଉପରୋକ୍ତ ନିର୍ଦ୍ଦେଶାବଳୀକୁ ପାଳନ ନକଲେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଭାବରେ ବିବେଚିତ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି।

# ହସ୍ପିଟାଲ ପରିସରରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ବାରିପଦା, ୧୭।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରୁ ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୁହଁପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ଗଳିତ ହୋଇ କଙ୍କାଳ ଦେଖାଯାଉଥିବା ବେଳେ ଲମ୍ବାବାଳରୁ ମହିଳା ବୋଲି ଜଣାପଡ଼ିଛି। ହସ୍ପିଟାଲ ପରିସରସ୍ଥିତ ୧୮୦ଶଯ୍ୟା ବିଶିଷ୍ଟ ବିଲ୍ଡିଂ ପଛରେ ଥିବା ଗଛ ଡାଳରେ ମୃତଦେହଟି ଝୁଲନ୍ତା ଅବସ୍ଥାରେ ରହିଥିଲା। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ମୁହଁରେ ଏସିଡ୍ ପକାଇ

**ଏସିଡ୍ ପକାଇ ହତ୍ୟା ସନ୍ଦେହ**

ବିକୃତ କରିଦେଇଥିବା ଅନୁମାନ କରାଯାଉଛି। ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଗଛ ଡାଳରେ ଟାଙ୍ଗି ଦେଇଥିବା କୁହାଯାଉଛି। ବାରିପଦା ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ମଧ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ମହିଳାଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଚଳାଇଛି। ଅପରପକ୍ଷେ, ହସ୍ପିଟାଲ ପରିସରରେ ପୁଲିସ ସୁରକ୍ଷା ବ୍ୟବସ୍ଥା ଥିବା ବେଳେ କିପରି ଏ ଅଘଟଣ ଘଟିଲା, ତାହାକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି ହୋଇଛି।

# ଶିକ୍ଷୟିତ୍ରୀଙ୍କୁ ବନ୍ଧୁକ ଦେଖାଇ ଗହଣା ଲୁଟିନେଲେ

ମହୁଲଡିହା/ଠାକୁରମୁଣ୍ଡା, ୧୭।୧୦ (ସମିସ): ବନ୍ଧୁକ ଦେଖାଇ ଶିକ୍ଷୟିତ୍ରୀଙ୍କଠାରୁ ଲୁଟିନେଲେ ସୁନାଗହଣା। ଲୁଟ୍‌ର ଶିକାର ମହିଳାଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଗୁହାଳଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନୀତା। ସେ ଆଜି ବାଘମୁଣ୍ଡା(ଡଙ୍ଗାଟୁଆସାହି)ରୁ ଏକ ସ୍କୁଟିରେ ଗୁହାଳଡିହି ସ୍କୁଲକୁ ଯାଉଥିବବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କ ପିଛା କରିଥିଲେ। ନିଛାଟିଆ ସ୍ଥାନରେ ସେମାନେ ସୁନୀତାଙ୍କ ଓଢଣୀ ଟାଣିଦେବାରୁ ସେ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ। ପରେ ଦୁର୍ବୃତ୍ତଦ୍ୱୟ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ସେ ପିନ୍ଧିଥିବା ସୁନାହାର ଏବଂ କାନଫୁଲ ଛଡ଼ାଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ପ୍ରଧାନ ଶିକ୍ଷକ ଦଶରଥ କିସ୍କୁ ଘଟଣାସ୍ଥଳରେ ପହଞ୍ଚି ସୁନୀତାଙ୍କୁ ବିଦ୍ୟାଳୟକୁ ନେଇଥିଲେ। ପରେ ଏ ସଂପର୍କରେ ସୁନୀତା ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ଓଡ଼ିଶା ଫେରିବେ ଜାମ୍ମୁ-କାଶ୍ମୀରରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁ

ଭୁବନେଶ୍ୱର, ୧୭।୧୦ (ସମିସ): ଜାମ୍ମୁକାଶ୍ମୀରସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁଙ୍କ ମୃତଦେହ ଓଡ଼ିଶା ଫେରିବ। ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା

**ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ**

ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସେମାନଙ୍କ ଶବକୁ ରାଜ୍ୟକୁ ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ମୃତକମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ତରଭାର ବିଚିତ୍ର କୁମାର, ଯୋଗୀନ୍ଦ୍ର ମଟାରୀ ଏବଂ କବିତା ସାହୁ। ଏହାସହ, ଏହି ଦୁର୍ଘଟଣାରେ ଆହତ ହୋଇଥିବା ସ୍ନେହଲତା ମଟାରୀଙ୍କୁ ସେଠାରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି ବୋଲି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲାର ୪ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାଟରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ।

### ପୁଲିସ୍ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ପ୍ରସଙ୍ଗ

# ବଡ଼ମୁଣ୍ଡଙ୍କୁ ଖସାଇବା ପାଇଁ ଦାୟିତ୍ୱ ନେଇଛି କ୍ରାଇମବ୍ରାଞ୍ଚ: ବିଜେଡି

ଭୁବନେଶ୍ୱର,୧୭।୧୦(ସମିସ): ପୁଲିସ୍ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ବଡ଼ମୁଣ୍ଡ ମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି। ପ୍ରାୟ ୨୫୦ କୋଟି ଟଙ୍କାର ଏହି ନିଯୁକ୍ତି ସ୍କାମ୍‌ରେ ସରକାରୀ ଦଳର ଓ ପୁଲିସ୍ ବିଭାଗର ଅନେକ ବଡ଼ମୁଣ୍ଡ ସାମିଲ ଥିବାବେଳେ କ୍ରାଇମବ୍ରାଞ୍ଚ ତଳତଳିଆଙ୍କୁ ଧରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେନିନ ମହାନ୍ତି କହିଛନ୍ତି, ଏହି ନିଯୁକ୍ତି କେଲେଙ୍କାରୀର ଜଣେ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କ ୨ ସହଯୋଗୀ ମୁନା ମହାନ୍ତି ଓ ରିଙ୍କୁ ମହାରଣାଙ୍କୁ ଘଟଣାର ୩ ସପ୍ତାହ ପରେ କ୍ରାଇମବ୍ରାଞ୍ଚ ଗିରଫ କରି ଉଲ୍ଲସିତ ଅନୁଭବ କରିଛି। କ୍ରାଇମବ୍ରାଞ୍ଚର ଡିଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ୨ ସହଯୋଗୀଙ୍କ ଗିରଫରେ ଉଲ୍ଲସିତ ହେଉଥିଲେ। ଗଣମାଧ୍ୟମର ପ୍ରତିନିଧି ଯେତେବେଳେ ଏହି ଘଟଣାର ହିଷ୍ଟ୍ରି ଟ୍ରେଲ୍ ବା ସମ୍ପୃକ୍ତ

**ଶଙ୍କର ପୃଷ୍ଟିର ଦୁଇ ସହଯୋଗୀଙ୍କୁ ଧରି କ୍ରାଇମବ୍ରାଞ୍ଚ ଉଲ୍ଲସିତ**

**ଆଉଟ୍‌ସୋର୍ସିଂ ପାଇଁ ଅନୁମୋଦନ ଦେଇଥିଲେ କି ମୁଖ୍ୟମନ୍ତ୍ରୀ?**

ଥିବା ଅନ୍ୟ ବଡ଼ମୁଣ୍ଡଙ୍କୁ କେବେ ଖୋଜିବେ ବୋଲି ପ୍ରଶ୍ନ କରିଥିଲେ, ଡିଜି ମହୋଦୟ ଟିକେ ହସି ଦେଇ କହିଥିଲେ, ତାକୁ ଆପଣ ଖୋଜନ୍ତୁ। ଡିଜିଙ୍କ ଉତ୍ତର ଶୁଣି କେବଳ ଆମେ ନୁହେଁ, ସମଗ୍ର ଓଡିଶା ଆଶ୍ଚର୍ଯ୍ୟ ବୋଲି ଡଃ ମହାନ୍ତି କହିଛନ୍ତି।

ଏଥିରୁ ସ୍ପଷ୍ଟ ହେଉଛି ଯେ କ୍ରାଇମବ୍ରାଞ୍ଚର ଅନୁସନ୍ଧାନ କେବଳ ତଳତଳିଆଙ୍କୁ ଧରି ଘଟଣାକୁ ଚପାଇ ଦେବା। ପ୍ରାୟ ୯୩୩ ଜଣ ପୁଲିସ୍ ଏସ୍ଆଇ ନିଯୁକ୍ତି ପାଇଁ ଓପିଆରବିର ଦାୟିତ୍ୱ ଥିବାବେଳେ ଏହାକୁ କେନ୍ଦ୍ର ସରକାରଙ୍କ ସଂସ୍ଥା ଆଇଟିଆଇକୁ ପ୍ରଦାନ କରାଯାଇଥିଲା। ପରେ ଆଇଟିଆଇ ସିଲିକନ ଟେକ୍‌ଲାବକୁ ପ୍ରଦାନ କରିଥିଲା ଏବଂ ସିଲିକନ ପୁଣି ପଞ୍ଚସଫ୍ଟ ଟେକ୍ନୋଲୋଜିକୁ ଆଉଟ୍‌ସୋର୍ସ କରିଥିଲା। ରାଜ୍ୟ ପୁଲିସ୍ ବିଭାଗ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧୀନରେ ଥିବାବେଳେ ଏହି ଆଉଟ୍‌ସୋର୍ସ କିପରି ହୋଇପାରିଲା? ଏହା ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ପାଇଛି କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ ବୋଲି ବିଜେଡି କହିଛି। ସେହିପରି ପୁଲିସ୍ ବିଭାଗର ବଡ଼ ଅଧିକାରୀଙ୍କ ଭୂମିକା ମଧ ସନ୍ଦେହଘେରରେ। କ୍ରାଇମବ୍ରାଞ୍ଚର ତଦନ୍ତ ଏ ଦିଗ ଗୁଡିକ ସ୍ପର୍ଶ କରୁନାହିଁ, ଯେଉଁଥିରୁ ବଡ଼ ବଡ଼ ମୁଣ୍ଡକୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ସ୍ପଷ୍ଟ ଜଣାପଡୁଥିବା ବିଜେଡି ପକ୍ଷରୁ କୁହାଯାଇଛି।

### ପୀତବାସ ହତ୍ୟାକାଣ୍ଡକୁ ୧୨ଦିନ ବିତିଲା

# ରହସ୍ୟ ଭେଦିପାରୁନି ପୁଲିସ

ବ୍ରହ୍ମପୁର, ୧୭।୧୦(ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ୧୨ଦିନ ବିତିଛି। ତଦନ୍ତରେ ଯଦିଓ ଅଗ୍ରଗତି ଘଟିଛି ଏବଂ ପୁଲିସକୁ କିଛି ସଫଳତା ମିଳିଛି, ତଥାପି ରହସ୍ୟ ଭେଦ କରିପାରିନି ପୁଲିସ। ବର୍ତ୍ତମାନ ସୁଦ୍ଧା ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୮ଜଣଙ୍କୁ ଅଟକ ରଖି ଜେରା କରାଯାଉଛି। ଅଟକଙ୍କ ମଧ୍ୟରେ ବିହାରର ୨ଜଣ, ପଶ୍ଚିବଙ୍ଗରୁ ଜଣେ, ଦିଲ୍ଲୀରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଏବଂ ବ୍ରହ୍ମପୁରରୁ ୩ଜଣ ସାମିଲ ଥିବା ଜଣାପଡିଛି। ପଶ୍ଚିବଙ୍ଗରୁ କାବୁ କରାଯାଇଥିବା ଯୁବକଜଣଙ୍କ ଗଞ୍ଜାମ ଜିଲ୍ଲା ଏରେଣ୍ଡ୍ରା ଅଞ୍ଚଳର ବୋଲି ସୂଚନା ମିଳିଛି। ସେହିଭଳି ବ୍ରହ୍ମପୁରର ଜଣେ ପୂର୍ବତନ ଛାତ୍ରନେତାଙ୍କୁ ଦିଲ୍ଲୀରୁ ପୁଲିସ ଉଠାଇ ଆଣିଥିବା ବେଳେ ସେ ଗଜପତିନଗର ନିବାସୀ ବୋଲି କୁହାଯାଉଛି।

ଅନୁରୂପ ଭାବେ ସହରର ଜଣେ ଜଣାଶୁଣା ମଦ ବ୍ୟବସାୟୀଙ୍କ ସମେତ ଜଣେ କର୍ପୋରେଟର୍‌ଙ୍କୁ ମଧ୍ୟ ପୁଲିସ ଅଟକ ରଖି ଜେରା କରୁଛି। ଅଟକ କର୍ପୋରେଟର୍‌ଙ୍କୁ ୩ଦିନ ଧରି ଜେରା କରାଯାଉଥିବା ବେଳେ ଦିଲ୍ଲୀରୁ କାବୁ ହୋଇଥିବା ପୂର୍ବତନ ଛାତ୍ର ନେତାଙ୍କ ମୋବାଇଲ ଓ ସିମ୍‌କୁ ପୁଲିସ ଜବତ କରିଛି। ସୁପାରି କିଲରଙ୍କୁ ସହଯୋଗ କରିଥିବା ତଥା ରେକି ଟିମ୍‌ରେ ସାମିଲ ଥିବା ଜଣେ ଯୁବକଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖପାଟଣାରୁ କାବୁ କରାଯାଇ ଜେରା କରାଯାଉଛି।



**କର୍ପୋରେଟର, ମଦ ବ୍ୟବସାୟୀ ଓ ପୂର୍ବତନ ଛାତ୍ରନେତାଙ୍କ ସମେତ ୮ ଅଟକ**

**ମେଳ ଖାଉଛି କାହ୍ନୁ ପତିଙ୍କ 'ଆନ୍ଧ୍ର ବନ୍ଧୁକ ଓ ବିହାରୀ କିଲର୍' ବୟାନ**

**ହତ୍ୟାର କାରଣ ଓ ସୁପାରି ପରିମାଣର ଖୋଳତାଡ଼ କରୁଛି ପୁଲିସ**

ଅନ୍ୟପକ୍ଷରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ଯୋଗୁ ପୁଲିସ ସୁପାରି କିଲରଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା। ବ୍ରହ୍ମପୁରରେ ଅବସ୍ଥାନ ସମୟରେ ଜଣେ ବିହାରି ସୁପାରି କିଲର ନିଜର ସମ୍ପର୍କୀୟ ଭାଇଙ୍କ ଆକାଉଣ୍ଟକୁ କିଛି ଟଙ୍କା ପଠାଇଥିଲେ। ନିଜ ନିକଟରେ ଥିବା ନଗଦ ଟଙ୍କାକୁ ପଠାଇବାରେ ସମସ୍ୟା ହେବାରୁ ସେ ସ୍ଥାନୀୟ ଗୋଇଲୁଣ୍ଡିସ୍ଥିତ ଏକ ରିଚାର୍ଜ ଦୋକାନକୁ ଯାଇ ସମ୍ପୃକ୍ତ ଦୋକାନୀଙ୍କୁ ନଗଦ ଟଙ୍କା ଦେଇ ଅନ୍‌ଲାଇନରେ ସମ୍ପର୍କୀୟ ଭାଇଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଯାହା ସେମାନଙ୍କ ନିକଟରେ ପହଞ୍ଚିବାରେ ପୁଲିସ ପାଇଁ ସହାୟକ ହୋଇଥିଲା। ସୁପାରି କିଲର୍ ବିହାରୀ ହୋଇଥିଲେ ହେଁ ହତ୍ୟାକାଣ୍ଡରେ ଆନ୍ଧ୍ର ବନ୍ଧୁକ ବ୍ୟବହାର ହୋଇଥିବା ନେଇ ସନ୍ଦେହ ଘନୀଭୂତ ହୋଇଛି।

ପୂର୍ବରୁ ଯଦିଓ କାହ୍ନୁ ପତିଙ୍କ ମନ୍ତବ୍ୟକୁ ନେଇ ଅନେକେ ଅସନ୍ତୋଷ ବ୍ୟକ୍ତ କରିଥିଲେ, ତେବେ ପରବର୍ତ୍ତୀ ସମୟରେ ସେଥିରେ ଅନେକାଂଶରେ ସତ୍ୟତା ଥିବା ଜଣାପଡୁଛି। ଏପରିକି, ସୁପାରି କିଲରମାନେ ସେପ୍ଟେମ୍ବର ୨୭ରୁ ପୀତବାସଙ୍କୁ ପିଛା କରୁଥିବା ନେଇ କାହ୍ନୁ ବୟାନ ଦେଇଥିବା ବେଳେ ଉଭୟ ସୁପାରି କିଲର ସେପ୍ଟେମ୍ବର ୧୨ରୁ ବ୍ରହ୍ମପୁରକୁ ଆସିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ ବେଳେ ସ୍ପଷ୍ଟ ଜଣାପଡ଼ିଛି। ଗୁଳିକାଣ୍ଡକୁ ଇତିମଧ୍ୟରେ ୧୨ଦିନ ବିତି ଯାଇଥିଲେ ହେଁ ହତ୍ୟାର କାରଣ ସ୍ପଷ୍ଟ ହୋଇପାରିନାହିଁ। ରାଜ୍ୟ ବାହାରୁ ଆମଦାନୀ ହୋଇଥିବା ସୁପାରୀ କିଲରଙ୍କୁ ପୀତବାସଙ୍କ ହତ୍ୟା ପାଇଁ କେତେ ଟଙ୍କାର ଡିଲ ହୋଇଥିଲା ଏବଂ କେଉଁ କାରଣ ପାଇଁ ଏଭଳି ଚରମ ପଦକ୍ଷେପ ନିଆଯାଇଥିଲା, ସେନେଇ ଅଟକ ବ୍ୟକ୍ତିଙ୍କ ଠାରୁ ତଥ୍ୟ ଓଗାଳିବାକୁ ଚେଷ୍ଟା କରୁଛି ପୁଲିସ। ସେହିଭଳି ଚିହ୍ନଟ ଦୁଇ ସୁପାରି କିଲରଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ଜଣେ ଫେରାର୍ ରହିଛି। ଫଳରେ ଫେରାର୍ ସୁପାରି କିଲରର ଭାଇକୁ ପୁଲିସ ଉଠାଇ ଆଣିଛି। ଆମ୍ବପୁଆ ରିଜର୍ଭ ପୁଲିସ ବାରାକ୍‌ରେ ଅଟକ ସମସ୍ତ ୮ଜଣଙ୍କୁ ଜେରା କରି ପୁଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓଗାଳିଥିବା ବେଳେ ଆଗକୁ ଆହୁରି ଅନେକଙ୍କୁ ଉଠାଇ ଆଣି ଜେରା କରିବାର ସମ୍ଭାବନା ରହିଛି। ହତ୍ୟାକାଣ୍ଡ ପଛରେ ବାଲି ଲିଙ୍କ୍ ଏକ ପ୍ରମୁଖ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ବିରୋଧରେ ମନ୍ତବ୍ୟ

# ୫ ବିଦ୍ୟାର୍ଥୀ ବହିଷ୍କୃତ

କୋରାପୁଟ, ୧୭।୧୦ (ସମିସ): ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟ ଅଧ୍ୟାପକମାନଙ୍କ ସମ୍ପର୍କରେ ହ୍ୱାଟ୍‌ସଆପ୍ ଗ୍ରୁପରେ ଅଶ୍ଳୀଳ ଭାଷାରେ ଟିକାଟିପ୍ପଣୀ ପୋଷ୍ଟ କରିବା ଅଭିଯୋଗରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଜଣେ ଛାତ୍ରୀଙ୍କ ସହ ୫ଜଣଙ୍କୁ ବହିଷ୍କାର କରାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୃକ୍ତ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା ନକରି, ତରବରିଆ ଭାବେ ୫ଜଣ ବିଦ୍ୟାର୍ଥୀଙ୍କୁ ଅନୁଷ୍ଠାନରୁ ବଧ୍ୟତାମୂଳକ ଭାବେ ବାହାର କରିଦେବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟଠାରେ କୃଷି ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏକ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ଗ୍ରୁପ୍ କରି ବିଭିନ୍ନ ବିଷୟରେ ଗ୍ରୁପ୍‌ରେ ପୋଷ୍ଟ କରିଥାନ୍ତି। କିଛି ଛାତ୍ର ଗତ ମାସରେ ଉକ୍ତ ଗ୍ରୁପ୍‌ରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଓ ଅନ୍ୟ ସହକର୍ମୀଙ୍କ ବିଷୟରେ ଅଶ୍ଳୀଳ ଟିପ୍ପଣୀ ସବୁ ପୋଷ୍ଟ କରିଥିଲେ। ଗ୍ରୁପ୍‌ର ଜଣେ ସଦସ୍ୟ ଉକ୍ତ ଟିପ୍ପଣୀଗୁଡ଼ିକ ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କୁ ପଠାଇଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବାରିପଦା,୧୭।୧୦(ସମିସ):** ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ପ୍ରତିମା ପାତ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲା, ଜାମଦା ଥାନା ଅଞ୍ଚଳର ବଳରାମ ମୁଣ୍ଡା(୨୩)। ଏହାସହ ପୀଡ଼ିତାକୁ ୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଗ୍ରାମର ଜଣଙ୍କ ଘରୁ ଫେରିବା ବେଳେ ତାକୁ ଏକୁଟିଆ ପାଇ ବଳରାମ ଦୁଷ୍କର୍ମ କରିଥିଲା। ତେବେ ନାବାଳିକାଜଣଙ୍କ ଘରକୁ ଫେରିବା ପରେ ଏସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ଘଟଣା ବାବଦରେ ପରିବାର ଲୋକେ ସ୍ଥାନୀୟ ଜାମଦା ଥାନାରେ ଅଭିଯୋଗ କରିଥିଲେ। ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

## ନୂଆପଡ଼ା ସମର | ବିଜେଡିର ୪୦ ବ୍ରିଗେଡ୍

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ନିଜର ଷ୍ଟାର କ୍ୟାମ୍ପେନର (ତାରକା ପ୍ରଚାରକ) ତାଲିକା ଜାରି କରିଛି। ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ତାରକା ପ୍ରଚାରକ ତାଲିକାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୀର୍ଷରେ ରହିଛନ୍ତି। ଏହାସହିତ ଦଳ ଷ୍ଟାର ପ୍ରଚାରକ ଭାବେ ବହୁ ବରିଷ୍ଠ ନେତାଙ୍କ ସମେତ ଯୁବ ନେତୃତ୍ୱ ବିଧାୟକ ଓ ସାଂସଦମାନଙ୍କୁ ମଧ୍ୟ ଏଥିରେ ସାମିଲ କରିଛି।

**୪୦ ତାରକା ପ୍ରଚାରକଙ୍କ ତାଲିକା ଜାରି**

୪୦ ଜଣିଆ ତାଲିକାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଡଃ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଂଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଅଛନ୍ତି।




ଏହା ପୂର୍ବରୁ ଗୁରୁବାର ନୂଆପଡ଼ାରେ ପ୍ରଚାର କାର୍ଯ୍ୟକ୍ରମକୁ କିପରି ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇ ହେବ ସେନେଇ ବିଜେଡି ଏକ ୫୨ ଜଣିଆ ଟିମ୍ ଗଠନ କରିଛି। ନିଜେ ବିଜେଡି ସଭାପତି ଏହି ଟିମ୍ ଘୋଷଣା କରିବା ସହିତ ବ୍ଲକ୍‌ୱାରୀ ନେତାଙ୍କୁ ମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ ପାଇଁ ମୋଟ ୧୮ ଜଣ ଲେଖାଏଁ ୨ ଟି ଟିମ୍ ଓ ଖରିଆର୍ ରୋଡ ଏନଏସି ଏବଂ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କଠୋର ହେଲା ପରିବହନ ବିଭାଗ | ଅଭ୍ୟାସଗତ ଉଲ୍ଲଘଂନକାରୀଙ୍କ 'ଆର୍‌ସି' ରଦ୍ଦ ହେବ

**କଟକ, ୧୭।୧୦ (ସମିସ):** ଏଣିକି ଅଭ୍ୟାସଗତ ଭାବେ ମୋଟର ଯାନ ଆଇନ ନିୟମ ଉଲ୍ଲଘଂନକାରୀଙ୍କ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ରଦ୍ଦ କରାଯିବ। ପରିବହନ କମିସନରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ପକ୍ଷରୁ ଏହି ଉଲ୍ଲଂଘନକାରୀମାନଙ୍କର ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜିକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ତଥାପି ଯଦି ନିୟମ ଉଲ୍ଲଘଂନକାରୀ ବକେୟା ଚାଲାଣ ପୈଠ ନ କରନ୍ତି, ମୋଟର ଯାନ ଆଇନ ଅନୁଯାୟୀ ଆରଟିଓମାନେ ନୋଟିସ ପଠାଇବେ। ସଡ଼କରେ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ପଦକ୍ଷେପ ନେବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ଆୟୁକ୍ତ।

ଏହି ବୈଠକରେ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଉପ-ପରିବହନ ଆୟୁକ୍ତ, ଆରଟିଓ, ଅତିରିକ୍ତ ଆରଟିଓ ଆଭାସୀରେ ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ।



## ଫେବୃଆରୀ ତୃତୀୟ ସପ୍ତାହରୁ +୨ ପରୀକ୍ଷା

**ଭୁବନେଶ୍ୱର, ୧୭।୧୦(ସମିସ):** ଯୁକ୍ତ ଦୁଇ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ। ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ଏହାପରେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ନୂତନ ଭାବେ ୮୯ ପରୀକ୍ଷା କେନ୍ଦ୍ର ଖୋଲିବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍‌ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏଁ ଚାଲିବ। ସେହିପରି ରେଗୁଲାର୍ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ରୁ ନଭେମ୍ବର ୬ ତାରିଖ ମଧ୍ୟରେ ବିନା କୌଣସି ଫାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ

**ନୂତନ ଭାବେ ଖୋଲିବ ୮୯ ପରୀକ୍ଷା କେନ୍ଦ୍ର**

ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଡିସେମ୍ବର ୨୨ ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ। ଦୁଇଟି ସ୍ଲଟରେ ଜାନୁଆରୀ ୧୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରଥମ ସ୍ଲଟରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ, ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ସରିବ। ଏହାପରେ ଦ୍ୱିତୀୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଏହି ସମୟରେ ପରୀକ୍ଷା ଦେଇପାରି ନଥିବା ଛାତ୍ରଛାତ୍ରୀଙ୍କୁ ଜାନୁଆରୀ ୧୦ ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ।

ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବୋରାଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍‌ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷ କରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ତାରିଖ ସୁଦ୍ଧା ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

## ସାପ କାମୁଡ଼ାରେ ଅଜା-ନାତି ମୃତ

**ଶେରଗଡ଼, ୧୭ ।୧୦(ସମିସ):** ସାପ କାମୁଡ଼ାରେ ଅଜା-ନାତି ମୃତ। ଶେରଗଡ଼ ଥାନା କରଡ଼ାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ପଞ୍ଚାନନ ନାଇକ(୫୫) ଓ ତାଙ୍କ ନାତି ରୋଶନ ପାଇକ(୧୦)। ଗୁରୁବାର ରାତିରେ ପଞ୍ଚାନନଙ୍କ ପରିବାର ସଦସ୍ୟ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ସାପ ପଞ୍ଚାନନ ଏବଂ ନାତି ରୋଶନଙ୍କୁ କାମୁଡ଼ି ଦେଇଥିଲା। ଉଭୟଙ୍କ ଚିତ୍କାର ଶୁଣି ପରିବାରଲୋକ ସେମାନଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.


| Date | Time | Location |
|---|---|---|
| 26th October, 2025 | 12:00 PM | Sambalpur |

Venue: Hotel Royal Retreat, Ainthapali, Sambalpur-768006
Name: Shib Prasad Joshi | Mob. No.: 8657417350

Nippon Life India Asset Management Limited| CIN:L65910MH1995PLC220793

Mutual Fund investments are subject to market risks, read all scheme related documents carefully.


## ଦୁର୍ଘଟଣାରେ ପରିବାରର ୪ ମୃତ



**କାମାକ୍ଷାନଗର, ୧୭ ।୧୦(ସମିସ):** କାମାକ୍ଷାନଗର ସହରକୁ ସୁକନ୍ୟା ଟଙ୍କା ରଖିବା ଓ ମାର୍କେଟିଂ କରିବାକୁ ଆସୁଥିବା ବେଳେ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୨ ଶିଶୁକନ୍ୟାଙ୍କ ସମେତ ୪ ଜଣଙ୍କ ଜୀବନ ଯାଇଛି। ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ମାଳପୁରା ଓଭରବ୍ରିଜ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଭାବଗ୍ରାହୀ କାରୁଆଁ ବାପା, ତାଙ୍କ ସ୍ତ୍ରୀ ଜାନକୀ କରୁଆଁ, ଝିଅ ଗୀତାଞ୍ଜଳି କାରୁଆଁ (୬) ଓ ଝିଆରୀ (ଶଳାଙ୍କ ଝିଅ) ନାଣ୍ଡି (୮)।

ଭାବଗ୍ରାହୀ ଯାଜପୁର ଜିଲ୍ଲା କାଳିଆପାଣିସ୍ଥିତ ଇମ୍ପା କାରଖାନାରେ କାମ କରନ୍ତି। ଶୁକ୍ରବାର ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ସ୍ତ୍ରୀ, ଝିଅ ଓ ଝିଆରୀଙ୍କୁ ସାଙ୍ଗରେ ନେଇ ସୁକନ୍ୟା ଟଙ୍କା ଜମା କରିବା ସହ ମାର୍କେଟିଂ କରିବା ପାଇଁ କାମାକ୍ଷାନଗର ଆସୁଥିଲେ। ହେଲେ ମାଳପୁରା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ୍ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭାବଗ୍ରାହୀ, ତାଙ୍କ ଝିଅ ଗୀତାଞ୍ଜଳି ଓ ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ପରିବାରଲୋକେ ମେଡିକାଲରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।




# ଘରୋଇ କ୍ଲିନିକ୍‌ରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ



ପାଟଣାଗଡ଼/ଖପ୍ରାଖୋଲ,୧୭ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଲାଠୋର ମୁଖ୍ୟ ରାସ୍ତା କଡରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଦୀର୍ଘ ଦିନରୁ ଏକ ବେଆଇନ କ୍ଲିନିକ ଚାଲିଛି। ଏନେଇ ଦୈନିକ "ସକାଳ"ରେ ଲଗାତାର ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗିଛି। ଗତ ବୁଧବାର 'ବେଆଇନ କ୍ଲିନିକକୁ ସ୍ୱାସ୍ଥ୍ୟ ବିଭାଗର ସମର୍ଥନ' ଖବର ପ୍ରକାଶ ପରେ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଖପ୍ରାଖୋଲ ମେଡିକାଲ ଅଫିସର ସୁରଜ ଦୀପ ଏହି ବେଆଇନ କ୍ଲିନିକରେ ଚଢ଼ଉ କରି ଚିକିତ୍ସା କରୁଥିବା ନକଲି ଡାକ୍ତରଙ୍କ ବିଭିନ୍ନ ସାର୍ଟିଫିକେଟ ଜବତ କରିଛନ୍ତି। ଏଥିସହ ତାଙ୍କର ଆୟୁର୍ବେଦିକ ଚିକିତ୍ସା କରିବା ପାଇଁ କୌଣସି ଯୋଗ୍ୟତା ମଧ୍ୟ ନ ଥିବା ମେଡିକାଲ ଅଫିସର ଶ୍ରୀ ଦୀପ "ସକାଳ"କୁ କହିଛନ୍ତି। ତେବେ ଚଢ଼ଉ ସମୟରେ ଅନେକ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। କ୍ଲିନିକ ରେ ଥିବା ସାର୍ଟିଫିକେଟ ଗୁଡିକ ଜବତ କରାଯାଇଛି। ଏହାର ତଦନ୍ତ କରାଯାଇ ଉପରିସ୍ଥ ଅଧିକାରୀଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଦୀପ କହିଛନ୍ତି। ତେବେ ନକଲି ଡାକ୍ତରଙ୍କ ଆୟୁର୍ବେଦିକ ଚିକିତ୍ସା କରିବାର ଯୋଗ୍ୟତା ନ ଥିବା ଜାଣି ଓ ଚଢ଼ଉ ସମୟରେ ଅନେକ ରୋଗୀ ଚିକିତ୍ସା ପାଇଁ ଆସିଥିବା ଦେଖି ବେଆଇନ ଚିକିତ୍ସା ହେଉଥିବା ସ୍ପଷ୍ଟ ପ୍ରମାଣ ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ କାହିଁକି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଇ ତଦନ୍ତ ବାହାନା ଦେଖାଇ ଚୁପ୍ ରହିଛି। ଅନ୍ୟପଟେ ନକଲି ଡାକ୍ତର ପବିତ୍ର ବେହେରାଙ୍କୁ ସ୍ୱାସ୍ଥ୍ୟ ବିଭାଗ ସମୟ ଦେଇ ମାମଲାକୁ ହାଲୁକା ଭାବେ ନେବା ଓ ଏହି ଘଟଣାରୁ ଗଣମାଧ୍ୟମକୁ ଦୂରେଇ ରଖିବା ପଛରେ ଭିତିରିଆ ବୁଝାମଣା କରି ମାମଲାକୁ ଚାପିଦେବା ପାଇଁ ପ୍ରୟାସ ନୁହେଁ ତ ବୋଲି ଲୋକଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଙ୍କି ମାରିବାରେ ଲାଗିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ ପରେ ମଧ୍ୟ ଉକ୍ତ କ୍ଲିନିକରେ ଖୋଲାଖୋଲି ବେଆଇନ ଚିକିତ୍ସା ଜାରି ରହିଛି। ଏହି କ୍ଲିନିକକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ଲିନଚିଟ ନ ମିଳିବା ପର୍ଯ୍ୟନ୍ତ ବନ୍ଦ ରହିବା କଥା। ଏ ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ନିରପେକ୍ଷତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

- **ଅନେକ ସାର୍ଟିଫିକେଟ ଜବତ**
- **ନକଲି ଡାକ୍ତରଙ୍କ ଆୟୁର୍ବେଦିକ ଚିକିତ୍ସାର ମଧ୍ୟ ଯୋଗ୍ୟତା ନାହିଁ**
- **ଗଣମାଧ୍ୟମକୁ ଦୂରେଇ ମାମଲା ଚାପିଦେବାକୁ ଉଦ୍ୟମ**

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା




ବଲାଙ୍ଗିର,୧୭ ।୧୦(ସମିସ): ବଲାଙ୍ଗିର ନିର୍ବାଚନ ମଣ୍ଡଳୀ ପୌରାଞ୍ଚଳର ୱାର୍ଡ ନମ୍ବର ୬, ୭, ୮ ଅଧୀନ ଚିମିନିଭାଟିଠାରୁ ବ୍ରାହ୍ମଣପଡ଼ା ପର୍ଯ୍ୟନ୍ତ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅଭିଯାନ ଅନୁଷ୍ଠିତ ହୋଇଯାଇଛି।ବଲାଙ୍ଗିରପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ବରିଷ୍ଠ ବିଜେଡ଼ି ନଗର ସଭାପତି ତଥା ବରିଷ୍ଠ କାଉନସିଲର ଶମ୍ଭୁ ନାଗଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଦଳର ବରିଷ୍ଠ ନେତୃବୃନ୍ଦ ନବୀନ ପଟ୍ଟନାୟକ ସରକାର ସମୟର ଜନହିତକର ଯୋଜନା ଉପରେ କହିଥିଲେ। ଆଜିର ଏ ଡବଲ ଇଞ୍ଜିନ ସରକାର ଲୋକଙ୍କ ପାଇଁ କିଛି କରୁନାହିଁ। କେବଳ ରଙ୍ଗମରା ଓ ମିଥ୍ୟା ପ୍ରତିଶ୍ରୁତିର ବିଜେପି ସରକାର ବୋଲି ଅଭିଯୋଗ କରି କଡା ସମାଲୋଚନା କରିଥିଲେ। ଏହି ପଦଯାତ୍ରାରେ ବରିଷ୍ଠ ନେତୃବୃନ୍ଦ ପ୍ରଦ୍ୟୁତ ମିଶ୍ର, ବିଧୁଭୂଷଣ ତ୍ରିପାଠୀ, ଚନ୍ଦ୍ରମଣି ତ୍ରିପାଠୀ, ପାଣ୍ଡବ କୁମ୍ଭାର, ସାଗର ସଙ୍ଗମ ସତପଥୀ, ରାଜେନ୍ଦ୍ର ପ୍ରସାଦ ହୋତା, ଗୁଞ୍ଜି ଖାଁ, ଦମୟନ୍ତୀ ବାଗ, ସୁମନ ନନ୍ଦ, ସନ୍ତୋଷ ଦନ୍ତା, ମୁନୁ ପୋଢ, ସରିତା ଦାସ, ମହେନ୍ଦ୍ର ବାଗ, କିଶୋର କୁମ୍ଭାର, ଲଲାଟେନ୍ଦୁ ପଟ୍ଟନାୟକ, ଗଙ୍ଗା ଚାନ୍ଦ, ଶତ୍ରୁଘ୍ନ ବାଗ, ନନ୍ଦିନୀ ପୋଢ଼, ସନ୍ତୋଷିନୀ କୁଅଁର, ପିଙ୍କି କବାଟ, ସଞ୍ଜୁଲତା ଦନ୍ତା, ପ୍ରତିମା ଛତ୍ରିଆ, ପ୍ରେମଲତା ନାଏକଙ୍କ ସମେତ ଶତାଧିକ ବିଜୁ ଜନତା ଦଳ କର୍ମୀ ସାମିଲ ହୋଇଥିଲେ।

**କୁହାବାଉଁଶ ଗାଁରେ ସଶସ୍ତ୍ର ଡକାୟତି**

# ମରଣାସ୍ତ୍ର ଦେଖାଇ ଲୁଟିନେଲେ ୫ ଲକ୍ଷ ଟଙ୍କା ସହ ୫ ଭରି ସୁନାଗହଣା

ପାଟଣାଗଡ଼,୧୭ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା କୁହାବାଉଁଶ ଗାଁର ଶୁଭଲକ୍ଷ୍ମୀ ସରାପଙ୍କ ଘରୁ ବିଳମ୍ବିତ ରାତ୍ରିରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତ ଦଳ ତାଙ୍କ ଘରୁ ୫ ଲକ୍ଷ ଟଙ୍କା ସହ ପାଞ୍ଚ ଭରି ସୁନାଗହଣା ଲୁଟ୍ କରିଥିବା ପାଟଣାଗଡ଼ ଥାନାରେ ଅଭିଯୋଗ ହୋଇଛି।

ଏନେଇ ପାଟଣାଗଡ଼ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି। ଶୁଭଲକ୍ଷ୍ମୀ ତାଙ୍କ ପୁଅ ସହ ରାତିରେ ଖାଇ ସାରି ଶୋଇଥିଲେ। ରାତ୍ରିରେ ୪/୫ଜଣ ବ୍ୟକ୍ତି ତାଙ୍କ ଘରେ ପଶି ଆଲମାରି ଚାବି ମାଗିଥିଲେ। ମନା କରିବାରୁ ଉଭୟଙ୍କ ହାତଗୋଡ଼ ବାନ୍ଧି ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଜୀବନ ଭୟରେ ଆଲମିରା ଚାବି ଦେବାରୁ ସେଥିରେ ଥିବା ନଗଦ ୫ ଲକ୍ଷ ଟଙ୍କା ସହ ପାଖାପାଖି ୫ ଭରି ସୁନାଗହଣା ଲୁଟିନେଇ ସେମାନେ ଫେରାର ମାରିଥିଲେ। ତେବେ ଡକାୟତ ଦଳ ମୁହଁରେ କପଡା ବାନ୍ଧିଥିଲେ ଓ ହିନ୍ଦୀରେ କଥାବାର୍ତ୍ତା କରୁଥିବା କହିଛନ୍ତି ଶୁଭଲକ୍ଷ୍ମୀ।

## ବଲାଙ୍ଗିର ଦିନ୍ ପାଳନ ପାଇଁ ବିଭିନ୍ନ କମିଟି ଚୟନ



ବଲାଙ୍ଗିର,୧୭ ।୧୦(ସମିସ): ବଲାଙ୍ଗିର ପିପି.ଏକାଡେମୀରେ ବଲାଙ୍ଗିର ଦିନ ଆୟୋଜନ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଦିନ ନଭେମ୍ବର ୧ରେ ଧୁମଧାମରେ ପାଳନ କରାଯିବ। ଏହାର ସୁପରିଚାଳନା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ସେଥିପାଇଁ ଅର୍ଥ କମିଟି, ଷ୍ଟେଜ କମିଟି, ସାଂସ୍କୃତିକ କମିଟି, ଗ୍ରାଉଣ୍ଡ କମିଟି, ସୋଭିନିଅର କମିଟି, ମିଡ଼ିଆ ଓ ପ୍ରଚାର ପ୍ରସାର କମିଟି, ଅଭ୍ୟର୍ଥନା କମିଟି, ଖାଦ୍ୟ ଓ ବ୍ୟବସ୍ଥାପକ କମିଟି, ଶାନ୍ତି ଶୃଙ୍ଖଳା କମିଟି ଗଠନ କରାଯାଇଛି। ଏଥିରେ ସମସ୍ତେ ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନା କରି ବଲାଙ୍ଗିର ଦିନକୁ ସଫଳତା ସହିତ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରତାପ ରଥ, ଗୋପାଳ ପ୍ରଧାନ, ଦିନେଶ ଶର୍ମା, କିଶୋର ରଥ, ବିନୋଦ କୁମାର କାଲସାଏ, ସୋମନାଥ ମିଶ୍ର, ଅଭିଷେକ ଦାସ, ବିକାଶ ସା, ହରିଓମ ପଟେଲ, ପ୍ରଭୁଦତ୍ତ ସେଠ, ନୂତନ ଦାସ, ରାମ ଦାସ, ସତ୍ୟନାରାୟଣ ହୋତା, ମାନସ ରଞ୍ଜନ ଖୁଆସ, ଦେବାଶିଷ ମିଶ୍ର, ଦେବାଶିଷ ସାହୁ, ସୁବ୍ରତ ସାହୁ, ସକିଲା ବାନୋ, ରୋଜିସ୍ମିତା ହୋତା, ସନ୍ତୋଷ ହୋତା, ବିରେନ୍ଦ୍ର ପାଣ୍ଡେ, ମିନତି ରାଓ, ହାପି ବାରିକ, କୁମୁଦିନୀ ପୃଷ୍ଟି, ଏନିମା ବାରିକ, ପୂଜା ସାହୁ, ଦିବ୍ୟାରାନୀ ବିଶି, ଅଷ୍ଟମୀ ନାଗ, ଅନୁପ୍ରିୟା ମିଶ୍ର, ଦେବବ୍ରତ ଦୀପ, ଶିବୁ ପାତ୍ର, ରାହୁଲ ନାଏକ, ସୁମନ ନନ୍ଦ, କୁନ୍ଦନ ପଟେଲ, ତେଜରାଜ ପୋଡ଼, ମନିଷ ସାଏ, ଆଦର୍ଶ ପୁରୋହିତ, ସୁମିତ ଭୋଇ, ଅର୍ଜୁନ ସାହୁ, ବିଟୁ ଦୀପ, ରେସବ କଲତା, ଲକ୍ଷ୍ମଣ ନନ୍ଦ, ରୁତୁରାଜ ପ୍ରଧାନ, ଶ୍ରୀକାନ୍ତ ବେହେରା, ଚନ୍ଦ୍ରଶେଖର ମିଶ୍ର, ଏମ ସେତୁପତି, ଦିନ ସେନାପତି, ସ୍ୱନ୍ଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦୁଭୂଷଣ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଶେଷରେ ଲୋଟସ ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଦ୍ୟୁତ୍ ସମସ୍ୟା ନେଇ ଏସ୍‌ଇଙ୍କୁ ଅଭିଯୋଗ

ବଲାଙ୍ଗିର,୧୭ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଉପରଝର ପଞ୍ଚାୟତ ରେଙ୍ଗାଲି, ଫଟାମୁଣ୍ଡା, ନୂଆପାଲି, ଉପରଝର, କୁହିମୁଣ୍ଡା ଗାଁରେ ଚାଷ ପାଇଁ ପାଣି ସମସ୍ୟା ଦେଖା ଦେଇଛି। ୨ ମାସ ହେଲା ରେଙ୍ଗାଲିରେ ବିଦ୍ୟୁତ୍ ଖୁମ୍ବ ଏବଂ ତାର ପଡି ଯାଇଥିବାରୁ ଅସୁବିଧା ହେଉଛି। ଏହାଫଳରେ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଏଥିଯୋଗୁ ରେଙ୍ଗଲି, ଫଟାମୁଣ୍ଡା, କୁହିମୁଣ୍ଡା, ଉପରଝର ଏବଂ ନୂଆପାଲିର ୬୦ରୁ ଅଧିକ .ଷୀଙ୍କ ଜମି ପ୍ରଭାବିତ ହୋଇଛି। ବିଜୁଳି ବନ୍ଦ ଯୋଗୁ ଏକର ଏକର ଜମିର .ଷ ମଧ୍ୟ ମରିବାକୁ ଯାଉଛି। .ଷୀମାନେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯାହା ଫଳରେ .ଷୀ ହତାଶ ହୋଇଛି। ଶେଷରେ .ଷୀମାନେ ଏହି ସବୁ ସମସ୍ୟା ନେଇ ଆପ୍ ବଲାଙ୍ଗିର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେଙ୍କୁ ଜଣାଇଥିଲେ। ଶ୍ରୀ ପାଣ୍ଡେ ବଲାଙ୍ଗିର ସପରିଣ୍ଟେଣ୍ଡେଣ୍ଟ ଅଫ୍ ଇଲେକ୍ଟ୍ରି ବଲାଙ୍ଗିର (ଏସ୍‌ଇ) ଆଶିଷ ପଣ୍ଡାଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଥିଲେ। ଶୁକ୍ରବାର ଏସ୍‌ଇଙ୍କୁ .ଷୀଙ୍କ ସହ ସାକ୍ଷାତ କରି ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ କହିଥିଲେ। ଉତ୍ତରରେ ଶ୍ରୀ ପଣ୍ଡା ଦୁଃଖ ପ୍ରକାଶ କରି ସାଙ୍ଗେ ସଙ୍ଗେ ତୁଷୁରା ଏସ୍‌ଡିଓଙ୍କୁ କଲ୍ କରିଥିଲେ। ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଆଦେଶ ଦେଇଥିଲେ।




## ଭାଲୁଖାଇ, ଗୁହିରିଆପଦରକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ

ବେଲପଡା,୧୭ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକର ଭାଲୁଖାଇ ଓ ଗୁହିରିଆପଦର ଗାଁକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ। ଏହି ଦାବି କରି ଅଞ୍ଚଳର ଚାଷୀ ବେଲପଡା ତହସିଲଦାର ଓ କୃଷି ଅଧିକାରୀଙ୍କୁ ଚାଷୀ ଲିଖିତ ଅଭିଯୋଗ କରିଛନ୍ତି। କୃଷି ଅଧିକାରୀ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ଅତିରିକ୍ତ କୃଷି ଅଧିକାରୀ ଅଙ୍କିତା ପ୍ରିୟଦର୍ଶିନୀ ମହାପାତ୍ରଙ୍କୁ ଏମାନେ ଭେଟିଥିଲେ। ଅଭିଯୋଗ ଅନୁସାରେ ବର୍ଷା ଅଭାବରୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ସେମାନେ ଖର୍ଚ୍ଚ କରିଥିବା ଟଙ୍କା କେଉଁଠୁ ଭରଣ କରିବେ, କ'ଣ ଖାଇବେ ଏବଂ ଋଣ କେମିତି ପରିଶୋଧ କରିବେ ସେନେଇ ଚିନ୍ତାରେ ପଡିଯାଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଧମକ ଦେଇଛନ୍ତି। ପ୍ରସନ୍ନ ଭୋଇ, ଚମ୍ପେଶ୍ୱର ଭୋଇ, ସୁଦର୍ଶନ ଭୋଇ, ପରମାନନ୍ଦ ମାଝୀ, ଭିକାରି ସାହୁ, ଚୂଡ଼ାମଣୀ ସାହୁ, ବୃଷବ ମାଝୀ, ନୂଆଦେଇ ମାଝୀ, ଗୌରୀ ମାଝୀ, ଭିକାରି ତାଣ୍ଡି ଅନଙ୍ଗ ମାଝୀ ପ୍ରମୁଖ ଅତିରିକ୍ତ କୃଷି ଅଧିକାରୀଙ୍କୁ ଭେଟି ଦାବି ଜଣାଇଥିଲେ।





## ରାସ୍ତାରେ ଗାତ ଖୋଳି ଛାଡ଼ିଦେଲେ ଠିକାଦାର



ମୁରିବବାହାଲ,୧୭ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ଗୋଇମୁଣ୍ଡ ପଞ୍ଚାୟତର ବୁଢାପଦର ଗାଁରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ପାଖାପାଖି ୨ ବର୍ଷ ହେବ ଚାଲିଛି; କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟ ସରିନି। ଠିକାଦାର ମନଇଚ୍ଛା କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷେ ପୂର୍ବରୁ ଗାଁର ମୁଖ୍ୟ ବସ୍ତିର ଅନେକ ଜାଗାରେ ଠିକାଦାର ଗାତ ଖୋଳି ଛାଡି ଦେଇଥିବା ଅଭିଯୋଗ ହେଇଛି। ପୁଣି ୨୦ ଦିନ ହେବ ରାସ୍ତାରେ ଗାତ ଖୋଳି ଠିକାଦାର ଖୋଲା ଛାଡି ଦେଇଛନ୍ତି। ଏହା ଫଳରେ ଏଥିରେ ବର୍ଷାହେଲେ ପାଣି ଭର୍ତ୍ତି ହୋଇ ରହୁଛି। ଶହ ଶହ ଲୋକ ଯିବା ଆସିବା ସମୟରେ ଦୁର୍ଘଟଣା ଆଶଙ୍କା କରାଯାଉଛି। ବିଶେଷ କରି ପାଖରେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଅଛି। ଏଥିଯୋଗୁଁ କୁନିକୁନି ଛାତ୍ରଛାତ୍ରୀ ଗାତରେ ପଡି ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବିଷୟରେ ଠିକାଦାର ଅନିଲ ସାହୁଙ୍କୁ ପଚାରିବାରୁ ଗାତ ଯଥାଶୀଘ୍ର ପୋତିଦେବେ ବୋଲି କହି କଥାକୁ ଅତି ସାଧାରଣ ଭାବେ ଏଡାଇ ଦେଇଥିଲେ। ତେବେ ଗାଁରେ ଅନେକ ଜାଗାରେ କଂକ୍ରିଟ ରାସ୍ତାରେ ଗାତ ଖୋଳି ପାଇପ୍ ପୋତି ଉପରେ ମାଟି ପକା ଯାଇଛି। ଏଣୁ ବର୍ଷା ଦିନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିବା ଗ୍ରାମବାସୀ କହିଛନ୍ତି। ଶୀଘ୍ର କାମସାରି କଂକ୍ରିଟ ରାସ୍ତାକୁ ମାଟି ନ ପକାଇ ପୂର୍ବପରି କଂକ୍ରିଟ କରିବା ପାଇଁ ଠିକାଦାରଙ୍କୁ କହିବା ସତ୍ତ୍ୱେ ସେ କର୍ଣ୍ଣପାତ କରୁ ନ ଥିବା ଗାଁ ଲୋକେ କହିଛନ୍ତି।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ସଇଁନ୍ତଲା,୧୭ ।୧୦(ସମିସ): ସଇଁନ୍ତଲା ବ୍ଲକ୍ ବେଲଗାଁ ମିନିଷ୍ଟାଡିୟମରେ ୩ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସଇଁନ୍ତଲା ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ରୀତାରାଣୀ ହାତୀ, ବ୍ଲକ୍ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଉତ୍କଳମଣି ଗୋପବନ୍ଧୁ ଦାସ ମହାବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ସଇଁନ୍ତଲା ବ୍ଲକ୍ ଶିକ୍ଷା ଅଧିକାରୀ ଦିଲୀପ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଶିଷକେଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ଖେଳ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବଲାଙ୍ଗୀର ଜିଲ୍ଲାର ୧୪ଟି ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଜିଲ୍ଲାସ୍ତରୀୟ କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ୨୫ଜଣ ଛାତ୍ରଛାତ୍ରୀ ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବେ। ଅନ୍ୟପକ୍ଷେ ଏହି ଜିଲ୍ଲା କ୍ରୀଡା ପ୍ରତିଯୋଗିତା ପାଇଁ ସାମ୍ବାଦିକମାନେ ନିମନ୍ତ୍ରଣ ପାଇ ଉପସ୍ଥିତ ଥିଲେ। ସେମାନଙ୍କ ବସିବା ପାଇଁ କିନ୍ତୁ କୌଣସି ବ୍ୟବସ୍ଥା ନ ଥିଲା। ଏଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାସହ ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ଶିକ୍ଷକଙ୍କୁ ମଧ୍ୟ ଅଣଦେଖା କରାଯାଇଥିଲା। ପ୍ରେସ୍ ଗ୍ୟାଲେରୀରେ ଶିକ୍ଷୟିତ୍ରୀମାନେ ବସିଥିବା ଦେଖା ଯାଇଥିଲା।

## ଓଲଟିପଡ଼ିଲା ଟ୍ରକ୍, ଲୋକେ ବୋହିନେଲେ ଚାଉଳ

ଦେଓଗାଁ,୧୭ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ତଥା ସଦର ବ୍ଲକ୍ ଭୁତିଆରବାହାଲରୁ ଶିବତଲା ରାସ୍ତା ରଜାମୁଣ୍ଡା ନିକଟରେ ଶୁକ୍ରବାର ପାହାନ୍ତାରେ ଏକ ଚାଉଳ ବୋଝେଇ ଟ୍ରକ୍ (ସିଜି ୦୪କ୍ୟୁଜି ୯୯୬୮) ଭାରସାମ୍ୟ ହରାଇ ଓଲଟି ପଡିଛି। ଚାଉଳ ବୋଝେଇ ଟ୍ରକ୍ ଓଲଟିବା ଜାଣି ଆଖପାଖ ଲୋକେ ପହଞ୍ଚି ସମସ୍ତ ଚାଉଳ ବୋହି ନେଇଛନ୍ତି। ଖବର ପାଇ ବନ୍ଧପଡା ପୁଲିସ ପହଞ୍ଚି ଥିଲା। ଟ୍ରକଟି ରାୟପୁରୁ ପାଟଣାଗଡ ଦେଇ ବଲାଙ୍ଗିର ଅଭିମୁଖେ ଆସୁଥିଲା। ଗାଡ଼ିରେ ପ୍ରାୟ ୩୫ଟନ୍ ଓଜରର ୮ ଶହ ବସ୍ତା ଚାଉଳ ରହିଥଲା। ତେବେ ଆଖପାଖ ଘରୁ ପୁଲିସ ପ୍ରାୟ ୭୦ବସ୍ତା ଚାଉଳ ଜବତ କରି ତଦନ୍ତ ଜାରି ରଖିଛି।

## ଅପରିଚିତ ବ୍ୟକ୍ତିଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ବଲାଙ୍ଗିର,୧୭ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ଶବକୁ ସମ୍ମାନର ସହ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସତ୍କାର କରିଛନ୍ତି। ପାଟଣାଗଡରେ ଜଣେ ଅସହାୟ ବ୍ୟକ୍ତି ଅନେକ ଦିନ ହେଲା ରହି ଆସୁଥିଲେ। ତାଙ୍କର ନା କେହି ସମ୍ପର୍କୀୟ ଥିଲେ ନା ତାଙ୍କର ଘର ଦ୍ୱାର ଥିଲା।

ରାସ୍ତା କଡ଼ରେ ଥିବା ଦୋକାନ ବଜାର ବାରଣ୍ଡାରେ ସେ ଦିନ କାଟୁଥିଲେ। ଖରା, ବର୍ଷା, ଶୀତ ଯାହା ହେଉ ତାଙ୍କର ଗୋଟିଏ ହିଁ ରହିବା ଜାଗା ଦୋକାନ ବାରଣ୍ଡା ଥିଲା। ତାଙ୍କର ଖାଇବା ମଧ୍ୟ କିଛି ଠିକ୍ ନ ଥିଲା। ଅନେକ ସମୟରେ ଭୋକ ଉପାସରେ ରହୁଥିଲେ। ତେବେ ରାତିରେ ତାଙ୍କର ଶୋଇବା ଅବସ୍ଥାରେ ହିଁ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ସ୍ଥାନୀୟ ଲୋକେ ଏନେଇ ପାଟଣାଗଡ ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିଥିଲା। ପାଟଣାଗଡ ଡାକ୍ତରଖାନାରେ ଫ୍ରିଜର ବ୍ୟବସ୍ଥା ନ ଥିବା ଏବଂ ମୃତକଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହକୁ ବଲାଙ୍ଗିର ଭୀମ ଭୋଇ ହସ୍ପିଟାଲରେ ଥିବା ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଥିଲା। ନିୟମ ଅନୁଯାୟୀ ୭୨ ଘଣ୍ଟା ରହିଲା ପରେ ପାଟଣାଗଡ ପୁଲିସ ଅଜଣା ମୃତଦେହ ଭାବେ ସ୍ପଷ୍ଟ କରିବା ପରେ ସ୍ୱେଚ୍ଛାସବୀ ସଂଗଠନର ସମସ୍ତ ସଦସ୍ୟ ଭୀମ ଭୋଇ ହସ୍ପିଟାଲରେ ପହଞ୍ଚିଥିଲେ। ସବୁ କଥା ଶୁଣି ସମ୍ମାନର ସହ ଶବ ସତ୍କାର କରିବା ପାଇଁ ପାଇଁ ଉଦ୍ୟମ କରିଥିଲେ। ବଲାଙ୍ଗୀର ସ୍ୱେଚ୍ଛାସବୀ ସଂଗଠନର ସମସ୍ତ ସଦସ୍ୟ ଶୁକ୍ରବାର ସକାଳୁ ବିଜାଖମନସ୍ଥିତ ଶବଦାହ କେନ୍ଦ୍ରରେ ସସମ୍ମାନେ ଶବ ସତ୍କାର କରିଥିଲେ। ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ୍, ଉତ୍ତମ ନନ୍ଦ, ସାଗର ଚନ୍ଦନ, ତନ୍ମୟ ପୁଟେଲ, ସରୋଜ ଜାଲ, ମନୋଜ ଦୀପ ପ୍ରମୁଖ ଏହି ଦାୟିତ୍ୱ ତୁଲାଇଥିଲା।

## କଣ୍ଟାବାଞ୍ଜିରେ ୧୨, ତୁରେକେଲାରେ ୮ ଦାଦନ ଶ୍ରମିକ ଉଦ୍ଧାର



କଣ୍ଟାବାଞ୍ଜି,୧୭ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଗୁଡିଘାଟ ଯିବା ରାସ୍ତାରେ ଶୁକ୍ରବାର ୧୨ ଜଣ ଦାଦନ ଶ୍ରମିକଙ୍କୁ କଣ୍ଟାବାଞ୍ଜି ପୁଲିସ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ପାଟଣାଗଡ଼ ଅଞ୍ଚଳର। ସେମାନଙ୍କୁ ଚାଲାଣ କରୁଥିବା ମୁରିବାହାଲ ଥାନା ଟେଙ୍ଗରାର ଅଗସ୍ତି ବାଗ ଫେରାର ମାରିଛି। ସେହିପରି ତୁରେକେଲା ଥାନା ମହୁଲବାହାଲି ଗାଁରୁ ୮ଜଣ ଦାଦନ ଶ୍ରମିକଙ୍କୁ ତୁରେକେଲା ପୁଲିସ ଉଦ୍ଧାର କରିଛି। ଶ୍ରମିକମାନେ ମୁରିବାହାଲ ଅଞ୍ଚଳର ବୋଲି ଜଣାପଡିଛି। ଏମାନଙ୍କୁ ମହୁଲବାହାଲି ଗାଁର ଦାଦନ ସର୍ଦ୍ଦାର କ୍ଷେତ୍ରବାସ ମାଝି ଓ ବିନୋଦ ମାଝି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ସର୍ଦ୍ଦାର କ୍ଷେତ୍ରବାସ ମାଝିକୁ ପୁଲିସ ଗିରଫ କରିଥିବା ବେଳେ ବିନୋଦ ମାଝି ଫେରାର ମାରିଛି।

**ଜେସିବି ଲଗାଇ ଚାଷୀଙ୍କ ଗୋଟିଏ ଏକର କପା ଚାଷ ନଷ୍ଟ କରିଦେବା ଘଟଣା**

# ପରଦା ପଛରେ କମ୍ପାନୀ

ବଲାଙ୍ଗିର/ପାଟଣାଗଡ଼,୧୭ ।୧୦(ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ମାଲପଡା ଗାଁର ଆଦିବାସୀ ଚାଷୀ ବୈଷ୍ଣବ ବରିହାଙ୍କ ଗୋଟିଏ ଏକର କପା ଚାଷ ଦୁର୍ବୃତ୍ତ ଜେସିବି ଲଗାଇ ଉପାଡି ଦେଇଛନ୍ତି। ଗୁରୁବାର ଏ ସମ୍ପର୍କରେ ଦୈନିକ 'ସକାଳ'ରେ 'କେହି ଶୁଣିଲେନି; ମିଳିମିଶି ଚାପିଦେଲେ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ 'ଏକ୍ସ' ହାଣ୍ଡେଲରେ ବରଗଡ଼ ଜିଲ୍ଲାର ସାମାଜିକ କର୍ମୀ ସୁଶ୍ରୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା ପୁଲିସ, ଗୃହ ବିଭାଗ, ବଲାଙ୍ଗିର ଜିଲ୍ଲାପାଳ ଓ ଏସ୍‌ପିଙ୍କ ପୋଷ୍ଟ କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ଏହି ଘଟଣାରେ ନୂଆ ତଥ୍ୟ ସାମନାକୁ ଆସିବାରେ ଲାଗିଛି। ଏହି ସବୁ ଘଟଣାର ପରଦା ପଛରେ ଜମି କିଣିଥିବା ଏକ କମ୍ପାନୀର ହାତ ଥିବା ସୂଚନା ମିଳିଛି। ଘଟଣାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବାରୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ତଥ୍ୟ ମିଳିଛି। କପା ଚାଷ ହୋଇଥିବା ଜମି ଜାଲିଆତି କରି ବିକ୍ରି କରାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ "ସକାଳ" ହାତରେ ଲାଗିଛି। ଜମି ଖତିଆନରେ ନାମାଙ୍କିତ ବ୍ୟକ୍ତିଙ୍କ ଅଜାଣତରେ ଜାଲିଆତି କରି ଜମି ବିକ୍ରି ହୋଇଥିବା ଜମିର ଅଂଶୀଦାର ଚନ୍ଦ୍ରକାନ୍ତ ସାହୁ ଅଭିଯୋଗ ଆଣିଛନ୍ତି।

- **ଜାଲିଆତି କରି କମ୍ପାନୀ ଜମି କିଣିଥିବା ଅଭିଯୋଗ**
- **ସନ୍ଦେହରେ ତହସିଲ କର୍ମଚାରୀ**

ଖପ୍ରାଖୋଲ ତହସିଲ ଅଧୀନ ଓଡ଼ିଆପାଲି ମୌଜା ଖାତା ନଂ ୧୦ରେ କଏଁରା ସାହୁ, ରଶିକ ସାହୁ ଓ ରଙ୍କମଣି ସାହୁଙ୍କ ନାମରେ ୩୬ ଏକର ୬୭ ଡେସିମିଲ ଜମି ରହିଥିଲା। ନିୟମାନୁସାରେ ଏହି ଜମି ୩ ଭାଗ ହେବା କଥା; କିନ୍ତୁ ୧୯୬୯ ମସିହାରେ ରଙ୍କମଣି ସାହୁଙ୍କ ପୁଅ ସୁନାଧର ସାହୁ ଜାଲିଆତି କରି ୧୮.୩୦ ଏକର ଜମି ରସିକ ସାହୁ ଓ କଏଁରା ସାହୁଙ୍କ ଅଜାଣତରେ ବିକ୍ରି କରିଦେଇଥିଲେ। ପରେ ଏହି ଜମି ଜାଲିଆତି କରାଯାଇ ବିକ୍ରି ହୋଇଥିବା ଜାଣି କଏଁରା ଓ ରସିକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ ଜମି ଫେରିପାଇଥିଲେ। ପରେ ସୁନାଧର ସାହୁ ପୁଣି ଜାଲିଆତି କରି ୧୬.୨୭ ଏକର ଜମିକୁ ନିଜ ନାମ, ସ୍ତ୍ରୀ ଚାନ୍ଦ ସାହୁ ଓ ପୁଅ ଅଭିମନ୍ୟୁ ସାହୁଙ୍କ ନାମରେ କରିନେଇଥିଲେ। ସୁନାଧର ସାହୁ ଉକ୍ତ ଜମିକୁ ୨୦୦୯ ମସିହାରେ ସମ୍ବଲପୁରର ମହମ୍ମଦ ଶିରାଜ ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ଏହି ଘଟଣା ଜାଣିପାରି କାକା ପୁଅ ଚନ୍ଦ୍ରକାନ୍ତ ସାହୁ ଓ ଭାଇ ରସିକ ସାହୁ ରେଜିଷ୍ଟ୍ରି ଅଫିସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥି। ୬।୮।୨୫ରେ ମହମ୍ମଦ ଶିରାଜ ପୁଣି ଉକ୍ତ ଜମିକୁ ଏନଭାଇରୋ କେୟାର ଇନଫ୍ରା ସଲୁସନ ପ୍ରାଇଭେଟ ଲିମିଟେଡ଼ କମ୍ପାନୀକୁ ୧୩.୧୪୦୦ ଡେସିମିଲ ଜମି ବିକ୍ରି କରିଛନ୍ତି। ଉକ୍ତ କମ୍ପାନୀ କିଣିଥିବା ଜମିରେ ଚନ୍ଦ୍ରକାନ୍ତ ସାହୁ ଓ ରସିକ ସାହୁଙ୍କ ନାମରେ ଥିବା ଖାତା ନଂ ୧୦ର ପ୍ଲଟ ନଂ ୪୫୨, ୪୫୩, ୪୫୪, ୪୬୬,୪୭୧, ୪୮୦, ୮୬୯, ୮୭୦ ମଧ୍ୟରୁ ୫ ଏକର ଜମି ସେମାନଙ୍କ ଅଜାଣତରେ ଜାଲିଆତି କରି ବିକ୍ରି କରାଯାଇଛି। ଏହି ଜମି ଜାଲିଆତିକୁ ନେଇ ଜମିର ଅଂଶୀଦାର ଚନ୍ଦ୍ରକାନ୍ତ ସାହୁ, ତାଙ୍କ ଦୁଇ ଭଉଣୀ, କାକା ରସିକ ସାହୁ ଓ ଭାଇ ମିତ୍ରଭାନୁ ସାହୁ ପାଟଣାଗଡ଼ କୋର୍ଟରେ ସିଭିଲ ସୁଟ୍ (ନଂ ୧୮୬/୨୫) କରିଛନ୍ତି। ଏକ ମାମଲା ରୁଜୁ ହୋଇଛି।

ଏହି ଘଟଣାକୁ ଅନୁଧ୍ୟାନ କଲେ ଜମି ଜାଲିଆତି ହୋଇଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। ଏହି ଜମି ଜାଲିଆତି ମାମଲାରେ କାହାର କାହାର ସମ୍ପୃକ୍ତି ରହିଛି ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି। ଅନ୍ୟପଟେ ଚନ୍ଦ୍ରକାନ୍ତ ସାହୁଙ୍କଠାରୁ ଜମି ବନ୍ଧକ ନେଇଥିବା ଖପ୍ରାଖୋଲ ଥାନା ମାଲପଡା ଗାଁର ଚାଷୀ ବୈଷ୍ଣବ ବରିହାଙ୍କ ଗୋଟିଏ ଏକର କପା ଚାଷ ନଷ୍ଟ ଘଟଣାରେ ଏ ପର୍ଯ୍ୟନ୍ତ ଉପେନ୍ଦ୍ର ଭୋଇ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ତାଙ୍କୁ କ୍ଷତିପୂରଣ ମଧ୍ୟ ମିଳିପାରିନାହିଁ। ଉପେନ୍ଦ୍ର ଶାସକ ଦଳର କର୍ମୀ ହୋଇଥିବାରୁ ମାମଲାକୁ ଚାପି ଦେଇଥିବା ଚାଷୀ ଶ୍ରୀ ବରିହା ଅଭିଯୋଗ ଆଣିଛନ୍ତି।

ଅପରପକ୍ଷରେ ଏହି ଘଟଣା ଉପରେ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ପତିତପାବନ ପଧାନ 'ସକାଳ'କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସେ "ସକାଳ'ରୁ ଏହି ଖବର ଜାଣିଲେ। ସମ୍ପୃକ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯାଉ। ନଚେତ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ। ସେଥିପାଇଁ ପ୍ରଶାସନ ଦାୟି ରହିବ। ଅନ୍ୟପଟେ ଏହି ସବୁ ଘଟଣା ପଛରେ ଜମି କିଣିଥିବା କମ୍ପାନୀର ହାତ ଥିବା ଜଣାପଡୁଛି। ତେବେ କପା ଚାଷ କ୍ଷତି ପରେ ଚାଷୀ ଶ୍ରୀ ବରିହା ମାନସିକ ଚାପରେ ରହିଛନ୍ତି। ତାଙ୍କୁ କ୍ଷତିପୂରଣ ନ ମିଳିଲେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି "ସକାଳ' କୁ କହିଛନ୍ତି।

■ ନୂଆପଡ଼ା ଉପନିର୍ବାଚନ

# ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ସିଇଓଙ୍କ ଗୁରୁତ୍ୱ

**ନୂଆପଡ଼ା, ୧୭ ।୧୦(ସମିସ):** ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ଥାନୀୟ ପ୍ରଶାସନିକ ପ୍ରସ୍ତୁତି, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଅନ୍ୟାନ୍ୟ ସମସ୍ତ ସମ୍ପର୍କିତ ଦିଗଗୁଡ଼ିକର ସମୀକ୍ଷା କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ. ଗୋପାଳନ, ଅତିରିକ୍ତ ଡିଜିପି ଏବଂ ରାଜ୍ୟ ପୁଲିସ ନୋଡାଲ୍




ଅଧିକାରୀ ସଞ୍ଜୟ କୁମାର, ଭାରତୀୟ ନିର୍ବାଚନ କମିଶନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଜି ନୂଆପଡ଼ା ଗସ୍ତ କରିଥିଲେ। ସିଇଓ ଶ୍ରୀ ଗୋପାଳନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ କମିଶନର ଏବଂ ବରିଷ୍ଠ ଅଧିକାରୀମାନେ ଏକ ମୁକ୍ତ, ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପାଇଁ ପ୍ରସ୍ତୁତି କରିଥିଲେ। ସି-ଭିଜିଲ୍ ଆପ୍ ମାଧ୍ୟମରେ ମିଳିଥିବା ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ୨୪%୭ ନିୟନ୍ତ୍ରଣ କକ୍ଷ/ସହାୟତା ଡେସ୍କର ପ୍ରଭାବଶାଳୀ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟ ନିର୍ବାଚନ ଅଧିକାରୀ କହିଥିଲେ ଯେ ଉପନିର୍ବାଚନରେ ସେବା କରିବା ସର୍ବଦା ଏକ ମହାନ ସୁଯୋଗ। ଏହି ଉପନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ପୁଲିସ କର୍ମଚାରୀମାନେ ସମ୍ପୂର୍ଣ୍ଣ ନିରପେକ୍ଷତା, ସାଧୁତା ଏବଂ ସମର୍ପଣର ସହିତ ସେମାନଙ୍କର ନ୍ୟସ୍ତ ଦାୟିତ୍ୱ ନିର୍ବାହ କରିବା ଉଚିତ, ଯାହା ଦ୍ୱାରା ଗଣତନ୍ତ୍ରକୁ ସୁଦୃଢ଼ କରାଯିବ ଏବଂ ନିର୍ବାଚନ କମିଶନର ପ୍ରତିଷ୍ଠା ବୃଦ୍ଧି ପାଇବ। ନିର୍ବାଚନ ସମୟରେ ଟଙ୍କା, ମଦ, ଶାଢ଼ି କିମ୍ବା ଅନ୍ୟାନ୍ୟ ପ୍ରଲୋଭନ ବଣ୍ଟନ ମାଧ୍ୟମରେ ଭୋଟରମାନଙ୍କୁ ପ୍ରଲୋଭିତ କରିବାର ଯେକୌଣସି ପ୍ରୟାସ ଉପରେ କଡ଼ା ନଜର ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଆଗାମୀ ଉପନିର୍ବାଚନ ପାଇଁ ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଏସ୍‌ପି ଅମୃତ ପାଲ ସିଂହ ଜିଲ୍ଲାରେ ନିଆଯାଇଥିବା ସମସ୍ତ ଆଇନ ଶୃଙ୍ଖଳା ପଦକ୍ଷେପ ସମ୍ପର୍କରେ ଏକ ପାୱାରପଏଣ୍ଟ ଉପସ୍ଥାପନା କରିଥିଲେ। ସିଇଓ ଏବଂ କେନ୍ଦ୍ରୀୟ ଅଧିକାରୀମାନେ ବିସ୍ତୃତ ପ୍ରସ୍ତୁତି ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ପ୍ରମୁଖ ସଚିବ ଏସ୍ ବି. ଜୋଶୀ, ଡିଆଇଜି କୁନୱର ବିଶାଳ ସିଂହ, ସୁଜିତ କୁମାର ମିଶ୍ର ଇସିଆଇ ସଚିବ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର ଏବଂ ପ୍ରମୋଦ କୁମାର ସାହୁ ଅତିରିକ୍ତ ସଚିବ, ଜିଲ୍ଲାପାଳ, ଏସ୍‌ପି ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ନୂଆପଡ଼ା ଉପନିର୍ବାଚନ

# କଂଗ୍ରେସକୁ ଟାର୍ଗେଟ କଲେ ମୁଖ୍ୟମନ୍ତ୍ରୀ

**ନୂଆପଡ଼ା, ୧୭ ।୧୦(ସମିସ)**

ନୂଆପଡ଼ା ଉପନିର୍ବାଚନ ସକାଶେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସର ଦଳୀୟ ଟିକଟ ଘୋଷଣା ହେବାପରେ ମୁଖ୍ୟମନ୍ତ୍ରୀ

## ପୁରୁଣା -ନୂଆ ବିଜେପି ମଧ୍ୟରେ ଖାଉନି ତାଳମେଳ

ମୋହନ ଚରଣ ମାଝୀ ଗୁରୁବାର ନୂଆପଡ଼ା ଆସି ଜୟଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ଭାଷଣରେ କଂଗ୍ରେସକୁ ଟାର୍ଗେଟ କରି ଲଢେଇ କେବଳ ତାଙ୍କ ସହ ହେବବୋଲି ଆହ୍ୱାନ ଦେଇଛନ୍ତି। ହେଲେ ଜୟଙ୍କ ବିଜେପିରେ ଯୋଗଦାନ ପରେ ଦୁଇ ଦଳରେ ଅଶାନ୍ତର ବହ୍ନି ଶାନ୍ତ ହୋଇ ନ ଥିବା ଏହି ବୈଠକରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ଯେଭଳି ଭିଡ଼ ହେବା କଥା ତାହା ହୋଇ ନ ଥିଲା। ଚୌକି ଖାଲି ପଡ଼ିଥିବାବେଳେ ପ୍ରବଳ ଖରାରେ ଯୋଗଦାନ କରିଥିବା ଲୋକଙ୍କ ପାଇଁ ପାଣି ଟିକକ ମିଳି ନ ଥିଲା। ପାଣି ପାଇଁ ଲୋକେ ତହକବିକଳ ହୋଇଥିବା ଦେଖାଯାଇଥିଲା।

ପ୍ରକାଶ ଯେ ଗୁରୁବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ଗୋତମା ସ୍ଥିତ ହେଲିପ୍ୟାଡରେ ଅବତରଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ କାର୍ଯ୍ୟକ୍ରମରେ ୩୦ହଜାର ଲୋକଙ୍କ ସକାଶେ



ବସିବା ବ୍ୟବସ୍ଥା କରାଯାଇଥିଲା। ଦିନ ୧୨ଟାଯାଏଁ ତନି ଭାଗରୁ ଭାଗେ ସିଟ୍ ଖାଲିପଡ଼ିଥିଲା। ଏହି ଖବର ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେଲିପ୍ୟାଡରେ ଦୀର୍ଘ ଘଣ୍ଟାଏ କାଳ ଅଟକି ରହିଥିଲେ। ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ମିଶ୍ରଣ ପର୍ବରେ ଯୋଗ ଦେଇଥିବା ନବାଗତମାନଙ୍କୁ ସ୍ୱାଗତ କରିଥିଲେ।

## ଢୋଲକିଆଙ୍କ ଗୁଣଗାନ କଲେ ମୁଖ୍ୟମନ୍ତ୍ରୀ, ବସନ୍ତ କହିଲେ ଦୁର୍ନୀତି ହୋଇଥିଲା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବାଗତ ଜୟଙ୍କ ପାଇଁ ଭୋଟ ଭିକ୍ଷା କରି ବିଗତ ଦିନମାନଙ୍କରେ ଜୟଙ୍କ ବାପା ସ୍ୱର୍ଗୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ ବହୁତ ଭଲ କାମ କରିଥିଲେ। ତାଙ୍କର ଅଧୁରା ସ୍ୱପ୍ନକୁ ଆମେ ପୂରଣ କରିବୁ ବୋଲି କହିଥିବାବେଳେ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ତାଙ୍କ ଅଭିଭାଷଣରେ ଗତ ସରକାର ସମୟରେ ନୂଆପଡ଼ାରେ ସାର ଘୋଟାଲା ହୋଇଥିଲା ବୋଲି ପରୋକ୍ଷରେ ଢୋଲକିଆ ପରିବାରକୁ ଇଙ୍ଗିତ କରିଥିଲେ। ଏହାକୁ ସାଧାରଣରେ ପଣ୍ଡାଙ୍କ ଟିକଟ ବିବାଦର ଅସନ୍ତୋଷ ବାହାରୁଛି ବୋଲି ଚର୍ଚ୍ଚା କରୁଛନ୍ତି।

## ବିଜେପିର ଅସନ୍ତୋଷରୁ ସିଟ୍ ଖାଲିପଡ଼ିଥିଲା

ବିଗତ ଦିନମାନଙ୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ୨୦/୩୦ହଜାର ଲୋକଙ୍କ ସମାଗମ ହେଉଥିଲା। ହେଲେ ବର୍ତ୍ତମାନ ବିଜେପିର ଟିକଟ ବଣ୍ଟନ ଏପିସୋଡ ପରେ ଦଳୀୟ ଅସନ୍ତୋଷ ପଦାରେ ପଡୁଛି। ଗୁରୁବାର ୩୦ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ହେଲେ କୁଆଡେ ପୁରୁଣା ବିଜେପି କାର୍ଯ୍ୟକର୍ତ୍ତା, ପଦାଧିକାରୀଙ୍କ ଅସହଯୋଗ ଯୋଗୁଁ ବାଟରୁ ଲୋକେ ଫେରିଯାଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। କୋମନା ବ୍ଲକ ଘାଟିପଡ଼ାରୁ ଅଧା ଲୋକ ଫେରିଯାଇଥିବା ଖବର ମିଳିଛି। ଖବର ନେବାରୁ ଜୟ-ବିଜେପିଙ୍କୁ କୁଆଡେ ଲୋକ ଆଣିବାକୁ କୁହାଯାଇ ନ ଥିଲାବେଳେ କେବଳ ପୁରୁଣା ବିଜେପିକୁ ପୁରା ଦାୟୀତ୍ୱ ଦିଆଯାଇଥିଲା। ହେଲେ ଦୁହିଁଙ୍କ ଭିତରେ କୌଣସି ନା କୌଣସି ଜାଗାରେ ଖାପଛଡା କିମ୍ବା କିଛି ନିର୍ଦ୍ଦିଷ୍ଟ ମୁଖିଆଙ୍କ ଇଙ୍ଗିତ ଯୋଗୁଁ ଲୋକ ସଂଖ୍ୟା ମାତ୍ର ୧୦/୧୫ହଜାର ଭିତର ସୀମିତି ହୋଇଗଲା। ଅନ୍ୟପକ୍ଷେ ଲୋକଙ୍କ ପାଇଁ ପାଣି ବ୍ୟବସ୍ଥା ମଧ୍ୟ ଠିକ ଭାବରେ କରାଯାଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଚାଲିଥିବା ସମୟରେ ଗ୍ୟାଲେରୀ ଖାଲି ହେବାରେ ଲାଗିଥିଲା। ଏସବୁକୁ ନିୟନ୍ତ୍ରଣ କରିବାକୁ ସତେକି କେହି ନଥିବା ପରିଲକ୍ଷିତ ହେଉଥିଲା। ବଡ ବଡ଼ିଆ ଖାଲି ମଞ୍ଚରେ ରହିଥିବାବେଳେ ଏଭଳି ଅବସ୍ଥାକୁ ଦେଖିବାକୁ ଲୋକ ନଥିଲେ।

# କାଣିଗୁମାର ହାଇସ୍କୁଲରେ ଶିଶୁ ମହୋତ୍ସବ 'ସୁରଭି'



**ଥୁଆମୂଳ ରାମପୁର, ୧୭ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମା ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି' ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଣିଗୁମା କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଧ୍ରୁବକାନ୍ତ ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଥୁଆମୂଳ ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ, ସମାଜ ସେବୀ ଉପେନ୍ଦ୍ର ନାଏକ ଏବଂ ଲାଲ ନାଏକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ସି.ଆର୍.ସି.ସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ସୁରଭି' କାର୍ଯ୍ୟକ୍ରମ ବିଦ୍ୟାଳୟ ଅଧ୍ୟକ୍ଷ ଶିବ ଶଙ୍କର ରାଏ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ସୁଧାଂଶୁ ଶେଖର ମହାପାତ୍ର ଏବଂ ମୋତିଲାଲ ବାଗ। ଆୟୋଜକ କାଣିଗୁମା ହାଇସ୍କୁଲ ସମେତ ୧୩ ଗୋଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିନିଧିତ୍ୱ କରି ପରିଚାଳନା ରେ ସହଯୋଗ କରିଥିଲେ।

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ମାଓ ସାମଗ୍ରୀ ଜବତ

**ନୂଆପଡ଼ା, ୧୭ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ଓଡ଼ିଶା - ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ମେନପୁର ଥାନା ଭାଲୁଡିଗୀ ଜଙ୍ଗଲରେ ଏକ ମାଓ କ୍ୟାମ୍ପ ଠାବ ହୋଇଛି। ଏହି କ୍ୟାମ୍ପରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି। ବିଶେଷ ସୂତ୍ରରୁ ସୂଚନା ପାଇ ସିଆରପିଏଫ ଓ ଛତିଶଗଡ଼ ପୁଲିସ ଭାଲୁଡିଗୀ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସର୍ଚ୍ଚବେଳେ ଏକ ମାଓକ୍ୟାମ୍ପ ଠାବ ହୋଇଥିଲା। ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିଲା। ମାଗାଜିନ୍ ପୋଚ, ଔଷଧ, ଆଦି ରହିଥିବା ଜଣାପଡ଼ିଛି। ଏହା ସୁନାବେଡ଼ା - ଧରମବନ୍ଧା - ଖୋଲିଭିତର ଏରିଆ କମିଟିର କ୍ୟାମ୍ପ ବୋଲି ପୁଲିସ କହିଛି। ଆଗକୁ ନିର୍ବାଚନ ପାଖେଇ ଆସୁଥିବାବେଳେ ମାଓବାଦୀ ମାନେ ବାରମ୍ବାର ତାଙ୍କର ନୂଆଁ ନୂଆଁ କ୍ୟାମ୍ପ ଅବସ୍ଥାପିତ କରିବା ପୁଲିସ ଗୁଇନ୍ଦା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି।



## ସମାଜ ଭବନ ଲାଗି ପଣ୍ଡରା ମାଲି ସେବା ସଂଘକୁ ଜମି ଦାନ

**କୋକସରା, ୧୭ ।୧୦ (ସମିସ):** କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଅଧୀନ ସୁନାମାଳ ଗ୍ରାମର ଖୁସିରାମ ନାଏକ ୫ ଡେସିମିଲ ଜମି ବ୍ଲକ ପଣ୍ଡରା ମାଳି ସେବାସଙ୍ଘ ସମାଜ ଭବନ ନିର୍ମାଣ ନିମନ୍ତେ ଦାନ କରିଛନ୍ତି। ଏନେଇ ଆଜି ତହସିଲ କାର୍ଯ୍ୟାଳୟଠାରେ ସେବା ସଂଘର କର୍ମୀମାନଙ୍କ ଉପସ୍ଥିତିରେ ଜମି ରେଜିଷ୍ଟ୍ରେସନ ହୋଇଛି। ଏହି ସମୟରେ ପଣ୍ଡରା ମାଳି ସେବାସଙ୍ଘ ସଭାପତି ଭଜମନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ବୋଡକିଆ, କୋଷାଧ୍ୟକ୍ଷ ସୁବାଷ ନାଏକ, ଗୋବର୍ଦ୍ଧନ ନାଏକ, ହରିଶ୍ଚନ୍ଦ୍ର ନାଏକ, ଚୌଧୁରୀ ନାଏକ, ଦୁର୍ବଳ ଲିମଗୋଛିଆ, ବୀର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଜମି ଦାତା ଖୁସିରାମକୁ ପଣ୍ଡରା ମାଲି ସେବା ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ, ଯୁବକ ଗିରଫ

**ରିଆମାଳ, ୧୭।୧୦(ସମିସ):** ରିଆମାଳ ଥାନାଞ୍ଚଳରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରେମ ପରେ ଶାରୀରିକ ସମ୍ପର୍କ ଓ ପରେ ବିବାହ ନ କରିବା ଅଭିଯୋଗରେ ପୁଲିସ ଜଣେ ୨୦ ବର୍ଷିୟ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ପୀଡିତାଙ୍କ ସହ ଧରମପୁର ଗାଁର ଅଭିଯୁକ୍ତ ଯୁବକ ଜଣକ ଏକ ବର୍ଷ ହେଲା ଗୋଟିଏ ଶ୍ରେଣୀରେ ପାଠ ପଢୁଥିଲା। ପଢ଼ିବା ବେଳେ ପ୍ରେମ ସମ୍ପର୍କ ରଖି ଯୁବତୀର ଘରକୁ ଯିବା ଆସିବା କରୁଥିଲା। ଘରେ କେହି ନ ଥିବା ବେଳେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏହାପରେ ଝଗଡ଼ା କରି ବିବାହ ପାଇଁ ମନା କରିଥିଲା। ଦୁଷ୍କର୍ମର ଶିକାର ହୋଇ ଯୁବତୀ ଜଣଙ୍କ ରିଆମାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ୬୪୭ ନକଲି ମଦ ବୋତଲ ଜବତ; ୩ ଗିରଫ

**ଭବାନୀପାଟଣା, ୧୭ ।୧୦ (ସମିସ):** ଭବାନୀପାଟଣା ସଦର ରେଞ୍ଜ ଅଧୀନ ମାଡ଼ିଙ୍ଗ ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ନକଲି ବିଦେଶୀ ମଦ ଚାଲାଣ ହେଉଥିବା ଖବରପାଇ କଳାହାଣ୍ଡି




ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ସମୟରେ ଏକ କାର୍ ଭିତରେ ୭୭.୯୧୯ ଲିଟର ବିଦେଶୀ ନକଲି ମଦ ଜବତ କରାଯିବା ସହ ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏହି ଅଭିଯୁକ୍ତମାନେ ବିପିନ କୁମାର ଗୁପ୍ତା, କମଲେଶ କୁମାର ଓ ଦିନୁ କୁମାର। ସମସ୍ତେ ଝାରଖଣ୍ଡ ରାଜ୍ୟ ପଲାମୁ ଜିଲ୍ଲାର ହୋଇଥିବାବେଳେ ସେମାନେ ଏହି ବିଦେଶୀ ନକଲି ମଦକୁ କଣ୍ଟାବାଞ୍ଜି ଦେଇ କଳାହାଣ୍ଡି ଜିଲ୍ଲାକୁ ଆଣୁଥିବା ପ୍ରକାଶ। ଅବକାରୀ ପୁଲିସ ନକଲି ମଦ ସହିତ ୫୪୮ଟି ଠିପି, ୩ଟି ମୋବାଇଲ ଏବଂ ହ୍ୟୁଣ୍ଡାଇ ଭେନୁସ ଏସଏକ୍ସ କାର୍ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଏସଡିଜେଏମ୍ କୋର୍ଟକୁ ହାଜର କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।






# ସମ୍ପାଦକୀୟ



ବିଧ୍ୱଂସକାରୀ ଅସ୍ତ୍ର ନିର୍ମାଣରେ ଆଣବିକ ଶକ୍ତି ବିନିଯୋଗ ହେବା ଅନୁଶୋଚନୀୟ।
-ଲାଲ ବାହାଦୂର ଶାସ୍ତ୍ରୀ

ସକାଳ THE SAKALA

## ଚାଉଳ ବୋଝ

ସଂଗ୍ରହ ପ୍ରକ୍ରିୟାକୁ ସଂପ୍ରସାରିତ ଓ ଶୃଙ୍ଖଳିତ କରି ଅଧିକରୁ ଅଧିକ ପରିମାଣର ଧାନ ସଂଗ୍ରହ ସକାଶେ ସରକାରଙ୍କ ଉପରେ ଚାଷୀ ସମୁଦାୟ ଚାପ ପ୍ରୟୋଗ କରୁଥିବା ବେଳେ ରାଜ୍ୟରେ ମହଜୁଦ ବ୍ୟବସ୍ଥା ନ ଥିବାରୁ ଶାସନକଳ ବ୍ୟସ୍ତ ଓ ବିବ୍ରତ। ଭାରତ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଇ ନଥିବାରୁ ତାହାର ସଦୁପଯୋଗ ହୋଇପାରୁନି। ଶେଷରେ ସଂଗୃହୀତ ଚାଉଳ ପଡ଼ି ପଡ଼ି ସଢ଼ିଯିବା ସାର ହେବ। ଡବଲ୍ ଇଞ୍ଜିନ୍ ସରକାରରେ ମଧ୍ୟ ରାଜ୍ୟ ସରକାରଙ୍କ ଚାପ କେନ୍ଦ୍ର ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନି। ଏମିତିରେ ଖାଦ୍ୟ ନିଗମ ରାଜ୍ୟରୁ ସଂଗ୍ରହ କରିଥିବା ଚାଉଳ ବାବଦ ଦେୟ ୮୦୦୦ କୋଟି ଟଙ୍କା ଦୀର୍ଘ ଦିନ ଧରି ବକେୟା ପକେଇ ରଖିଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟକୁ ତାହା ମିଳୁନି। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ସରକାର ଆଗାମୀ ଖରିଫ ଋତୁରେ ଚାଉଳ ସଂଗ୍ରହକୁ କେତେ ଦୂର ଗୁରୁତ୍ୱ ଦେବେ ସେନେଇ ସନ୍ଦେହ ଉପୁଜିଛି। କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସନ କାର୍ଡଧାରୀଙ୍କୁ ଇ-କେୱାଇସି ଦାଖଲ କରିବାର ବାଧ୍ୟବାଧକତା ରହିଛି। ସେପ୍ଟେମ୍ବର ୩୦ ତାରିଖ ଥିଲା ଏହାର ଶେଷ ଅବଧି। ଏଥିରେ ବ୍ୟତିକ୍ରମ କରିଥିବା ପ୍ରାୟ ୧୫.୬୭ ଲକ୍ଷ ହିତାଧିକାରୀ ଆଗାମୀ ଦିନରେ ମାଗଣା ଚାଉଳ ପାଇବାକୁ କେତେଦୂର ହକ୍‌ଦାର ହେବେ ସେ ନେଇ ସ୍ୱୟଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏହି ଜଟିଳ ପରିସ୍ଥିତିରେ ସରକାରଙ୍କ ଅସହାୟତା ବାରି ହୋଇପଡୁଛି।

ନଭେମ୍ବର ମାସରୁ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେବେ - ଏଭଳି ଏକ ସୂଚନା ଦେଇ ସରକାର ଖାଉଟିଙ୍କ ମନରେ ନିଆଁ ଲଗାଇଦେଇଛନ୍ତି। ଯେତେଯାହା ହେଲେ ମଧ୍ୟ ଏହା କିଛି ଛୋଟିଆ କଥା ନୁହେଁ। ଆମ ସରକାର ଏପ୍ରକାରେ ସୂଚନା ଦେବା ପୂର୍ବରୁ ଇ-କେୱାଇସି ମିଆଦ ବୃଦ୍ଧି ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବାର ଥିଲା। ବ୍ୟବସ୍ଥା ଭଲ ଭାବରେ ଜାଣେ ଯେ କେଉଁ ପରିସ୍ଥିତିରେ ପଡ଼ି ହିତାଧିକାରୀ ଇ-କେୱାଇସି ଦାଖଲ କରିପାରୁନାହାନ୍ତି। ସରକାର ମାଗଣା ବ୍ୟବସ୍ଥା ଅନ୍ତରାଳରେ ଥିବା ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥିଲେ ସୁଦ୍ଧା କାହିଁକି ସୁଧାରିବା ଦିଗରେ ଅଗ୍ରସର ହେଲେ ନାହିଁ? ଏକ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ଓ ରିଟେଲଙ୍କ ସହାୟତା ନିଆଯାଇ ପାରିଥା'ନ୍ତା। ମାଗଣା ଚାଉଳ ଯୋଗାଣ ବ୍ୟାହତ ହେଲେ ପରିସ୍ଥିତି ଆଗକୁ କେଉଁ ରୂପ ନେବ ତାହା ବିଭାଗୀୟ ମନ୍ତ୍ରୀ ନିଶ୍ଚୟ ବୁଝିସାରିଥିବେ। ତେଣୁ ୨୪ ଘଣ୍ଟା ବ୍ୟବଧାନରେ ରାଜ୍ୟରେ ବଳକା ଥିବା ଚାଉଳରୁ ଅତିରିକ୍ତ ୫ କେଜି ହିତାଧିକାରୀଙ୍କୁ ଦିଆଯିବାର ବ୍ୟବସ୍ଥା ସଂପର୍କରେ ସେ ସୂଚାଇଛନ୍ତି। ହେଲେ ବ୍ୟବସ୍ଥାରୁ ବାଦ ପଡୁଥିବା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସଂପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ତେଣୁ ଅନିଶ୍ଚିତତା ନିଶ୍ଚୟ ଜାରି ରହିଛି।

ଏକଥା ସତ ଯେ ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତେଣୁ ଧାନ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହୋଇଥିବା ବେଳେ ୮ ଶହ ଟଙ୍କା ସହାୟତା ରାଶି ସଂଯୁକ୍ତ କରି ସରକାର ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ଚାଷୀଙ୍କ ପକ୍ଷରୁ ଦାବି ହେଉଛି ସଂଗ୍ରହ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ ଓ ସଂପ୍ରସାରିତ କରିବା ପାଇଁ। ସରକାର କ'ଣ ଆଗାମୀ ଦିନରେ ଅଧିକ ଧାନ ସଂଗ୍ରହ କରିବାକୁ ସମର୍ଥ ହେବେ? ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଉ ନଥିବାରୁ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ସରକାର ବାଟଘାଟ ପାଉନାହାନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏହି ଦାବିକୁ ଗୁରୁତ୍ୱ ଦେଉନାହାନ୍ତି। କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବା ପାଇଁ ହେଉଥିବା ଦାବିକୁ କେନ୍ଦ୍ର ଏଡ଼ାଇ ଆସିଥିବାବେଳେ ଆମ ରାଜ୍ୟ ଚାଉଳ ସମସ୍ୟାର ସମାଧାନ ହେବା ଆଶା ଊଣା। କହିବାକୁ ଗଲେ ସରକାରଙ୍କ ପାଇଁ ଧାନ ସଂଗ୍ରହ ଏକ ପ୍ରକାର ବୋଝ ହୋଇପଡ଼ିଛି।

## ଚାନ୍ଦିର ଚମକ

ଆରୋହଣ ପରେ ଅବରୋହଣ ହେଉଛି ମୌଳିକ ସତ୍ୟ। ଚାହିଦା ଅନୁଯାୟୀ ଯୋଗାଣ ହୋଇପାରୁନଥିବା ଯେକୌଣସି ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ଅବଧାରିତ। ଚାନ୍ଦି ବା ରୁପାର ବର୍ଦ୍ଧିତ ମୂଲ୍ୟକୁ ନେଇ ବିଶେଷଜ୍ଞଙ୍କ ଏହା ଏକ ଆକଳନ। ସାଂପ୍ରତିକ ବଜାରରେ ସୁନା ଓ ରୁପାର ମୂଲ୍ୟବୃଦ୍ଧିରେ ଯେଉଁ ପ୍ରତିଯୋଗିତାମୂଳକ ସ୍ଥିତି ପରିଲକ୍ଷିତ ହେଉଛି, ତାହା ଯଥାର୍ଥରେ ବିସ୍ମୟକର। ଆମ ଭୁବନେଶ୍ୱର ବଜାରରେ ରୁପା କେଜି ୨ଲକ୍ଷ ଟଙ୍କା ଅତିକ୍ରମ କରିଛି। ସମଗ୍ର ବିଶ୍ୱ ବଜାରରେ ରୁପାର ନିଅଣ୍ଟିଆ ସ୍ଥିତି ଦୃଷ୍ଟିରୁ ଏହି ମୂଲ୍ୟବୃଦ୍ଧି ଆଗାମୀ ଦିନରେ ଏକ ନୂଆ ଶୀର୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଆଗକୁ ଧନତେରାସ ଓ ଦୀପାବଳୀ। ତେଣୁ ସୁନା କଏନ ବା ମୁଦ୍ରା ଓ ନିର୍ମିତ ମୂର୍ତ୍ତିର ଚାହିଦା ଅଧିକ। ବିଶେଷକରି ସୁନା ଅମୂଲ ମୂଲ ହୋଇପଡ଼ିଥିବାରୁ ସ୍ୱାଭାବିକ ଭାବେ ରୁପାର ଆଦର ବଢ଼ିଛି। ଚଳିତ ମାସ ୬ ତାରିଖରୁ ଏଥିମଧ୍ୟରେ ରୁପା ଦାମ ବଜାରରେ କେଜି ପିଛା ୪୩ ହଜାର ଟଙ୍କା ବଢ଼ିଛି। ଗତ ୧୨ ଓ ୧୩ ତାରିଖରେ ଯଥାକ୍ରମେ ମୂଲ୍ୟ ୭୦୦୦ ଓ ୯୦୦୦ ଟଙ୍କା ବଢ଼ିଥିବାରୁ ରୁପାର କେଜି ପ୍ରତି ମୂଲ୍ୟ ୨ ଲକ୍ଷ ୬ ହଜାର ଟଙ୍କାରେ ପହଞ୍ଚିଛି। ଏହି ବର୍ଦ୍ଧିତ ହାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ରୁପାରେ ଆଖିବୁଜା ନିବେଶ ବଢ଼ିଚାଲିଛି। ତେବେ ଏହାର ସୀମିତ ଉତ୍ପାଦନ ଅନ୍ୟଏକ କାରଣ। ଆମକୁ ଏଠାରେ କହିବାକୁ ପଡୁଛି ଯେ କେବଳ ଗହଣା, ଦେବଦେବୀଙ୍କ ମୂର୍ତ୍ତି ଓ ବାସନରେ ରୁପାର ଉପଯୋଗ ସୀମିତ ନାହିଁ। ସୌରପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ସମଗ୍ରୀ ଏବଂ ବିଦ୍ୟୁତ୍ ଚାଳିତ ଗାଡ଼ିରେ ବ୍ୟବହୃତ ବ୍ୟାଟେରୀରେ ମଧ୍ୟ ରୁପା ବ୍ୟବହାର ହେଉଛି। ମାନବୀୟ ସୌଖୀନ ବାଦ ଦ୍ରୁତ ଶିଳ୍ପାୟନର ଆବଶ୍ୟକତା ମେଣ୍ଟାଇବା ପାଇଁ ଉତ୍ପାଦିତ ରୁପା ଯଥେଷ୍ଟ ନୁହେଁ। ତେଣୁ ଆଗାମୀଦିନରେ ରୁପାର ମୂଲ୍ୟ ଆହୁରି ବଢ଼ିବ। ଅନ୍ୟ ଏକ ଖବରରୁ ପ୍ରକାଶ ଯେ ରାଷ୍ଟ୍ରପତି ଟ୍ରମ୍ପ ଚଢ଼ା ବହିଃଶୁଳ୍କ ଘୋଷଣା କରିବା ପରେ ଲଣ୍ଡନ ମେଟାଲ ଏକ୍ସଚେଞ୍ଜରୁ ବିପୁଳ ପରିମାଣର ରୁପା ଆମେରିକା ପଠାଇଦିଆଯାଇଥିଲା। ତେଣୁ ଚାହିଦା ଅନୁଯାୟୀ ରୁପା ଯୋଗାଇବା ସମ୍ଭବ ହେଉନାହିଁ। ଆଉନ୍ସ ପିଛା ରୁପାର ମୂଲ୍ୟ ୫୨ ଡଲାରରେ ପହଞ୍ଚିଛି। ଏହାକୁ ଏକ ରେକର୍ଡ ବୃଦ୍ଧି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସର୍ବୋପରି ବୁଲିୟନ ବଜାରରେ ପରିଲକ୍ଷିତ ନିଅଣ୍ଟିଆ ସ୍ଥିତି ଏବଂ ବିତ୍ତୀୟ ଅନିଶ୍ଚିତତା ଏବେ ଲାଗି ରହିଛି। ବିଶେଷକରି ଚୀନ ବିରୋଧରେ ଟ୍ରମ୍ପ ଶହେ ପ୍ରତିଶତ ଟାରିଫ ଘୋଷଣା କରିଥିବାରୁ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ତେଣୁ ନିବେଶକଙ୍କ ଆଖି ଏବେ ସୁନା ଓ ରୁପା ଉପରେ। ପରିସ୍ଥିତି ଏପରି ହୋଇଛି ଯେ ରୁପା ନିବେଶ ପାଣ୍ଠି (ଇଟିଏଫ)ରେ ନୂତନ କ୍ରୟକୁ ସାମୟିକ ବନ୍ଦ କରାଯାଇଛି। ଏକଥା ସତ ଯେ ପାର୍ବଣ ପରେ ବିବାହ ଋତୁର ଆଗମନ ହେଉଥିବାରୁ ବଜାରରେ ଚାହିଦା ବର୍ଷତମାମ ଜାରି ରହିବ। ତେଣୁ ରୁପାର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ପ୍ରାୟତଃ ଊଣା। ପୂର୍ବରୁ ସଞ୍ଚିତ ରୁପା ସାମଗ୍ରୀ ମାଧ୍ୟମରେ ଗହଣା ଦୋକାନୀ ଏବର ସ୍ଥିତିକୁ ସମ୍ମୁଖୀନ ହେଉଥିବାରୁ ହଠାତ୍ ନିଅଣ୍ଟ ବା ଅଭାବ ପରିଲକ୍ଷିତ ହେବ ନାହିଁ।

# ନୋବେଲ୍ ପ୍ରତ୍ୟାଶୀ ନଟସମ୍ରାଟଙ୍କ 'ମୋଗଲ୍ ତାମ୍‌ସା'

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ପ୍ରାୟ ସାତ କି ଆଠମାସ ଧରି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୀତ ହେଉଥିବା ହାସ୍ୟୋଦ୍ଦୀପକ ଅଥଚ ଭିନ୍ନ ଏକ ଦୃଷ୍ଟିରୁ କାରୁଣ୍ୟଭିଜା ନାଟକଟି ଉପରେ ଏବେ ପରଦା ପଡ଼ିଯାଇଛି। ଲୋକମନୋରଞ୍ଜକ 'ମୋଗଲ ତାମସା'ର ମୁଖ୍ୟ ଚରିତ୍ର-ତୁଲ୍ୟ 'କ୍ଷଣ କ୍ଷଣକେ ଆନ ଆଚରଣ, ଆନ ଉଚ୍ଚାରଣ'ରେ ଆମକୁ ପ୍ରଚୁର ହସ, ପ୍ରଚୁର ବିନୋଦରେ ଆପ୍ୟାୟିତ କରିଚାଲିଥିବା ନଟସମ୍ରାଟ ଜଣକ ଏଥର ଅନ୍ୟ ରଙ୍ଗରସର ଅଭିନୟରେ ସମଆଟୋପ ସହ ଉତ୍ତୀର୍ଣ୍ଣ ହେବା ପାଇଁ ମୁହୂର୍ତ୍ତେ ଅବଶ୍ୟ ବିଳମ୍ବ କରିବେ ନାହିଁ, କିନ୍ତୁ ସେ ଅଭିନୟ ଆଉ ଏତେଟା ରୋଚକ, ଏତେଟା ବିରକ୍ତିକର ଭାବରେ ରୋମାଞ୍ଚକ ହେବାର ସମ୍ଭାବନା ନାହିଁ ନିଶ୍ଚୟ। ଏହାର କାରଣ ଅତି ସ୍ପଷ୍ଟ। ସଦ୍ୟ ସମାପ୍ତ ଏହି ଚର୍ଚ୍ଚିତ ନାଟକରେ ଏ ଅଭିନେତା ଏକାବେଳକେ ତିନି/ଚାରିଟି ଭୂମିକାରେ ଅଭିନୟ କରିବାର ମହାର୍ଘ ସୁଯୋଗ ପାଇଥିଲେ- କେତେବେଳେ ଅଝଟ ଅବୋଧ ବାଳକର ଅଭିନୟ ତ କେତେବେଳେ ଜଣେ ସଲାକୁସ୍ତି-ଯୋଦ୍ଧାର କି ଜଣେ ଦୁର୍ଦ୍ଦାନ୍ତ ଦେହବଳିଆ, ମୋଟାବୁଦ୍ଧିଆର ଅଭିନୟ। କିଏ ହୁଏତ କହିପାରନ୍ତି ଏ ଭୂମିକା ସବୁ ହାସ୍ୟରସ ସହ କିଛିଟା ଲଘୁ ବୀଭତ୍ସରସ ସିନା ସୃଷ୍ଟି କରିଥିବେ, କିନ୍ତୁ କାରୁଣ୍ୟରସ କାହିଁ? କାରୁଣ୍ୟରସ ଅବଶ୍ୟ ଥିଲା, କାରଣ ଏ ପକ୍‌କା ନାଟୁଆ ମଣିଷ ଜଣକ ମଝିରେ ମଝିରେ 'ଭିକ୍ଷାଂ ଦେହି, ଭିକ୍ଷାଂ ଦେହି' କହି ଭାରି ବିକଳ ସ୍ୱରରେ କାକୁତି ମିନତି ବି କରୁଥିଲେ ଏବଂ ନିରାଶ-ଜର୍ଜର ଭିକ୍ଷୁକଟିଏ ପରି ଅଭିସଂପାତ ବି ଦେଉଥିଲେ।

ଏ ଦୀର୍ଘ ଉପକ୍ରମଣିକାଟି ପଢ଼ିବା ପରେ ଆପଣମାନେ ଜାଣି ସାରିବେଣି ଏ ନଟସମ୍ରାଟ ହେଉଛନ୍ତି ଆମେରିକାର ମଉଡ଼ମଣି ଡୋନାଲଡ୍ ଟ୍ରମ୍ପ ମହୋଦୟ। ନୋବେଲ୍ ଶାନ୍ତି ପୁରସ୍କାର ରୂପକ ଅପରୂପ ସ୍ୱାଦଯୁକ୍ତ ଅମୃତଫଳଟିକୁ ନିଜ ଭିକ୍ଷାଝୁଲିରେ ଯେନତେନ ପ୍ରକାରେ ଖସାଇ ପକାଇବା ପାଇଁ ତାଙ୍କର ଦୁଃସହ ଲିପ୍‌ସାର ଦୃଶ୍ୟଶ୍ରାବ୍ୟ ନାଟକ ଇଏ। ମନେ ହୁଏ ସେ କବି 'ୱାଲଟ୍ ହ୍ୱିଟ୍‌ମ୍ୟାନ'ଙ୍କ 'ସଙ୍ଗ୍ ଅଫ୍ ମାଇସେଲ୍‌ଫ୍' କବିତାର ଏଇ କେତୋଟି ପଂକ୍ତି 'ମୁଁ କ'ଣ ବାରବାର ନିଜକୁ ଖଣ୍ଡନ କରୁଛି? ବେଶ୍ ହେଲା, ଏବେ ଶୁଣ ମୋର ଦୃପ୍ତ ସ୍ୱୀକାରୋକ୍ତି / ହଁ, ମୁଁ ଖଣ୍ଡନ କରୁଛି ନିଜକୁ ବାରବାର / ମୁଁ ବିରାଟ, ବିପୁଳ / ମୁଁ ଏକ ନୁହେଁ, ଅନେକ / ମୋ ଭିତରେ ଅଗଣିତ ଭିନ୍ନ ଭିନ୍ନ ସତ୍ତା ବିଦ୍ୟମାନ' ରେ ନିହିତ ଗୂଢ଼ ଭାବନାର କଦର୍ଥ କରି ପକାଇଛନ୍ତି ଆପଣାର ସେ ବିଲକ୍ଷଣ ସ୍ଥୂଳ ବୁଦ୍ଧିରେ। ସେ ଭାବିନେଇଛନ୍ତି ଯେ ସେ ସତରେ ଜଣେ ବିରାଟ ପୁରୁଷ ଏବଂ ସେଥିପାଇଁ ନିଜକୁ, ନିଜର ମତ ମନ୍ତବ୍ୟ, ଆଚରଣ ବା ଉଚ୍ଚାରଣ ସବୁକୁ ବାରବାର ଖଣ୍ଡନ କରିବା ତାଙ୍କର ଦୈବାଧିକାର। ସ୍ଥୂଳ ବୁଦ୍ଧି ଓ ଅଳ୍ପ ବିଦ୍ୟା କି ଭୟଙ୍କର ସତେ!

ଆତ୍ମଗର୍ବ, ଆତ୍ମରତି, ଔଦ୍ଧତ୍ୟ ଓ ଓଲାପଣିଆର ବିଚିତ୍ର କକ୍‌ଟେଲ୍ ଡୋନାଲଡ ଟ୍ରମ୍ପ-ଏହା ଅବଶ୍ୟ ଅକାଟ୍ୟ ସତ୍ୟ। ମାତ୍ର ବିଚିତ୍ରତମ ହେଉଛି ନୋବେଲ୍ ଶାନ୍ତି ପୁରସ୍କାରଟି ପାଇଁ ତାଙ୍କର ଏ ଜ୍ୱରାକ୍ରାନ୍ତ ପ୍ରଳାପ, ଏ ଅଳିଅର୍ଦ୍ଦଳି, ଏ ରେରେକାର ଚିତ୍କାର ଓ ତମ୍ବିତୋଫାନ। କିନ୍ତୁ ସବୁ ଦୋଷ କ'ଣ ବିଚରା ଟ୍ରମ୍ପଙ୍କର? ତାଙ୍କରି ଦେଶର କୁଟିଳମନା ଯୁଦ୍ଧଖୋର କୂଟନୀତିଜ୍ଞ ହେନ୍‌ରୀ କିସିଂଜରଙ୍କୁ ନରୱେ ନୋବେଲ କମିଟି କ'ଣ ଦିନେ 'ବିଶ୍ୱଶାନ୍ତିଦୂତ'ର ମାନ୍ୟତା ଦେଇ ନଥିଲା ନୋବେଲ୍ ଶାନ୍ତି ପଦକଟି ଦୁର୍ବୋଧ ବିନମ୍ରତାର ସହ ପ୍ରଦାନ କରି? ଦିନେ ସେହି ନୋବେଲ୍ ଶାନ୍ତି କମିଟି କ'ଣ ହିଟ୍‌ଲର୍, ଷ୍ଟାଲିନ ଓ ମୁସୋଲିନୀମାନଙ୍କ ପରି ଗଣହତ୍ୟାକାରୀ ଅମଣିଷମାନଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଦେବା ପାଇଁ ଅସଫଳ ମସୁଧା କରି ନ ଥିଲା? ଏ ପର୍ଯ୍ୟନ୍ତ ଯେଉଁମାନଙ୍କୁ ଏ କମିଟି ଶାନ୍ତି ସମ୍ମାନରେ ଭୂଷିତ କରିସାରିଛି, ସେମାନଙ୍କ ମଧ୍ୟରୁ ବେଶ୍ କେତେଜଣଙ୍କ ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିନି କି? ଏମିତି ଉଦାହରଣ, ଏମିତି ବିଡ଼ମ୍ବନାମାନ ଯେତେବେଳେ ଡୋନାଲଡ୍ ଟ୍ରମ୍ପଙ୍କ ଗୋଚରୀଭୂତ ହୋଇଥିବ, ସେତେବେଳେ କିପରି ଓ କାହିଁକି ବା ସେ ବିରତ ହୋଇଥା'ନ୍ତେ ଏମନ୍ତ ଏକ ସର୍ବଗ୍ରାସୀ (ଓ ସର୍ବନାଶୀ ବି) କାମନା-ପୋଷଣରୁ? ସେ କ'ଣ ହେନରୀ କିସିଂଜରଙ୍କ ମୁଖନିସୃତ 'ଆମେରିକାର କେହି ନୁହନ୍ତି ଶତ୍ରୁ, କେହି ନୁହନ୍ତି ମିତ୍ର-ସର୍ବାଗ୍ରେ ହିଁ ଆମେରିକାର ସ୍ୱାର୍ଥ' ମହାମନ୍ତ୍ରଟିର ପ୍ରୟୋଗ କରି ଚାଲିନାହାନ୍ତି ତାଙ୍କର ବିଦେଶ ନୀତିରେ? କାମ୍ବୋଡ଼ିଆରେ ବୋମାବର୍ଷଣ, ବଲଭିଆ ଓ ଚିଲିରେ ସାମରିକ ବିଦ୍ରୋହ, ଇଷ୍ଟ ତିମୋର୍ ଉପରେ ଇଣ୍ଡୋନେସିଆର ଆକ୍ରମଣ ଏବଂ ଏମିତି ଆହୁରି କେତେ କେତେ ହିଂସାତ୍ମକ, ଆକ୍ରମଣାତ୍ମକ କାର୍ଯ୍ୟ ଓ ଆଭିମୁଖ୍ୟ ଆମେରିକା ପ୍ରଦର୍ଶନ କରିଚାଲିଥିବା ବେଳେ ସେଥିପାଇଁ ପ୍ରୋତ୍ସାହନ ଦେଇଥିଲେ ହେନେରୀ କିସିଂଜର। ଆଉ କିଏ ବା ନ ଜାଣେ ଏଇ କିସିଂଜରୀୟ କୂଟନୀତି ଭିଏତ୍‌ନାମ, ଇରାକ୍ ଆଦି ଦେଶମାନଙ୍କରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ମୁଖ୍ୟ ଉତ୍‌ପ୍ରେରକ ବୋଲି! ଏମନ୍ତ ମହାନ୍ ଆମେରିକୀୟ ଜଣେ ଯଦି ନୋବେଲ୍ ଶାନ୍ତି ସମ୍ମାନରେ ଭୂଷିତ ହୋଇଥିଲେ, ଟ୍ରମ୍ପ ବା କାହିଁକି ନ ହେବେ, ବିଶେଷ କରି ସେ ସାତ ସାତଟି ଯୁଦ୍ଧ ବିରତିର କାର୍ପଟଦାର ହୋଇଥିବା ବେଳେ? ପାକିସ୍ତାନର ଅସୀମ ମୁନିର୍, ଇସ୍ରାଏଲର ନେତାନ୍ୟାହୁ ଆଦି ଟ୍ରମ୍ପ ହିଁ ନୋବେଲ୍ ଶାନ୍ତି ପୁରସ୍କାରର ହକ୍‌ଦାର ବୋଲି ନୋବେଲ୍ କମିଟିକୁ ଦୃଢ଼ ସୁପାରିସ କରିନାହାନ୍ତି କି? ଅବୋଲକରା ଭାରତ ସେମିତି କଲା ନାହିଁ ବୋଲି ସେ ତା'ଉପରେ ପ୍ରଚଣ୍ଡ 'ଟାରିଫ୍' ପ୍ରହାର କରି ନାହାନ୍ତି କି? 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' (ମାଗା) ସ୍ୱପ୍ନଟିକୁ ଚରିତାର୍ଥ କରିବା ପାଇଁ କି କି ମହତ୍ ପଦକ୍ଷେପମାନ ନେଉନାହାନ୍ତି ସେ? ମାନବତା, ଉଦାରତା, ଭେଦଭାବହୀନତା ପରି ଶାଶ୍ୱତ ମୂଲ୍ୟବୋଧ ସବୁର ପ୍ରତୀକ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଦେଶ ଆମେରିକାର ଗଣତାନ୍ତ୍ରିକ, ସାମ୍ବିଧାନିକ ବାତାବରଣକୁ ଧ୍ୱସ୍ତ ବିଧ୍ୱସ୍ତ କରି, ବିଶ୍ୱାୟନ ପରେ ପରେ ଦେଶ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ, ଅବାଧ ଯାତାୟତ ଓ ଜ୍ଞାନବିଜ୍ଞାନର ଆଦାନପ୍ରଦାନ ସବୁକୁ ସୁଗମ କରିବା ପାଇଁ ଉନ୍ମୁକ୍ତ ହୋଇଯାଇଥିବା ସବୁ ଦ୍ୱାର, ଗବାକ୍ଷ, ସବୁ ମାର୍ଗ ପୁନଶ୍ଚ ଅବରୁଦ୍ଧ କରି ଆମେରିକାର ସ୍ୱାତନ୍ତ୍ର୍ୟ, ଆମେରିକାର ପ୍ରଭୁତ୍ୱକୁ ନିରଙ୍କୁଶ ରଖିବା ପାଇଁ କି କି ଅଭିନବ ଚିନ୍ତନ-ପ୍ରସୂତ ତତ୍ତ୍ୱ ବାଢ଼ି ଦେଇନାହାନ୍ତି ସେ? ତେଣୁ ନୋବେଲ୍ ଶାନ୍ତି ତାଙ୍କର ପ୍ରାପ୍ୟ, ଶତ ପ୍ରତିଶତ ପ୍ରାପ୍ୟ - ଏମିତି ଭାବିବାରେ କିଛି ଅସ୍ୱାଭାବିକତା ଅଛି ବୋଲି କାହିଁକି ଟ୍ରମ୍ପ ମହୋଦୟ ଚିନ୍ତା କରିବେ?

କିନ୍ତୁ ହାୟ, ସବୁ ଛଳକୌଶଳ, ସବୁ ଧମକଚମକ ଓ ସବୁ କାନ୍ଦଣା, ପ୍ରାର୍ଥନାକୁ ବ୍ୟର୍ଥ କରିଦେଲେ ନରୱେ ନୋବେଲ୍ କମିଟିର ବିଚାରକମାନେ। ବୋଧହୁଏ ଏଇଥର ଖୁବ୍ ତୀବ୍ର ବେଗରେ ସେମାନଙ୍କ ଧମନୀରେ ପ୍ରବାହିତ ହୋଇ ଚାଲିଲା ବେଳେବେଳେ ଧିମେଇ ଯାଉଥିବା ସେ ବୈଶିଷ୍ଟ୍ୟାତ୍ମକ 'ସ୍କାଣ୍ଡିନେଭିଆନ' ଟାଣପଣିଆ ଏବଂ ସୁସ୍ଥବିଚାର-ପ୍ରବଣତାର ରସାୟନ। ଶାନ୍ତି, ଶାନ୍ତି ଚିତ୍କାର କରି ଅଶାନ୍ତି ସୃଷ୍ଟି କରି ଚାଲିଥିବା ହୁଙ୍କାପିଟିଆ, ଆଡ଼ବାୟା ଡୋନାଲଡଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ଚାପ ଆଗରେ ମୁଣ୍ଡ ନ ନୁଆଁଇ ସେମାନେ ଭେନିଜୁଏଲାର ବିରୋଧୀ ଦଳର ନେତ୍ରୀ 'ମାଚାଡୋ'ଙ୍କୁ ନୋବେଲ୍ ଶାନ୍ତି (୨୦୨୫) ପୁରସ୍କାର ବିଜୟିନୀ ଭାବରେ ଘୋଷଣା କଲେ ଏବଂ ଏପରି କରି ସ୍ପଷ୍ଟ କରିଦେଲେ ଯେ ଶାନ୍ତି ଏକ ଲକ୍ଷ୍ୟ କେବଳ ନୁହେଁ, ଏହା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଏବଂ ଗଣତନ୍ତ୍ର, ମାନବତା, ସମତା ଓ ବାକ୍ ସ୍ୱାଧୀନତାର ମାର୍ଗରେ ଏକ ସର୍ତ୍ତବିହୀନ ନିରବଚ୍ଛିନ୍ନ ଯାତ୍ରା। ଏହାସହିତ ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଶାନ୍ତିର ମାର୍ଗ ହେଉଛି ଗାନ୍ଧୀଙ୍କ ମାର୍ଗ, ମାର୍ଟିନ୍ ଲୁଥର କିଙ୍ଗ, ନେଲସନ୍ ମାଣ୍ଡେଲା ଓ ମଦର ଟେରେସାଙ୍କ ମାର୍ଗ। ଡୋନାଲଡ୍ ଟ୍ରମ୍ପଙ୍କ ପରି ଜଣେ ଅସ୍ଥିରଚିତ୍ତ, ପ୍ରଚ୍ଛନ୍ନ ଫାସିବାଦୀ ଚରିତ୍ରର ରାଜନେତା ନୁହନ୍ତି, 'ମାଚାଡୋ'ଙ୍କ ପରି ଜଣେ ଉତ୍ସର୍ଗୀକୃତ ନାରୀନେତ୍ରୀ ଏ ମହତୀ ସମ୍ମାନର ଯୋଗ୍ୟା ବୋଲି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଆମକୁ ତଥା ଏ ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିବା ସଙ୍ଗେ ସଙ୍ଗେ ନରୱେ ନୋବେଲ ଶାନ୍ତି କମିଟି ଏଇ ବାର୍ତ୍ତାଟି ମଧ୍ୟ ଦେଇଛନ୍ତି - 'ବର୍ତ୍ତମାନର ବହୁଧା ବିଭକ୍ତ, ବିଭାଜିତ, ବହୁ ଦ୍ୱନ୍ଦ୍ୱ, ବିରୋଧାଭାସପୂର୍ଣ୍ଣ କାଳଖଣ୍ଡରେ ତଥାପି ମାନବତା, ମାନବିକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତାର ଦୀପଶିଖା କେଉଁଠି ନା କେଉଁଠି ପ୍ରଜ୍ୱଳିତ ଅଛି, କେଉଁଠି ନା କେଉଁଠି ସୁସ୍ଥ ବିଚାରବୋଧର ଜାହ୍ନବୀଧାରା ପ୍ରବାହିତ ହୋଇଚାଲିଛି'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଏମିତି ଖୁସି କାହିଁକି?

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଖୁସି ପ୍ରକାଶ କରିବାର ଅନେକ ଉପାୟ ଅଛି। ହେଲେ ପ୍ରଶ୍ନ ହେଉଛି କାହିଁକି କିଛି ଲୋକ କେବଳ ବାଣ ଫୁଟାଇ ନିଜ ଖୁସି ପରିପ୍ରକାଶ କରନ୍ତି। ବାଣ କେବଳ ପରିବେଶ ପାଇଁ କ୍ଷତିକାରକ ନୁହେଁ, ବିପଜ୍ଜନକ ମଧ୍ୟ। ଏଥିଯୋଗୁଁ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିତ ଅନେକ ଲୋକଙ୍କ ମୃତ୍ୟୁ ଘଟେ। ସର୍ବୋଚ୍ଚ ନ୍ୟାୟାଳୟ ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ କେବଳ ଦିଲ୍ଲୀ-ଏନସିଆରରେ କାହିଁକି ବାଣ ଫୁଟାଇବା ନିଷେଧ ହେବ? ଦେଶର ଅନ୍ୟାନ୍ୟ ସହର ଯେଉଁଠାରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା, ସେଠାରେ ମଧ୍ୟ ବାଣ ଫୁଟାଇବା କାହିଁକି ନିଷେଧ କରାଯିବ ନାହିଁ? ଦିଲ୍ଲୀ ଜନସାଧାରଣଙ୍କର ପରି ସମସ୍ତ ସହରର ଲୋକଙ୍କୁ ସ୍ୱଚ୍ଛ ବାୟୁ ଆହରଣର ସମାନ ଅଧିକାର ଅଛି। ପ୍ରଦୂଷଣ ସମ୍ପର୍କିତ ଯେକୌଣସି ନୀତି ସାରା ଦେଶରେ ସମାନ ହେବା ଉଚିତ।

୨୦୨୫, ମେ' ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତର ପ୍ରଦେଶ, ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ଜାତୀୟ ରାଜଧାନୀ ଅଞ୍ଚଳରେ ବାଣ ଫୁଟାଇବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ଚେତାବନୀ ଦେଇଛନ୍ତି ନିର୍ଦ୍ଦେଶର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ହେବ। ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଅନେକ ଥର ଏହି ସମ୍ପର୍କରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶଗୁଡ଼ିକୁ କେତେ ପରିମାଣରେ ପାଳନ କରାଯାଇଛି ତାହା ସର୍ବଜନବିଦିତ। ଯଦିଓ କିଛି ମହଲରେ ସବୁଜ ବାଣ ବିଷୟରେ ଏକ ସକାରାତ୍ମକ ଧାରଣା ରହିଛି, ତଥାପି ବାଣ ବ୍ୟବହାର ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି କରେ। ଏଥିରୁ ନିର୍ଗତ ପ୍ରଦୂଷଣ, ରାସାୟନିକ ପଦାର୍ଥ ଓ ବିଭିନ୍ନ କଠିନ ପଦାର୍ଥର ପରିବେଶ ଉପରେ ପ୍ରଭାବ କମ୍ ନୁହେଁ। ବିଡ଼ମ୍ବନାର ବିଷୟ ହେଉଛି ସାଧାରଣ ଲୋକ ସମସ୍ତ ନିର୍ଦ୍ଦେଶ, ସରକାରୀ କଟକଣା ଓ ପରାମର୍ଶକୁ କ୍ରମାଗତ ଭାବରେ ଅଣଦେଖା କରିଛନ୍ତି। ଦୀପାବଳୀ ସମୟରେ ଏବଂ ଏହାର ପାଖାପାଖି ଗୋଟିଏ କିମ୍ବା ଦୁଇ ଦିନ ପାଇଁ ରାସ୍ତାରେ ଚାଲିବା କଷ୍ଟକର ହୋଇପଡ଼େ। ଅନେକ ଦିନ ପର୍ଯ୍ୟନ୍ତ ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ରହିଥାଏ, ଯାହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରେ।

ପ୍ରଶ୍ନ ହେଉଛି ଏହା କାହାର ଖୁସି? ଏହି ପର୍ବରେ କିଏ ଭଲ ଭାବରେ ଆତସବାଜି ଫୁଟାଇପାରିବ ତାହା ଦେଖିବା ପାଇଁ ଏକ ପ୍ରତିଯୋଗିତା ହୋଇଥାଏ।



ରିପୋର୍ଟ ଅନୁଯାୟୀ ଅନେକ ପରିବାର କିଛି ଘଣ୍ଟା ମଧ୍ୟରେ ୧୦୦୦ ରୁ ୧୦୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଆତସବାଜି ଜାଳିଥା'ନ୍ତି। ପ୍ରଶ୍ନ ହେଉଛି ଏହା କ'ଣ ପର୍ବ ପାଳନ କରିବାର ଉପାୟ ନା ପ୍ରଦୂଷଣ ସୃଷ୍ଟିକାରୀ ପ୍ରତିଯୋଗିତା? ଆତସବାଜି କେବଳ ବ୍ୟବହାରକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ନିକଟରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରେ।

ବୈଜ୍ଞାନିକଙ୍କ ମତାନୁଯାୟୀ ଆତସବାଜି ଜାଳିବା ଦ୍ୱାରା ସଲଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୀସା ସମେତ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ନିର୍ଗତ ହୁଏ, ଯାହା ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଏସବୁ ଅତ୍ୟନ୍ତ ବିଷାକ୍ତ, ଯାହା ହୃଦୟ, ମସ୍ତିଷ୍କ, ଯକୃତ, ବୃକକ୍, ରକ୍ତ ଏବଂ ହାଡ଼କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଶବ୍ଦ ପ୍ରଦୂଷଣ ବ୍ୟତୀତ ଏହା ମାଟି ଓ ଜଳ ପ୍ରଦୂଷଣ ମଧ୍ୟ ସୃଷ୍ଟି କରେ। ଆଜ୍‌ମା, ହୃଦ୍‌ଘାତ, ଚର୍ମ ରୋଗ ଆଦି ମଧ୍ୟ ବୃଦ୍ଧି କରେ। ଗବେଷଣା ଅନୁଯାୟୀ ଆତସବାଜି ସାର୍ବଜନୀନ ଜଳ ଯୋଗାଣ ଓ ଭୂତଳ ଜଳକୁ ମଧ୍ୟ ବିଷାକ୍ତ କରିପାରେ। ଯେଉଁମାନେ ସେହି ପାଣି ବ୍ୟବହାର କରନ୍ତି ସେମାନଙ୍କୁ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗର ଶିକାର ହେବାକୁ ପଡ଼ିଥାଏ। ଏହା ଉଦ୍ଭିଦ ଉପରେ ପ୍ରତିକୂଳ ପ୍ରଭାବ ପକାଏ।

ଉତ୍ସବ ନାମରେ ଜଳାଯାଉଥିବା ଆତସବାଜି ଥରେ ହିଂସାତ୍ମକ ଓ କୋଳାହଳପୂର୍ଣ୍ଣ ସଂସ୍କୃତିର ଅଂଶ ଥିଲା। ମଧ୍ୟଯୁଗୀୟ ସମୟରେ ଏଗୁଡ଼ିକ ଭାରତରେ ବ୍ୟାପକ ହୋଇଗଲା ଏବଂ ଦେଖୁ ଦେଖୁ ଭାରତୀୟ ସମାଜର ପ୍ରତ୍ୟେକ ବର୍ଗରେ ଆନନ୍ଦ ପ୍ରକାଶ କରିବାର ଏକ ମାଧ୍ୟମ ହୋଇଗଲା। ଆମ ଦେଶରେ ଏଗୁଡ଼ିକ କୌଣସି ଉତ୍ସବ କିମ୍ବା ପର୍ବର ଅଂଶ ନଥିଲେ। କାରଣ ଏଗୁଡ଼ିକ ଏଠାରେ ନିର୍ମିତ ହୋଇନଥିଲା। ଶାନ୍ତି, ପ୍ରେମ, ସଦ୍ଭାବ ଏବଂ ସହିଷ୍ଣୁତାର ଭାରତୀୟ ସଂସ୍କୃତିରେ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ, ଆମ୍ବ ପତ୍ରରେ ଘର ସଜାଇବା, ଚିତ୍ରକଳା କରିବା ଏବଂ ଖୁସି ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରତୀକ ବ୍ୟବହାର କରିବାର ପରମ୍ପରା ରହିଆସିଛି।

ରାଜ୍ୟ ପ୍ରଶାସନ ବାଣ ଫୁଟାଇବା ଉପରେ ସରକାରୀ ନିଷେଧ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେତେଦୂର କାର୍ଯ୍ୟକାରୀ କରିପାରିବେ ତାହା କେବଳ ଦୀପାବଳି ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ଜଣାପଡ଼ିବ। ତଥାପି ଜନସଚେତନତା ବ୍ୟାପକ ଭାବରେ କରାଯିବା ଉଚିତ, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ନହୁଏ। ଆଶା କରାଯାଉଛି ଯେ ଭବିଷ୍ୟତରେ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ନୁହେଁ, ବରଂ ପ୍ରଦୂଷଣ ସମସ୍ୟା ଲାଗି ରହିଥିବା ପ୍ରତ୍ୟେକ ସହରରେ ବାଣ ଫୁଟାଇବା ଉପରେ ନିଷେଧ ଲାଗୁ କରାଯିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ତିବ୍ବତରେ ବୌଦ୍ଧବିହାର

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ଏଇଟି ଖ୍ରୀ ୧୪୪୫ ରେ ନିର୍ମିତ ହୋଇଥିଲା ସଙ୍ଘ-ଖା-ପାଙ୍କର ବଂଶଧର ତଥା ଗେଲୁଗ୍‌ସ୍‌ପା ସଂପ୍ରଦାୟର ପ୍ରଥମ ମହାଲାମା ଗେ ଡୁନ୍ ଡବ୍ ଙ୍କ ଦ୍ୱାରା। ଏହି ମହାବିହାରଟି ବୌଦ୍ଧଶିକ୍ଷାର ପ୍ରଧାନ କେନ୍ଦ୍ର। ତାସୀ-ଲୁନ୍-ପୋ ବିଶ୍ୱବିଦ୍ୟାଳୟଟି ମହାଲାମାଙ୍କ ଅଧ୍ୟକ୍ଷତାରେ ହିଁ ପରିଚାଳିତ। ଏହି ମହାଲାମା ପଞ୍ଚେନ ରିନ୍ ପୋ ଚେ ନାମରେ ପରିଚିତ। ମହାବିହାରଟି ଗୋଟିଏ କ୍ଷୁଦ୍ର ସହର ଏବଂ ଏଠାରେ ତିନି ହଜାର ଭିକ୍ଷୁ ରହିଥା'ନ୍ତି। (୬) ରା-ଡାଙ୍ଗ - ଏହି ମହାବିହାରଟି କଦମ୍‌ପା ସଂପ୍ରଦାୟର। ଏହା ଲାସାର ଉତ୍ତର ପୂର୍ବକୁ ଅବସ୍ଥିତ। ଏଇଟି ବୌଦ୍ଧ ଗୁରୁ ଅତୀସଙ୍କ ଶିଷ୍ୟ ବ୍ରମ୍-ଟନ୍ ଙ୍କ ଦ୍ୱାରା ଖ୍ରୀ ୧୦୫୫ରେ ପ୍ରତିଷ୍ଠିତ। ଏଠାରେ ଅତୀସଙ୍କ ଦେହାବଶେଷ ଏକ ବିରାଟ ରୌପ୍ୟ ସମାଧିରେ ସଂରକ୍ଷିତ। ଏହିଠାରେ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସାଧୁ ମିଲାରେପାଙ୍କର ସ୍ୱର୍ଣ୍ଣନିର୍ମିତ ପ୍ରତିମୂର୍ତ୍ତି ରଖାଯାଇଛି। ଏହି ସ୍ଥାନଟି ହେଉଛି ତିବ୍ବତରେ ପ୍ରାରମ୍ଭିକ କାଳର ପ୍ରଥମ ଓ ପ୍ରଧାନ ବୌଦ୍ଧ କେନ୍ଦ୍ର। (୭) ସା-ସ୍କ୍ୟ



- ଏହି ମହାବିହାର ଖ୍ରୀ ୧୦୭୧ରେ ପ୍ରତିଷ୍ଠିତ। ସା-ସ୍କ୍ୟ ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ଏକ ସଂସ୍କାରମୂଳକ ସଂପ୍ରଦାୟ ଏବଂ ଏହି ମହାବିହାରଟି ସେହି ନାମରେ ନାମିତ। ଏହି ମହାବିହାରର କୋଠା ସାତତାଲା ବିଶିଷ୍ଟ। ଏଠାରେ ଏକ ବିଶାଳ ଗ୍ରନ୍ଥାଗାର ରହିଛି। ତିବ୍ବତୀ ଓ ସଂସ୍କୃତ ଭାଷାରେ ଗ୍ରନ୍ଥମାନ ଏଠାରେ ରଖାଯାଇଛି। (୮) ଫୁଣ୍ଟସୋଲିଙ୍ଗ - ଏହି ବିହାରଟିକୁ ପ୍ରସିଦ୍ଧ ତିବ୍ବତୀୟ ଇତିହାସକାର ଲାମା ତାରାନାଥ ପ୍ରତିଷ୍ଠା କରିଥିଲେ। ଶାସକ୍ୟର ଉତ୍ତର ପାଖରେ ଜୋନାଙ୍ଗ ବୌଦ୍ଧବିହାର ପାଖାପାଖି ଏହି ବିହାରଟିରେ ଲାମା ତାରାନାଥ ନିଜେ ଶିକ୍ଷା ଗ୍ରହଣ କରିଥିଲେ। ଏହି ବିହାରଟିରେ ସେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ଓ ବହୁ ସଂଖ୍ୟକ ଗ୍ରନ୍ଥ ସଂଗ୍ରହ କରି ପୂର୍ଣ୍ଣ କରିଦେଇଥିଲେ। ତାଙ୍କ ଦେହତ୍ୟାଗ ପରେ ପଞ୍ଚମ ମହାଲାମା (ଦଲାଇ ଲାମା) ଜବରଦସ୍ତ ଏହି ବିହାରଟିକୁ ନିଜର ଗେଲୁଗ୍‌ସ୍‌ପା ସଂପ୍ରଦାୟର ଅନୁଷ୍ଠାନ ଭାବେ ପରିଣତ କରି ଦେଇଥିଲେ। (୯) ସାମ-ନିଙ୍ଗ - ଏଇଟି ନିଙ୍ଗମା ସଂପ୍ରଦାୟର ବିହାର। ଏହି ବିହାରରେ ଉଭୟ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀ ରହିଥା'ନ୍ତି। ମାତ୍ର ଜଣେ ଭିକ୍ଷୁଣୀ ଦେଉଛନ୍ତି ଏହାର ମୁଖ୍ୟ। (୧୦) ଦେ-କୁଙ୍ଗ - ଜଣେ ବିଶିଷ୍ଟ ଶାସକ୍ୟ ଲାମାଙ୍କ ପୁତ୍ର କୋଞ୍ଚୋ-ୟାଲ୍‌ପୋ ଏହି ବିହାରଟିକୁ ଖ୍ରୀ ୧୧୬୬ ରେ ନିର୍ମାଣ କରିଥିଲେ। ଏହା ଲାସାର ଉତ୍ତର ପଶ୍ଚିମକୁ ପ୍ରାୟ ଶହେ ମାଇଲ ଦୂରରେ ଅବସ୍ଥିତ ଏବଂ କାଗ୍ୟପା ସଂପ୍ରଦାୟର ବିଶାଳ ବୌଦ୍ଧ ବିହାର ମଧ୍ୟରୁ ଗୋଟିଏ। (୧୧) ମିଣ୍ଡୋଲିଙ୍ଗ - ଏହା ହେଉଛି ନିଙ୍ଗ୍‌ମା ସଂପ୍ରଦାୟର ବିହାର ଓ ସମୟେ ବିହାରର ଦକ୍ଷିଣକୁ ଲାଗି ରହିଛି। ଏଥିରେ କୋଡ଼ିଏ ଗୋଟି ବୌଦ୍ଧମନ୍ଦିର ରହିଛି। ମୁଖ୍ୟ ମନ୍ଦିରଟି ନଅତାଲା ବିଶିଷ୍ଟ। ଏହି ବିହାରଗୁଡ଼ିକ ତିବ୍ବତର ପ୍ରସିଦ୍ଧ ବିହାର ମଧ୍ୟରୁ କେତୋଟି। ତିବ୍ବତର କୋଣ ଅନୁକୋଣରେ ବିଭିନ୍ନ ସଂପ୍ରଦାୟର ଅନେକ ବିହାର ରହିଛି। ଦକ୍ଷିଣ ଓ ପୂର୍ବ ତିବ୍ବତରେ ବିହାରମାନ ବହୁ ସଂଖ୍ୟାରେ ଅବସ୍ଥିତ। ବିହାରଗୁଡ଼ିକ ମଧ୍ୟରୁ ଅଧିକ ସଂଖ୍ୟକ ହେଉଛନ୍ତି ନିଙ୍ଗମା ସଂପ୍ରଦାୟର। ଏହି ନିଙ୍ଗମା ସଂପ୍ରଦାୟ ସିଧାସଳଖ ଭାବେ ପଦ୍ମସମ୍ଭବଙ୍କ ସହ ସଂଯୁକ୍ତ। (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏଥର ବ୍ୟବସାୟୀଙ୍କ ଦୀପାବଳି

# କାରବାର ଛୁଇଁବ ୪.୭୫ ଲକ୍ଷ କୋଟି

### ସର୍ବଭାରତୀୟ ବଣିକ ସଂଘର ଆକଳନ

**କେବଳ ଦିଲ୍ଲୀରେ ହେବ ୭୫ ହଜାର କୋଟିର ବେପାର**

**ଧନ୍‌ତେରସ୍‌ରେ ସୁନା କାରବାର ଟପିବ ୫୦ ହଜାର କୋଟି**



**ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି):** ନବରାତ୍ରିରୁ ଦୀପାବଳି ଏବଂ ବିବାହ ଋତୁ ପର୍ଯ୍ୟନ୍ତ ସାରା ଦେଶରେ ଉତ୍ସବର ମାହୋଲ ଚାଲିଛି। ସବୁଠି କାରବାର ଉତ୍ସାହଜନକ ରହିଥିବାବେଳେ ବ୍ୟବସାୟୀମାନେ କାରବାରରେ ରେକର୍ଡ ଭାଙ୍ଗିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତଥର ଦୀପାବଳି ସାରା ଦେଶରେ ୪.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛି କନ୍‌ଫେଡ଼େରେସନ ଅଫ୍ ଅଲ ଇଣ୍ଡିଆ ଟ୍ରେଡ଼ର୍ସ (କ୍ୟାଟ୍)। ବାସ୍ତବରେ ଯଦି ଏହି ଆକଳନ ସତ୍ୟରେ ପରିଣତ ହୁଏ ତେବେ ଏହା ସର୍ବକାଳୀନ ରେକର୍ଡ ଭାଙ୍ଗିବ। ଏହି ପରିମାଣର କାରବାର ନେପାଳର ଜିଡିପି ୪ ଲକ୍ଷ କୋଟିରୁ ଅଧିକ ଓ ପାକିସ୍ତାନର ବାର୍ଷିକ ପ୍ରତିରକ୍ଷା ବଜେଟ୍‌ର ୬ଗୁଣ ବୋଲି କୁହାଯାଉଛି। ସମାନ ଓ ପାକିସ୍ତାନର ପ୍ରତିରକ୍ଷା ବଜେଟ୍‌ର ୪ ଗୁଣ।

ସୂଚନା ଅନୁସାରେ ୨୦୨୧ ଦୀପାବଳିରେ ଭାରତରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା କାରବାର ହୋଇଥିଲା। ୨୦୨୨ରେ ଏହା ପାଖାପାଖି ଦ୍ୱିଗୁଣିତ ହୋଇ ୨.୨୫ ଲକ୍ଷ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୩ ପରଠାରୁ ଦୀପାବଳି କାରବାର ରକେଟ୍ ବେଗରେ ଊର୍ଦ୍ଧ୍ୱଗାମୀ ହୋଇଛି। ୨୦୨୩ରେ ଭାରତରେ ଦୀପାବଳି କାରବାର ୩.୭୫ ଲକ୍ଷ କୋଟି ଛୁଇଁଥିଲା ଓ ୨୦୨୪ରେ ଏହା ୪.୨୫ ଲକ୍ଷ କୋଟି ହୋଇଥିଲା। ମାତ୍ର ଚଳିତ ବର୍ଷ ଏହା ୪.୭୫ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କ୍ୟାଟ୍ ଆକଳନ କରିଛି। କେବଳ ରାଜଧାନୀ ନୂଆଦିଲ୍ଲୀରେ ୭୫ ହଜାର କୋଟି ଟଙ୍କାର କାରବାର ହେବା ଲକ୍ଷ୍ୟ ରଖାଯାଇଛି ଓ ଆସନ୍ତାକାଲି ଧନତେରସରେ ୫୦ ହଜାର କୋଟିର ସୁନା କ୍ରୟ ହୋଇପାରେ ବୋଲି ଆକଳନ କରାଯାଇଛି। ଯାହା ଫଳରେ କାରବାର ଦୃଷ୍ଟିରୁ ଚଳିତବର୍ଷର ଦୀପାବଳି କାରବାର ସର୍ବକାଳୀନ ରେକଡର୍ ଭାଙ୍ଗିବ ବୋଲି ଆଶା କରାଯାଉଛି।

ଦିଲ୍ଲୀ ସମେତ ୩୫ଟି ପ୍ରମୁଖ ସହରରେ ବ୍ୟବସାୟ ଧାରା ସମ୍ପର୍କରେ କ୍ୟାଟ୍ ପକ୍ଷରୁ କରାଯାଇଥିବା ସର୍ଭେକ୍ଷଣରେ ଚମକପ୍ରଦ ତଥ୍ୟ ମିଳିଛି। ଲୋକେ ଘର ସାଜସଜ୍ଜା ସାମଗ୍ରୀ, ଘରୋଇ ଉତ୍ପାଦ, ପୋଷାକପତ୍ର, ଇଲେକ୍‌ଟ୍ରୋନିକ୍ସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଭାରତୀୟ ବ୍ରାଣ୍ଡକୁ ଅଧିକ ଗୁରୁତ୍ୱ ଦେଉଥିବା କ୍ୟାଟ୍‌ର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି। ସେ କହିଛନ୍ତିଯେ ଚଳିତ ବର୍ଷ ଦୀପାବଳିରେ ବଜାରରେ ଚୀନ ସାମଗ୍ରୀ ବିଶେଷ ଉପଲବ୍ଧ ନାହିଁ। ଆମଦାନକାରୀମାନେ ଚୀନ୍‌ରୁ ଦୀପାବଳି ସମ୍ବନ୍ଧୀୟ ସାମଗ୍ରୀ ଆଣିବା ବନ୍ଦ କରିଦେଇଛନ୍ତି। ୨୦୨୦ର ଗାଲୱାନ୍ ଘଟଣା ପରଠାରୁ ବ୍ୟବସାୟୀ ଏବଂ ଗ୍ରାହକ ଉଭୟ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ ଆଡ଼କୁ ମୁହାଁଇଛନ୍ତି। ନବରାତ୍ରି ସହିତ ଆରମ୍ଭ ହୋଇଥିବା ପାର୍ବଣ ଋତୁ ଦୀପାବଳି, ଛଠ୍‌ପୂଜା ଏବଂ ବିବାହ ଋତୁ ପର୍ଯ୍ୟନ୍ତ ଜାରି ରହିବ, ଯାହା ବ୍ୟବସାୟର ସୁଯୋଗ ବୃଦ୍ଧି କରିବ। ଚଳିତ ବର୍ଷ ଦୀପାବଳି କେବଳ ଆଲୋକର ପର୍ବ ନୁହେଁ, ବରଂ ଭାରତର ଆର୍ଥିକ ଶକ୍ତିର ଉତ୍ସବ। ସେ କହିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଦେଶର ଅଭିବୃଦ୍ଧିରେ ଯୋଗଦାନ ଦିଏ ଏବଂ ସ୍ଥାନୀୟ କାରିଗର, ନିର୍ମାତା ଏବଂ ବ୍ୟବସାୟୀଙ୍କୁ ସମର୍ଥନ କରେ। ଦିଲ୍ଲୀ ବଜାରର ଦୃଢ଼ ଅଭିବୃଦ୍ଧି ଦେଶବ୍ୟାପୀ ବର୍ଦ୍ଧିତ କାରବାରର ଧାରା ପ୍ରତିଫଳିତ କରେ। ଏହି ପାର୍ବଣ ଋତୁରେ ଦେଶ ସାରା ବିକ୍ରି ୪.୭୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ଦେଶର ଖୁଚୁରା ଅର୍ଥନୀତି ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିବ।

# କେନ୍ଦୁଝରକୁ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର

### ‘ଧରତୀ ଆବା ଜନଭାଗୀଦାରି ଅଭିଯାନ’

**ଭୁବନେଶ୍ୱର,୧୭।୧୦(ସମିସ):** ଧରତୀ ଆବା ଜନଭାଗୀଦାରି ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ, ଜାତୀୟ କନକ୍ଲେଭ-୨୦୨୫ରେ ମନ୍ତ୍ରଣାଳୟର ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାରଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି ରାଜ୍ୟ ଏସସିଏସଟି ଡିପାର୍ଟମେଣ୍ଟ କମିଶନର ତଥା ସଚିବ ପି. ପରମେଶ୍ୱରନ୍।

ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ କହିଥିଲେ, ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର। ଏହା ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି ସେ କହିଛନ୍ତି। ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି, ସେମାନଙ୍କୁ କିପରି ଲାଭ ମିଳିବ, ତାହା ଆମର ଲକ୍ଷ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି।

ସୂଚନା ଅନୁସାରେ, ଅନ୍ତର୍ଭୁକ୍ତୀକରଣ ଶାସନର ଦୃଷ୍ଟିକୋଣ ସହ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିଲା ଧରତୀ ଆବା ଜନଭାଗୀଦାରୀ ଅଭିଯାନ। ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତୀକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଇ ଜାତୀୟସ୍ତରରେ ଏହି ମାନ୍ୟତା ହାସଲ କରିଛି।

### ମହିଳା ହିଂସାକୁ ନେଇ ରାଜ୍ୟପାଳଙ୍କ ଚିନ୍ତା ପ୍ରକଟ

# ‘ଅପରାଧ ନିୟନ୍ତ୍ରଣ ଦାୟିତ୍ୱ ସମସ୍ତଙ୍କର’

**ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ**

**୩ ମାସ ମଧ୍ୟରେ ୧୩ କୁଳପତି ନିଯୁକ୍ତି ସରିବ**

**ଭୁବନେଶ୍ୱର, ୧୭।୧୦(ସମିସ):** ନିକଟରେ ପଶ୍ଚିମବଙ୍ଗର ଦୁର୍ଗାପୁର ଘଟିଥିବା ଗଣଦୁଷ୍କର୍ମ, ବାଲେଶ୍ୱର ଫକୀରମୋହନ ଘଟଣା ଓ ଗୋପାଳପୁର ସମୁଦ୍ରକୂଳ ଗଣଦୁଷ୍କର୍ମ ଆଦି ଘଟଣା ଆଦି ଚିନ୍ତାଜନକ। ଏଭଳି ଅପରାଧ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଏଭଳି କୌଣସି ଘଟଣା ନ ଘଟେ, ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଡଃ କମ୍ଭମପାଟି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକାଧିକ ପ୍ରସଙ୍ଗରେ ଆଲୋଚନା ଅବସରରେ ଉପରୋକ୍ତ ଘଟଣାମାନଙ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣା ଘଟିଲେ, ତୁରନ୍ତ ଆଇସିସିର ଦୃଷ୍ଟି ଆକର୍ଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସମାଜକୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଘଟଣାରେ ତୁରନ୍ତ ପୁଲିସ ସହାୟତା ନେବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି।

ସେହିପରି ୨୦୩୬ ସୁଦ୍ଧା ରାଜ୍ୟର ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ। ଦେଶ ବିକାଶରେ ଓଡ଼ିଶା ଅନେକ ଅବଦାନ ରହିଛି। ରାଜ୍ୟର ପ୍ରାକୃତିକ ଖଣିଜ ସମ୍ପଦସାଙ୍ଗକୁ ଓଡ଼ିଶା ଲୋକଙ୍କ ଆଶାବାଦୀ ଚିନ୍ତାଧାରା ରାଜ୍ୟକୁ ଆଗକୁ ବଢ଼ାଇନେବ। ତେଣୁ,୨୦୩୬ ଓଡ଼ିଶା ନିଶ୍ଚିତ ଭାବେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ। ସେହିପରି କୁଳାଧିପତି ଭାବେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଫାଙ୍କାଥିବା କୁଳପତି ଓ ଅନ୍ୟ ପଦବୀ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ବର୍ତ୍ତମାନ ୧୩ ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଏହି ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨-୩ ମାସ ମଧ୍ୟରେ ଏହା ପୂରଣ ହୋଇଯିବା ନେଇ ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟପ୍ରସଙ୍ଗଗୁଡ଼ିକ ମଧ୍ୟରେ ମହାନଦୀ ଜଳ ବିବାଦ, ଯୁବବର୍ଗଙ୍କ ଦକ୍ଷତା ବିକାଶ, ପେସା ଆଇନ୍, ପାନୀୟ ଜଳ, ଜାତୀୟ ରାଜପଥ, ରେଳ ଯୋଗାଯୋଗ ଆଦି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମେତ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବାବଦରେ ଅଧିକ ସଚେତନତା ସୃଷ୍ଟି କରିବାକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

# ଅବଶିଷ୍ଟାଂଶ...

### ଏସ୍‌ସିବି ଏମ୍‌ସ...

ଏବେ ଅଚଳ ହୋଇ ପଡ଼ିଥିବା ଖୋଦ୍ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ଏସ୍‌ସିବିରେ କାଜୁଆଲିଟିଠାରୁ ଆରମ୍ଭ କରି ଆଇସିୟୁ ପର୍ଯ୍ୟନ୍ତ ସବୁଠି ଅଚଳ ମେସିନ୍ ପଡ଼ି ରହିଛି। ବାୟୋ କେମେଷ୍ଟ୍ରି ବିଭାଗରେ ୨ଟି ମେସିନ୍ ଅଚଳ। ବ୍ଲଡ ବ୍ୟାଙ୍କରେ ୫ଟି, ସିଟିଭିଏସ୍‌ରେ ୩ଟି, ହୃଦରୋଗ ବିଭାଗରେ ୩ଟି, କାଜୁଆଲିଟିରେ ୨ଟି, ସେଣ୍ଟ୍ରାଲ ଆଇସିୟୁରେ ୩ଟି, ଯକୃତ ପ୍ରତିରୋପଣ ୟୁନିଟରେ ୭ଟି, ଟ୍ରମା ଆଇସିୟୁରେ ୪ଟି ଯନ୍ତ୍ର କାମ କରୁନାହିଁ। ପେଡିଆଟ୍ରିକ ଆଇସିୟୁରେ ୨ଟି, ସର୍ଜରୀ ବିଭାଗର ଅସ୍ତ୍ରୋପଚାର ଥିଏଟର ୬ଟି ମିଶାଇ ଫିଜିଓଲୋଜି, ରେଡିଓଲୋଜି, ନ୍ୟୁରୋଲୋଜି, ଫାର୍ମାକୋଲୋଜି, ଇଏନଟି, ଚକ୍ଷୁ ବିଭାଗ ଭଳି ଅନେକ ବିଭାଗର ମେସିନ ଅକାମୀ ହୋଇ ପଡ଼ି ରହିଛି। ଅଚଳ ମେସିନ ଗୁଡିକ ମଧ୍ୟରେ ରହିଛି ବିଦେଶରୁ ଆମଦାନୀ ହୋଇଥିବା ବହୁ ଦାମୀ ମେସିନ୍।

ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ୨୦୨୪ ସୁଦ୍ଧା ଶେଷ ହେବା ଲକ୍ଷ୍ୟ ରହିଥିଲା। ଏବେ ଏହି ସମ୍ପ୍ରସାରଣ କାର୍ଯ୍ୟ କେବେ ସରିବ ତାହାର କିଛି ଠିକଣା ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ସବୁଠୁ ବଡ଼ ପ୍ରତିଷ୍ଠାନ ଓ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସରକାର ପରିବର୍ତ୍ତନ ପରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଏଠାରେ ୮୯ଟି ମେସିନ୍ ଅଚଳ ହୋଇ ପଡ଼ି ରହିଥିଲା। ଏହା ମଧ୍ୟରେ ଆହୁରି କିଛି ମେସିନ ଅଚଳ ହୋଇଥିବା ସୂଚନା ବି ମିଳିଛି। ଅଚଳ ମେସିନ ଗୁଡିକ ଆଇସିୟୁ, କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍), ଯକୃତ ପ୍ରତିରୋପଣ ୟୁନିଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ରହିଥିବା ଜଣାପଡ଼ିଛି। କେଇମାସ ତଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କଟକ ବଡ଼ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବାବେଳେ ମେସିନ ଅଚଳ ଯୋଗୁଁ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ଏହା ପରେ ମଧ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିରେ ଚେତି ନାହାନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ମିଳିମିଶି ଏସ୍‌ସିବିକୁ ଏକ ମୃତ ସଂସ୍ଥାରେ ପରିଣତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଏବେ ଅଭିଯୋଗ ହେବାରେ ଲାଗିଛି।

### ଦିଲ୍ଲୀରୁ ସିଣ୍ଡିକେଟ୍...

ହଜାର ଟଙ୍କା ଓ ଅନେକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ମୁନାକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉପରୋକ୍ତ ଘଟଣାରେ ଗିରଫ ପ୍ରାର୍ଥୀମାନଙ୍କଠାରୁ ଜବତ କରାଯାଇଥିବା ୧୧୦ରୁ ଅଧିକ ମୋବାଇଲର ଫୋରେନ୍‌ସିକ୍ ଯାଞ୍ଚ ପ୍ରକ୍ରିୟା ଦୁଇ ତିନି ମାସ ଲାଗିଯିବ ବୋଲି କୁହାଯାଇଛି।

କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି। ନୂଆଦିଲ୍ଲୀରେ ରହି ସେ ଏହି ଅପରାଧ ସିଣ୍ଡିକେଟ୍ ଚଳାଉଥିଲା। ବିଜୟନଗରମ୍ ଯାଉଥିବା ପ୍ରାର୍ଥୀମାନେ ଗତ ୨୯ ତାରିଖରେ ଧରାପଡ଼ିଯିବା ପରଠାରୁ ଶଙ୍କରଙ୍କ ମୋବାଇଲ ସ୍ୱିଚ୍-ଅଫ୍ ହୋଇଯାଇଥିଲା। ଏପରିକି, ଏହି ସିଣ୍ଡିକେଟ୍‌ରେ କାମ କରୁଥିବା ସମସ୍ତଙ୍କୁ ନିଜ ନିଜ ଜାଗା ଛାଡ଼ିବା ସହ ମୋବାଇଲ ବନ୍ଦ ରଖିବାକୁ କୁହାଯାଇଥିଲା। ବିଜୟନଗରମ୍ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡ଼ିବା ତଥା କଥା ଚାକିରି ବେପାର ସମ୍ପର୍କରେ ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇନଥିଲା।

ଦୀଘାଠାରେ ବି ପ୍ରାର୍ଥୀମାନଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଉଭୟ ମୁନା ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ଶଙ୍କର ଇତିମଧ୍ୟରେ ୩ଥର ସ୍ଥାନ ପରିବର୍ତ୍ତନ କରିଥିବା ବେଳେ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ଏପରିକି, ସେ ନୂଆଦିଲ୍ଲୀ ମଧ୍ୟ ଛାଡ଼ିସାରିଥିବା କୁହାଯାଇଛି।

ଅନ୍ୟପଟରେ ପ୍ରାର୍ଥୀମାନେ ବିଜୟନଗରମ୍ ଯିବା ପାଇଁ ଅଭିଯୁକ୍ତ ମୁନା ମହାନ୍ତି ଗତ ୨୭.୧୦.୨୦୨୫ରେ ଟ୍ରାଭେଲ୍ସ ସଂସ୍ଥାରୁ ତିନୋଟି ବସ୍ ବୁକ୍ କରିଥିଲେ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ତାଙ୍କ ମାଆଙ୍କ ଆକାଉଣ୍ଟରୁ ୨ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ। ଏହି ପ୍ରମାଣ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି। ମୁନା ଓ ତା'ର ସହଯୋଗୀ ଶ୍ରୀକାନ୍ତ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ବେଳେ ଟି. ଅଭିମନ୍ୟୁ ଦୋରା ଉଭୟଙ୍କୁ ଦଶପଲ୍ଲାର ତାଙ୍କ ଫାର୍ମ ହାଉସରେ ଆଶ୍ରୟ ଦେବ ସହ ପୁଲିସର ଗତିବିଧି ସମ୍ପର୍କରେ ଖବର ଦେଉଥିଲେ। ସେହିଭଳି ନିଜର ଜଣେ ଭଉଣୀ ପରିଚୟ ଦେଇ ପ୍ରିୟଦର୍ଶିନୀ ସାମଲ ନାମକ ଜନୈକା ମହିଳାଙ୍କୁ ମୁନା ଏହି ସଂଗଠିତ ଅପରାଧରେ ସାମିଲ କରିଥିଲେ। ପ୍ରିୟଦର୍ଶିନୀ ମାଧ୍ୟମରେ ପ୍ରାର୍ଥୀଙ୍କଠାରୁ ଅର୍ଥ ଆଦାୟ ହୋଇଥିଲା। ପରବର୍ତ୍ତୀ ସମୟରେ ଘଟଣା ଜଣାପଡ଼ିଯିବାରୁ ଗିରଫ ହୋଇଥିବା ପ୍ରାର୍ଥୀମାନଙ୍କର ପିତାମାତାଙ୍କୁ ସେମାନଙ୍କର ପ୍ରମାଣପତ୍ର ଫେରସ୍ତ କରିଥିଲେ। ଉକ୍ତ ପ୍ରମାଣପତ୍ର ଫେରାଇ ଦେଇ କେଳେଙ୍କାରୀ ଘଟଣାରେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଡିଜି କହିଛନ୍ତି। ଏବେ ବି କ୍ରାଇମବ୍ରାଞ୍ଚର ୫ଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ରିପୋର୍ଟ ମାଗିଲେ...

ଉପରେ ଆଲୋଚନା ପାଇଁ ଇଡି, ସିବିଆଇ ଏବଂ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କର ରିପୋର୍ଟ ପ୍ରଦାନ କରିବେ। ଏହିସବୁ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା ପରେ ଆସନ୍ତା ନଭେମ୍ବର ୯ ତାରିଖରେ ମୁମ୍ବାଇଠାରେ ଏହି ପ୍ରସଙ୍ଗରେ ଏସ୍ଆଇଟିର ପରବର୍ତ୍ତୀ ବୈଠକ ହେବ ବୋଲି ସୂଚନା ମିଳିଛି।


**TRUST FUND DEGREE COLLEGE**
BARGARH - 768 028

**WALK IN INTERVIEW FOR LADY PEON & SWEEPER**

Desirous lady candidates having Non-matric qualification may attend the interview for **Lady Peon (01 Post)** and lady candidates having UP/ME qualification may attend the interview for **Lady Sweeper (01 Post)** to be held on **dt. 27.10.2025 at 10.00 A.M.** in college premises.
**N.B. - No T.A. / D.A. will be provided to the candidate.**

Sd/- Principal in-Charge-cum-Secretary
TRUST FUND DEGREE COLLEGE,
BARGARH

**AFFIDAVIT**
I, **Rahul Sagar Behera**, S/o.: Sagar Kumar Behera, resident of Sripadganj, Ward No.: 13, PO.: Baripada, Dist.: Mayurbhanj, Odisha, PIN-757001 declare by this affidavit No.: 21677 dated 02.08.2025 now onwards I shall be known as **Rahul Behera** for all future purposes.

**AFFIDAVIT**
By virtue of an affidavit No-6699 before the Executive Magistrate, Chandbali dtd: 15-10-2025. I, Runurani Majhi, W/O-Shatrughan Mandal, Vill-Narendrapur, P.O.-Karanjamala, P.S.-Bansada, Dist-Bhadrak, Odisha, declare that I have changed my name from **Runurani Mandal to Runurani Majhi**, Henceforth, I will be known as **RUNURANI MAJHI** for all purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No. 69 dated 14.10.2025, I, Purna Chandra Bisoyi, Vill- Pankalbadi, Po. - Pangadi, Ps.- Buguda, Dist.- Ganjam have changed the name of my minor son from Pravav Bisoyi (old name) to Parnav Bisoyi (new name). Henceforth, he shall be known as **Pranav Bisoyi** for all purposes.
Sd/- Purna Chandra Bisoyi

**AFFIDAVIT**
By virtue of an affidavit sworn before Executive Magistrate, Udala, Mayurbhanj No-5388, dated 17.10.2025, I, Gananath Nayak, At- Sarbanaghati, Po- Sarbanaghati, Ps-Kaptipada, Dist- Mayurbhanj, Odisha-757077 declare that I have changed my name from Gananayh Nayak to Gananath Nayak. Henceforth, I will be known as **Gananath Nayak** for all purposes.
Gananath Nayak

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit sworn before Executive Magistrate Jajpur, Dated- 17.10.2025, No-10119, I, Rasmita Acharya, W/o-Niranjan Mohapatra, At-Jalapur, Po- Markandapur, Ps/Dist-Jajpur, Odisha Pin-755007 declare that I have Change my Surname From Rasmita Mohapatra to Rasmita Acharya. Henceforth I shall be known as Rasmita Acharya for all purposes.
Rasmita Acharya

**AFFIDAVIT**
I BHUDHADEV PANDA, S/o- Diwakar Panda, resident of Ashok Nagar, Plot No. 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1554, Dated 12/10/2025, that now onwards I shall be known as **BUDDHADEV PANDA** for all future purpose.

**AFFIDAVIT**
I, Irsad Khan, aged about 37 years, S/o-Nasir Khan resident of At- Raid Bazar, Po-Sunugoradi, Khelar, Dist- Puri, Pin-752114, Odisha declare by this affidavit No. 2112, dtd-17/10/2025, that now onwards I shall be known as **IRSHAD KHAN** for all future purposes.

Phone No.(06854) 241159 /232714
PBX No. 232713 / 232716, Fax: 232718 / 241640
E. mail: ceo@koraputccb.com

**KORAPUT CENTRAL CO-OPERATIVE BANK LTD;**
HEAD OFFICE: N.K.T.ROAD, JEYPORE – 764003: DIST: KORAPUT (ODISHA)

Notification No. 2746/Estt.I/2025-26 Date: 17.10.2025

**CONTRACTUAL ENGAGEMENT OF PROFESSIONALS**

Applications in the prescribed format are invited from the interested professionals for the following posts at Koraput Central Cooperative Bank Ltd., Jeypore on contractual basis for a period of three years.

1. Professional 1- General Banking Expert
2. Professional 2- Credit Expert
3. Professional 3- Banking IT Expert

The eligibility criteria, engagement/selection process, the terms and conditions and other related matters of the engagement are available as Annexure-I on our website www.koraputccb.com and the same may be downloaded by the prospective candidates. Interested candidates are advised to download the application forms from the site. Duly completed and signed application along with self-attested documents should reach us on or before 05.11.2025 through Courier / Registered Post / Speed Post inscribing on the Envelope "Application for engagement of Professional 1 / 2 / 3 at Koraput Central Cooperative Bank."at the under noted address:

The Secretary,
Koraput Central Cooperative Bank Ltd.,
Head Office, N.K.T. Road, Jeypore,
Dist-Koraput-764003
ceo@koraputccb.com

Any application received after the stipulated period will not be considered. Applications of ineligible candidates shall be summarily rejected and no correspondences in the matter of rejection shall be entertained on any circumstances.

Secretary
K.C.C. Bank Ltd., Jeypore

**AFFIDAVIT**
I, S.Deptyrani Mohanta, Daughter of Army No 14491576M Hav Madhaba Charan Mohanta (Retd) residing at Vill-Ramachandrapur, PO-Baikala, PS-Turumunga,Dist-Keonjhar, Odisha , have changed my name from Deepty S, DOB-07.10.1991 to S.Deptyrani Mohanta, DOB-01.06.1992 vide affidavit dated 03.10.2025 before The Court of Executive Magistrate, Keonjhar (Odisha). Hence both Deepty S, DOB-07.10.1991 and S.Deptyrani Mohanta, DOB-01.06.1992 is same and one person. Henceforth, I will be known as **S.Deptyrani Mohanta,** DOB 01/06/1992 for all purpose.

**AFFIDAVIT**
I, Pranati Samaniray, aged about 41 years, W/o- Dillip Baliarsingh, resident of At/Po-Sanapadar, Ps- Begunia, Dist- Khurda, PIN-752064, Odisha declared by this affidavit No. 2111, dtd- 17/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated 16.10.2025 I, DHANMATI JANI, W/o- NAKULA JANI, Vill.-Bamanadeiguda, Po.- Chere-cheta, Ps.- Papadahandi, Dist.-Nabarangpur, Odisha, Pin - 764071, declare that I have changed the name of my Daughter from **DROUPADI JANI** to **DRUPUTA JANI**. Henceforth, She shall be known as **DRUPUTA JANI** for all purposes.
Sd/- Dhanmati Jani

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Arjun Nayak,** Address: Plot No. 1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my minor daughter's name from **Trupti Rani Ravindra Nayak** to **Trupti Rani Nayak.** Henceforth, she shall be known as **Trupti Rani Nayak** (new name) for all purposes.
Ravindra Arjun Nayak

**OFFICE OF THE PRINCIPAL CUM SECRETARY**
**Maa Markama +3 College, Bissamcuttack, Dist: Rayagada, PIN – 765019.**
www.mmplus3college.in / mmdegreecollege@gmail.com

**WALK - IN - INTERVIEW**

A walk in Interview will be held in the college premises as per the date and time mentioned in column 6 for the following post of Arts (Management) and Science (Self Finance) on purely temporary basis. Candidates are required to attend the interview with original and photocopies of testimonial for verification. CV may kindly be sent to the college email id in advance.

| Sl. No | Name of the Post | No of Post | Qualification | Age | Date & Time of Interview |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | Bachelor of Physical Education and Above | As per Govt. norms | 02.11.2025 11 A.M. |
| 2 | Peon (ST Category) | 01 | 10th | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | Minimum +2 Science and above | As per Govt. norms | 02.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | Minimum 55% of Mark at PG level. (M.Phil. NET/PHD will be given preference ) | As per Govt. norms | 09.11.2025 11 A.M. |

N.B :- No TA/DA Shall be given for attending the interview.
Registration will be started from 10.00 A.M onwards.

Sd/-
Principal cum Secretary

**AFFIDAVIT**
I ITISHREE, W/o- BUDDHADEV PANDA, resident of Ashok Nagar, Plot No 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1555, Dated 12/10/2025, that now onwards I shall be known as **ITISHREE PANDA** for all future purpose.

**AFFIDAVIT**
I ARCHANA MISHRA@ ARCHANA KUMARI MISHRA, W/o- DINESH KUMAR PALLO, resident of Parabeda, Aurobindo Nagar, Po./Ps.- Jeypore, Dist.- Koraput - 764001, Odisha declare by this Affidavit No.1556, Dated 12/10/2025, that now onwards I shall be known as **ARCHANA PALLO** for all future purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Nayak,** S/o Arjun Nayak, Address: Plot No.1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my name from **Ravindra Arjun Nayak to Ravindra Nayak.** Henceforth, I shall be known as **Ravindra Nayak** (new name) for all purposes.
Ravindra Nayak

ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ପ୍ରତିଭା ଦେଖାଇଲେ; ପୁରସ୍କୃତ ହେଲେ







**ଭବାନୀପାଟଣା, ୧୭ ।୧୦(ସମିସ)**

ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ତପିମଣି ଜାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଏବିଇଓ ସୁଢ଼ଲଦେବ ମୁଣ୍ଡ, ଅବସରପ୍ରାପ୍ତ ଏବିଇଓ ଦ୍ରୋଣ ରଣା, ବର୍ଣ୍ଣାଳୀ ଆଞ୍ଚଳିକ ପରିଚାଳକ ସ୍ୱାହା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର

ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଉଦ୍ୟୋଗପତି ବିଭୁପ୍ରସାଦ ସାହୁ, ତୁଲାପଡ଼ା ସିଆରସିସି ନୀଳମଣି ସାହୁ, ସରିଆଁ ସିଆରସିସି ଜିତେନ୍ଦ୍ର ସାହୁ ଯୋଗ ଦେଇଥିଲେ ବୋଲି ଜଣାପଡ଼ିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ମନୋଜ ସାହୁ। ଆୟୋଜନରେ ଛନ୍ଦାଚରଣ ଧରୁଆ, ଜଗନ୍ନାଥ ମାଝୀ, ଯୁବରାଜ ଜାନୀ, ବିଶ୍ୱମ୍ବର ହରପାଲ୍, ମୀନକେତନ ବେହେରା, ରାଜେଶ ସାହୁ, ପ୍ରତାପ ସାହୁ, ଜ୍ଞାନେନ୍ଦ୍ର ଗହୀର, ବିଶ୍ୱମ୍ବର ପରିଡ଼ା, ଋତୁରାଜ ମାଝୀ, ସୁଚିଶ୍ମିତା ପ୍ରଧାନ, ମନୋଜ ନନ୍ଦ, ଅନିତା ମହାରଣା, ଯୋଗେଶ୍ୱରୀ ମାଝୀ, ହୃଷି ପଟେଲ, ମିଲିନା ସାହୁ, ବିଶ୍ୱାମିତ୍ର ଗହୀର, ନିର୍ମଳା ବେହେରା, ବିରଞ୍ଚି ନାୟକ, ଭେଙ୍କଟ ମାଝୀ,

ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଯ୍ୟୋଧନ ମାଝୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ କୁସୁମଯୋର ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତାରେଶ୍ୱରି ସିନ୍ଦୂର, ମୁଖ୍ୟବକ୍ତା ଖଗେଶ୍ୱର ନିଆଲ, ସମ୍ମାନିତ ଅତିଥି ସଦା ନାଏକ, ତୁଳସୀ ରାମ ରାଉତ ଏବଂ ଗ୍ରାମର ବରିଷ୍ଠ ନାଗରିକ କପୂରଚନ ନାଗ, ତୁଳାରାମ ରାଉତ, ରାମେଶ୍ୱର ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ଭୂତେଶ୍ୱର ନାଏକ ସଭା ପରିଚାଳନା କରିଥିଲେ। ଦେବା ଦେବୀ ପୂଜନ ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ଅତିଥି ଗଣଙ୍କ ଅଭିଭାଷଣ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ସିନାପାଲି ସହ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ

ଅତିଥିମାନେ ପୁରସ୍କୃତ କରିଥିଲେ।

**ନୂଆପଡ଼ା /କୋମନା:** କୁରୁମପୁରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ୧୫ଟି ବିଦ୍ୟାଳୟକୁ ନେଇ ଆଜି ସୁରଭି କାର୍ଯ୍ୟକ୍ରମ ପ୍ରାଥମିକ ବିଦ୍ୟାଳୟ କୁଶଦହନାରେ ଆୟୋଜିତ ହୋଇଯାଇଛି। ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସାଧନ କେନ୍ଦ୍ରସଂଯୋଜକ କାମଳକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋମନା ଗୋଷ୍ଠୀ ଶିକ୍ଷାଧିକାରୀ ଅନୀତା ପଣ୍ଡା, ଟେଙ୍ଗନାବସା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଦେବ ପଣ୍ଡା, ଲଖନା ସିଆରସିସି ସହଦେବ ମହାନନ୍ଦ ଓ କୁଶଦହନା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ରିଖିରାମ ମହାନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରେମଲାଲସତନାମୀ ପ୍ରଧାନ ଶିକ୍ଷକ ଦଲଦଲି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା





ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁରଭିରେ ଯୋଗଦେବେ ବୋଲି ଜଣାପଡ଼ିଛି। ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଅନୀଲଚନ୍ଦ୍ର ସାହୁ। ଧନ୍ୟବାଦ ଦେଇଥିଲେ ସିଆରସିସି ନୀଳମଣି ସାହୁ। ଏଥିରେ ସମସ୍ତ ସିଆରସିସି, ବିଇଓ କାର୍ଯ୍ୟାଳୟର କର୍ମକର୍ତ୍ତା ତଥା ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

**ଭବାନୀପାଟଣା:** ନର୍ଲା ବ୍ଲକ ପଲମ୍ ଉ.ପ୍ରା. ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଆୟୋଜିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ଡିଲେଶ୍ୱର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ନର୍ଲା ବରିଷ୍ଠ ବିଇଓ ତପିମଣି ଜାନୀ, ସମ୍ମାନିତ ଅତିଥିଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଏବିଇଓ ସୁଢ଼ଲଦେବ ମୁଣ୍ଡ, ଶେଷଦେବ ମିଶ୍ର, ଯୁବ ଲେଖକ ସୁଧୀର କୁମାର ଧଙ୍ଗଡ଼ାମାଝୀ, ସରିଆଁ କ୍ଲଷ୍ଟର ସଂଯୋଜକ ଜିତେନ୍ଦ୍ର ସାହୁ, ବିପ୍ର ବଗର୍ତ୍ତୀ, ଉମା ମିଶ୍ର, ନଟବର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କ୍ଲଷ୍ଟର ଅଧୀନ ୧୧ଟି ସ୍କୁଲର ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ,

ରାଜୀବ ଗହୀର, ଶେଷବାଗ ପ୍ରମୁଖ ସହଯୋଗ କରିଥିଲେ।

**ଧର୍ମଗଡ଼ :** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କାଶିବାହାଲ ସ୍କୁଲରେ କାଶିବାହାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ରାଜେନ୍ଦ୍ର ଦୁରିଆଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନଗରପାଳ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବରେ ଉପନଗରପାଳ ମନୀଷା ମିଶ୍ର, ଅଧ୍ୟାପକ ସଞ୍ଜିକ କୁମାର ମୁଣ୍ଡ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଅହଲ୍ୟା ବନ୍ଦୀଛୋଡ, କାଉନସିଲର ଜ୍ୟୋତିର୍ମୟୀ ମହାନନ୍ଦ, କାଉନସିଲର ରତ୍ନ ପାତ୍ର, ପ୍ରବୀଣ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଶ୍ୱମ୍ବର ମିଶ୍ର, ସମ୍ମାନିତ ଅତିଥି ବିଶ୍ୱଜିତ ବେହେରା, ବିରଞ୍ଚି ନାରାୟଣ ଜାଲ, ରବୀନ୍ଦ୍ର କୁମାର ପରିଡ଼ା, ଢଗ ନାଏକ, ରାଜେନ୍ଦ୍ର ଦୁରିଆଙ୍କ ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। ଗାଁ ଗହଳିରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଭିତରେ ଥିବା ପ୍ରତିଭା ଅନ୍ୱେଷଣ ସୁରଭି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅତିଥିଙ୍କ ଦ୍ୱାରା ସମସ୍ତ କୃତୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କ୍ଲଷ୍ଟରର ଶିକ୍ଷକ ମାନଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ସମ୍ମାନିତ ଅତିଥି ଭାବରେ ସିନାପାଲି ସିଆରସିସି ବଂଶୀଧର ଜଗତ, ନିଲଜୀ ସିଆରସିସି ବାଲାଜୀ ହରିଜନ, କେନ୍ଦୁମୁଣ୍ଡା ସିଆରସିସି ମହେନ୍ଦ୍ର ବାଗ, ଭରୁଆମୁଣ୍ଡା ସିଆରସିସି ରାଧେଶ୍ୟାମ ସୁନାନି, ହାତିବନ୍ଧା ସିଆରସିସି ଉପେନ୍ଦ୍ର ସୁନାନି, ଗୋଡ଼ାଲ ସିଆରସିସି ବିଭୂତି ମେହେର, ଗମ୍ଭାରିଗୁଡ଼ା ସିଆରସିସି ଯଜ୍ଞେଶ ମେହେର, ବ୍ରାହ୍ମଣପଡ଼ା ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଯୋଶୀ, ପୂର୍ବତନ ସିଆରସିସି କିଶୋର କୁମାର ସାହୁ ସମେତ ବିଭିନ୍ନ କ୍ଲଷ୍ଟର ର ସମସ୍ତ ପ୍ରଧାନ ଶିକ୍ଷକ ମଞ୍ଚାସିନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଂଶୀଧର ଜଗତ, ନିକୁଞ୍ଜ ବିହାରୀ ସା, ସନ୍ତୋଷ ବୈଠାରୁ, ପର୍ଶୁରାମ ମାଝୀ ବିଚାରପତି ଦାୟିତ୍ୱରେ ଥିଲେ।

**ସିନାପାଲି:** ସିନାପାଲି ବ୍ଲକ ଘାଟମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସିଆରସିସି ହେତୁରାମ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଧାନଶିକ୍ଷକ ନବୀନ କୁମାର ତାଣ୍ଡି ସଭାପତିତ୍ୱ କରିଥିବାବେଳେ ଏବିଇଓ ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ସଂଘ ସମ୍ପାଦକ ବାଲାଜି ସୁନାନୀ, ସିଆରସିସି ସଭାପତି ଜଗଦିଶ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଡୁମେରବାହାଲ ପ୍ରଧାନଶିକ୍ଷକ ମହିନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ଲଷ୍ଟର ଅର୍ନ୍ତଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ

କରିଥିଲେ।

**ଧର୍ମଗଡ଼ :** ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ପିଏମଶ୍ରୀ -ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସାଧନାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସରୋଜ କୁମାର ଦାସ, ସମ୍ମାନିତ ଅତିଥି ସୁବାସ ବାଗ, ସିଆରସିସି ପରମାନନ୍ଦ ନାଏକ, ଶିକ୍ଷକ ବିଘ୍ନରାଜ ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷ ନବ କୁମାର ସୁନାରୀ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ପର୍ଲା ଆଞ୍ଚଳିକ ସାଧନା ଅଧୀନ ମୋଟ ୧୨ଟି ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ୧୮ଟି ବିଭିନ୍ନ ପ୍ରତିଯୋଗିତାରେ ମୋଟ ୬୨ ଜଣ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଯେଉଁ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବେ ସେମାନେ ବ୍ଲକ ପରବର୍ତ୍ତୀ ସମୟ ଜିଲ୍ଲା ଓ ରାଜ୍ୟସ୍ତରୀୟରେ ଭାଗ ନେବା ବ୍ୟବସ୍ଥା ରହିଛି। ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ତେଜେଶ୍ୱର ସାହୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

**ଲାଞ୍ଜିଗଡ଼ :** ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ମଞ୍ଚରେ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଉପସ୍ଥାପନା କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଛନ୍ତି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର। ଆଜି ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟର ଅଧୀନ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି -୨୦୨୫ ଅବସରରେ

ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମେହେର ଏହା କହିଛନ୍ତି। କୁମାର ଗୌରବ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, ସରପଞ୍ଚ ବୈଦେହୀ ମାଝୀ, ସରପଞ୍ଚ ସନ୍ତୋଷ ମାଝୀ, ସୌଭାଗ୍ୟ କୁମାର ସାହୁ, ମନୋଜ ସାହୁ, ଦୁଃଖିଶ୍ୟାମ ବାରିକ, ପ୍ରକାଶ ପ୍ରଧାନ, ସାମ୍ବାଦିକ ସୁଶୀଲ କୁମାର ବାଗ, ନୀଲେଶ କୁମାର ନାଗ, ଗୋପାଳଦାସ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜନ କୁମାର ବୁଦ୍ଧିଆ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଚିନ୍ତାମଣି ବିଶ୍ୱାଳ, ଶରତଚନ୍ଦ୍ର ସାହାଣୀ, ସୁରେନ୍ଦ୍ର ବିଶ୍ୱାଳ, ନୀଳାମ୍ବର ସରାଫଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାଠସମା ତଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ମୁଖ୍ୟଅତିଥିଙ୍କଠାରୁ ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରମୋଦ ପରିଡ଼ା, ସନ୍ତୋଷ ପାତ୍ର, ମଧୁସୂଦନ ରାଉତ ଦାୟିତ୍ୱ ତୁଲାଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ପରେଶ କୁମାର ଗହୀର, ଯଶୋବନ୍ତୀ ମାଝୀ, ବୈଷ୍ଣବ ବାଗ, ଲିଙ୍ଗରାଜ ସାହୁ, ସୁଜିତ କୁମାର ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସାନକାର୍ଲିକୁ ଶ୍ରେଷ୍ଠ ବିଦ୍ୟାଳୟ ଟ୍ରଫି

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଭଟାଙ୍ଗପଦର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁରସ୍କୃତ ପ୍ରଧାନଶିକ୍ଷକ ଆଦିତ୍ୟକୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁଙ୍କ ଶିକ୍ଷା ଓ ଶିକ୍ଷାୟତନକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ବିଭିନ୍ନ ମାନଦଣ୍ଡକୁ ଆଧାର କରି କ୍ଲଷ୍ଟରର ସର୍ବୋତ୍ତମ ବିଦ୍ୟାଳୟ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲିକୁ ଚୟନ କରିଥିଲେ। ଉପସ୍ଥିତ ମଞ୍ଚାସୀନ ସମସ୍ତ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀଣ ତାଣ୍ଡି ଓ ସହଶିକ୍ଷକ ଦନାର୍ଦ୍ଦନ ମିଶ୍ରଙ୍କୁ ଉପଢୌକନ ସହ ମା ମାଣିକେଶ୍ୱରୀଙ୍କ ଫୋଟଚିତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ୱାହା ଦାସ୍, ସୁଢ଼ଳଦେବ ମୁଣ୍ଡ, ରୁପେନ୍ଦ୍ର ଛତ୍ରିଆ, ଦଶମୀ ମାଝୀ, ଲିଳୀମା ମଞ୍ଜରୀ ସୁନାନୀ, ଗୁଣନିଧି ସାହୁ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବ ପ୍ରସାଦ ଦାଶ ଏବଂ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସାଧନ

କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦୂର୍ବାଦଳ ପଟେଲ, ହିମାଂଶୁ ଶେଖର ମେହେର, ତୁଳାରାମ ମାଝୀ ସମେତ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**କେସିଙ୍ଗା:** ଲଇତରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଲଇତରା ସରପଞ୍ଚ ଯୋଗ ଦେଇଥିବାବେଳେ ସଭାପତି ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଶଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର୍ ସଭାପତି ସୁରେନ୍ଦ୍ର କୁମାର ଦୋରା, ଲମ୍ବୋଦର ପୋଢ଼ ନୀଳମାଧବ ପଟ୍ଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ସର୍ବମୋଟ ଆଠଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଥିଲେ। ଶିକ୍ଷକ ତାପସ ମହଲା, ବିଷ୍ଣୁ ଭାଟି, ଅମରେଶ ବିଶି, ପ୍ରଫୁଲ୍ଲ ବିଶି, ବିଶ୍ୱଜିତ୍ ପୋଢ଼, ଚନ୍ଦ୍ର ଶେଖର ନାଏକ, ଖିରଶିନ୍ଧୁ ଶବର, ଆଲୋକ ଯୋଶୀ, ସୋନି ଭୋଇ, ଶିକ୍ଷୟତ୍ରୀ ବନ୍ଦନା ଦାଶ, ନଳିନୀ ନାଗ, ତପସ୍ୱିନୀ ବାଗ, ଭାନୁମତୀ ଚୌହାନ, ପ୍ରମିଳା ମାଝୀ ପ୍ରମୁଖ ଯୋଗ ଦେଇ ଥିଲେ। ଜାତୀୟସ୍ତରର କଳାକାର ଦେବ ଓ ରଞ୍ଜିତ ବିଚାରକ ଭାବେ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୨୫୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

**କଲମପୁର:** କଲମପୁର ବ୍ଲକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବଙ୍କାପଲାଠାରେ ବରଗାଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବରଗାଁ ସିଆରସିସି ମନୋଜ କୁମାର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଙ୍କାପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ଭୋଇ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ସହ ଗୋଷ୍ଠୀଶିକ୍ଷା ଅଧିକାରୀ ବାଲଗୋପାଲ ତେଣ୍ଡକାରୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ବାଣ୍ଣୁଆ, ଇଶ୍ୱରୀ ବେହେରା ତଥା, ଦେପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜେ ନାଗ, ଇଚ୍ଛାପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ପଣ୍ଡା ଓ ପଦରପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିନ୍ଦୀ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ବେହେରା ଓ ଅବସରପ୍ରାପ୍ତ ସୈନିକ ସୁଶିଲ କୁମାର ବାଣ୍ଣୁଆ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ସୁଶାନ୍ତ ଛତ୍ରିଆ, ଶିକ୍ଷୟିତ୍ରୀ ପ୍ରେମାଞ୍ଜଳୀ ବାଗ ଓ ନମିତା କୁମାର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସନାତନ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।








# ରାସ୍ତା ନିର୍ମାଣ ପାଇଁ ଛାତ୍ରଛାତ୍ରୀଙ୍କ ରାସ୍ତା ଅବରୋଧ

**ଜୟପାଟଣା, ୧୭ ।୧୦(ସମିସ):** ସରକାର ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ଯୋଗାଇ ଦେବାକୁ ଅନେକ କଥା କହୁଥିବା ବେଳେ ବାସ୍ତବିକ ଚିତ୍ର ଓଲଟା। ସାଧାରଣ ରାସ୍ତାଟିଏ ପାଇଁ ଅନେକ ଗାଁ ଉପାନ୍ତ ଅଞ୍ଚଳ ସାଜିଥିବା ବେଳେ ସହର ପାଖ ଅଞ୍ଚଳର ସ୍ଥିତି ସମାନ। ତେବେ ରାସ୍ତା ପାଇଁ କଲେଜ ଛାତ୍ରଛାତ୍ରୀମାନେ ରାଜରାସ୍ତା ଅବରୋଧ କରିଥିବା ଚିତ୍ର ସାମ୍ନାକୁ ଆସିଛି। ଶୁକ୍ରବାର ଜୟପାଟଣା ବ୍ଲକ ମୋତେଲଗୁଡା କ୍ରସର ଛକ ନିକଟରେ ମୋଟର ମୁଖୀଗୁଡା ପିଡବ୍ଲୁଡି ରାସ୍ତାକୁ ଅବରୋଧ କରିଥିଲେ ଅରେବେଡା ପତିତପାବନ କଲେଜର ଛାତ୍ରଛାତ୍ରୀ। ସୂଚନା ଅନୁଯାୟୀ କ୍ରସର ଛକ ଠାରୁ ଯାଇଥିବା ଆର୍ଡି ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ହୋଉପଡ଼ିଥିବା ବେଳେ ଦୈନିକ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ରାସ୍ତା ମଝିରେ ବ୍ରିଜ୍ ଭାଙ୍ଗିଯାଇଛି, ଯାହାଫଳରେ ଏହି ରାସ୍ତାଦେଇ ଲକ୍ଷ୍ମୀ ବସ୍ ମଧ୍ୟ ଯାଉନାହିଁ। ଛାତ୍ରଛାତ୍ରୀ ମାନେ ଦୀର୍ଘ ୫କିମି ବୁଲି ଯିବା ଆସିବା କରୁଛନ୍ତି। ତେବେ ଅନେକ ଦାବି ଓ ଅଭିଯୋଗ ଦେଲାପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାବେଳେ ଆଜି ଅସନ୍ତୋଷ ଛାତ୍ରଛାତ୍ରୀ ମାନେ ରାଜରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଜୟପାଟଣା ବିଡିଓ ଓ କଲମପୁର ପୁଲିସ ପ୍ରଶାସନ ଆସି ଆଲୋଚନାକରି ରାସ୍ତା ମରାମତି ସହ ଲକ୍ଷ୍ମୀ ବସ୍‌କୁ ମୋଟର ଦେଇ ଅରେବେଡା କଲେଜ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତା ଉପରୁ ହଟିଥିଲେ ଛାତ୍ରଛାତ୍ରୀ।

# ଭବାନୀପାଟଣା ବିକାଶ ସ୍କୁଲ ଓଡ଼ିଶାରେ ଦ୍ୱିତୀୟ

**ଭବାନୀପାଟଣା, ୧୭ ।୧୦ (ସମିସ):** ଏଜୁକେସନ୍ ୱାଲ୍ଡ ତରଫରୁ କରାଯାଇଥିବା ସର୍ବେକ୍ଷଣରେ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ ୨୦୨୫-୨୬ରେ କୋ-ଏଜୁକେସନ, ଡେ କମ୍ ବୋର୍ଡ଼ିଂ ସ୍କୁଲ ବିଭାଗରେ ଭବାନୀପାଟଣା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ଚତୁର୍ଦ୍ଦଶ ସ୍ଥାନରେ ଥିବାବେଳେ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥି ନିମନ୍ତେ ଦିଲ୍ଲୀର ଏକ ତାରକା ହୋଟେଲରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ




ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଡି.ଶ୍ୟାମ ଉପସ୍ଥିତ ରହି ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହାଫଳରେ ବିକାଶ ଶିକ୍ଷା ରାଜ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଏହା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ତଥା କଳାହାଣ୍ଡି ଜିଲ୍ଲା ଓ ପାଇଁ ଗୌରବ ଆଣି ଦେଇଛି। ଏହି ପୁରସ୍କାର ପାଇଁ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ ର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ ପ୍ରମୁଖ ଖୁସି ବ୍ୟକ୍ତ କରିବା ସହ ଅନୁଷ୍ଠାନର ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏହାର ଶ୍ରେୟତା ପ୍ରଦାନ କରିଛନ୍ତି।

## ଟ୍ରାନ୍ସଫର୍ମର ଚାରିପଟେ ପାଚେରି କାମ ଆରମ୍ଭ

ବିନିକା,୧୭ ।୧୦(ସମିସ):ବିନିକା-ସୋନପୁର ରାସ୍ତାର ଫୁଲମୁଠି ଛକରୁ ଗ୍ରାମକୁ ଗଲେ ରାସ୍ତାର ବାମ ଓ ଡାହାଣ ପଟରେ ଥିବା ୨ଟି ବିପଦପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ପାଚେରି କାମ ଆରମ୍ଭ ହୋଇଛି। ଟ୍ରାନ୍ସଫର୍ମର ମୁକୁଳା ପଡିଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ସାମାଜିକ କର୍ମୀ ରମେଶ ମେହେର ବିଦ୍ୟୁତ ବିଭାଗ ଅଧିକାରୀ, ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀଙ୍କୁ 'ଏକ୍ସ' ହାଣ୍ଡେଲରେ ପୋଷ୍ଟ କରିଥିଲେ। ପଦକ୍ଷେପ ନିଆଯିବ ବୋଲି ବିଦ୍ୟୁତ ବିଭାଗ ଅଧିକାରୀ ଉତ୍ତର ଦେଇଥିଲେ। ତେବେ ଖବର ପ୍ରକାଶ ପାଇବାର ପ୍ରାୟ ୩ମାସ ପରେ ସମସ୍ୟାର ସମାଧାନ ହୋଇଛି। ବିଳମ୍ବରେ ହେଲେ ମଧ୍ୟ ସମସ୍ତଙ୍କ ସୁରକ୍ଷା ପାଇଁ ବିପଦପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ବାମ ପାଶ୍ୱର୍ରେ ଥିବା ଟ୍ରାନ୍ସଫର୍ମର ଖମ୍ବ ଢଳି ରହିଥିବାରୁ କେତେବେଳେ ଛିଣ୍ଡି ଯାଇ ଅଘଟଣ ଘଟିବ ତାହା କହି ହେଉନାହିଁ।

## ବିପୁଳ କାଠ ଜବତ, ଜଣେ ଗିରଫ

ଶଗଡା,୧୭ ।୧୦(ସମିସ): ବୌଦ୍ଧ ବନଖଣ୍ଡ କଣ୍ଟାମାଳ ରେଞ୍ଜ ନାରାୟଣ ପ୍ରସାଦ ସେକ୍ସନ ଅଧୀନ ଭଟାଗୋରା ଗ୍ରାମରୁ ବିପୁଳ ପରିମାଣର କାଠ ଜବତ ହୋଇଛି। ଏହା ଜଣେ କାଠ ମାଫିଆକୁ ଗିରଫ କରାଯାଇଛି। ବୌଦ୍ଧ ଏସିଏଫ ଆଶିଷ କହଁର, ଏସିଏଫ ମୀନାକ୍ଷୀ କୁମୁରା, ବୌଦ୍ଧ ରେଞ୍ଜ ଅଧିକାରୀ, ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, କଣ୍ଟାମାଳ ରେଞ୍ଜ ଅଧିକାରୀ ଜୟକୃଷ ପଟ୍ଟନାୟକ, ଫରେଷ୍ଟର ବରୁଣ ମୁଖୀ ପ୍ରମୁଖ ଫରେଷ୍ଟ ଗାର୍ଡମାନଙ୍କ ସହାୟତାରେ ଭଟାଗୋରା ଗ୍ରାମର ଲକ୍ଷ୍ମୀକାନ୍ତ ମଲ୍ଲିକ ଘରେ ଚଢ଼ଉ କରିଥିଲେ। ତାଙ୍କ ଘରୁ ୬ଖଣ୍ଡ ଶାଳ ଗଣ୍ଡି, ଗୋଟିଏ ପିଆଶାଳ, ୧୩ ଖଣ୍ଡ ଶାଳ ଚୌକାଠ ଜବତ ହୋଇଛି। ଏହାସହ ଅନେକ କାଠ କାର୍ଯ୍ୟରେ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। ଘର ମାଲିକ ଅଭିଯୁକ୍ତ ଲକ୍ଷ୍ମୀକାନ୍ତକୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

## ମହାନଦୀରେ କୁମ୍ଭୀର, ନଦୀକୂଳିଆ ଲୋକେ ଆତଙ୍କିତ

ବିନିକା,୧୭ ।୧୦(ସମିସ): ବିନିକା ସହର ଦେଇ ଯାଇଥିବା ମହାନଦୀ ପାଣିରେ ଘଡିଆଳ କୁମ୍ଭୀର ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି। କୁମ୍ଭୀର ଦେଖିବାକୁ ବ୍ରିଜ ଉପରେ ଲୋକଙ୍କ ଭିଡ଼ ହୋଇଥିଲା। ପ୍ରବାହିତ ନଦୀକୂଳର ଗୋଟିଏ ପଟେ ବିନିକା ସହରବାସୀ, ରହିଲା ଭମରପାଲି, ମଣିଗାଁ, ସେଳେଡି, କର୍ତଙ୍ଗ, ପଣ୍ଡକିତାଲ ଏବଂ ଅନ୍ୟପଟରେ ଇଚ୍ଛାପୁର, ଚଢେଇପଙ୍କ ଆଦି ଅନେକ ଗ୍ରାମର ଲୋକେ ସ୍ନାନଶୌଚ ପାଇଁ ନିର୍ଭର କରନ୍ତି। ବର୍ତ୍ତମାନ ନଦୀ ଭିତରକୁ ଯିବାକୁ ଭୟଭୀତ ହୋଇ ପଡିଛନ୍ତି। ଖବର ପାଇ ବିନିକା ବନ ବିଭାଗ ଫରେଷ୍ଟର ବନମାଳୀ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ମହାନଦୀକୁ ସଂଯୋଗ କରୁଥିବା ଅଙ୍ଗନଦୀ ମୁହାଣରୁ ଜିରାନଦୀ ପର୍ଯ୍ୟନ୍ତ ମାଇକ୍ ଯୋଗେ ମହାନଦୀରେ କୁମ୍ଭୀର ଆସିଥିବା ନେଇ ଲୋକଙ୍କୁ ସଚେତନ କରିଥିଲେ।

## ବେଆଇନ ବାଲିଗଦା ଉପରେ ଚଢଉ

ହରଭଙ୍ଗା,୧୭ ।୧୦(ସମିସ): ହରଭଙ୍ଗା ତହସିଲ ସୁରୁଣ୍ଡି ମହାନଦୀ ଘାଟ ନିକଟରେ ବେଆଇନ ଭାବେ ବାଲିଗଦା ଉପରେ ଏନଫୋର୍ସମେଣ୍ଟ ଟିମ୍ ଚଢଉ କରିଛି। ଗତବର୍ଷରୁ ଏହି ସୈରାତର କାଗଜପତ୍ର ନ ଥିବାବେଳେ ଏତେ ପରିମାଣର ବାଲିକୁ ନେଇ ଟିମ୍ ତଦନ୍ତ ଜାରି ରଖିଛି। ଏହି ଚଢଉରେ ହରଭଙ୍ଗା ତହସିଲଦାର ବଳଦେବ ବେହେରା, ହରଭଙ୍ଗା ରାଜସ୍ୱ ନିରୀକ୍ଷକ ପଙ୍କଜ କହଁର, ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ହରଭଙ୍ଗା ତହସିଲଦାର ବଳଦେବ ବେହେରାଙ୍କୁ ପଚାରିବାରୁ ଚଢାଉ କରାଯାଇଥିଲା ଖଣି ବିଭାଗ ଆକଳନ କରି ଜରିମାନା ଆଦାୟ କରିବେ ବୋଲି କହିଥିଲେ।

● ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ

## ତାଳଚେରକୁ ହରାଇ ସେମିରେ କେନ୍ଦ୍ରାପଡ଼ା

ବୀରମହାରାଜପୁର,୧୭ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ୧୬ତମ ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ଚତୁର୍ଥ ଦିବସ। ଶୁକ୍ରବାର ୩ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ୍ ଡିସିସି ଶାନ୍ତାପୁର, କେନ୍ଦ୍ରାପଡ଼ା ଏବଂ ଷ୍ଟ୍ରାଇକର-୧୧ ଫୁଲବାଣୀ ମଧ୍ୟରେ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୮ ରନ୍ କରିଥିଲା। ଜବାବରେ ଫୁଲବାଣୀ ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୫୫ ରନ୍ କରି ପରାସ୍ତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଦଳର ହିରାଲାଲ ମେଣ୍ଡିସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ଷ୍ଟ୍ରାଇକର ଏକାଦଶ ନୂଆପଡ଼ା ଓ ସିଆରଏନ ତାଳଚେର ମଧ୍ୟରେ ହୋଇଥିଲା। ଏଥିରେ ନୂଆପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୩ ରନ୍ କରିଥିଲା। ଜବାବରେ ତାଳଚେର ଦଳ ୭ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୮୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ତାଳଚେରର ବିଜ୍ଞ ପ୍ରସାଦ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ତୃତୀୟ ମ୍ୟାଚ୍ ପ୍ରଥମ ମ୍ୟାଚର ବିଜେତା କେନ୍ଦ୍ରାପଡ଼ା ଓ ଦ୍ୱିତୀୟ ମ୍ୟାଚର ବିଜେତା ତାଳଚେର ମଧ୍ୟରେ ହୋଇଥିଲା। ଏଥିରେ ତାଳଚେର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୬୪ ରନ୍ କରିଥିଲା। ଜବାବରେ କେନ୍ଦ୍ରାପଡା ଦଳ ୭.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୬୫ ରନ୍ ସଂଗ୍ରହ କରି ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଲକ୍ଷ୍ମଣ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ାର ବବଲୁ ଦାସଙ୍କୁ ମ୍ୟାନ ଅଫ ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ଜିତେଶ ବେହେରା ଓ ଜ୍ଞାନରଞ୍ଜନ ସ୍ୱାଇଁ ଆମ୍ପାୟର ଥିଲେ। ହେମନ୍ତ ବେହେରା ଓ ସନାତନ ବେହେରା ସ୍କୋରର ଥିଲେ। ବୁଦ୍ଧଦେବ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ।

ବୈଷ୍ଣୋଦେବୀ ଦର୍ଶନରେ ଯାଇଥିବା ୩ ଭକ୍ତଙ୍କ ମୃତ୍ୟୁ

# ଏକାଠି ଜଳିଲା ପତିପତ୍ନୀଙ୍କ ଜୁଇ

ତରଭା,୧୭ ।୧୦(ସମିସ)



ବାଲ୍ୟବନ୍ଧୁଙ୍କ ଅକାଳ ବିୟୋଗରେ ଅଶ୍ରୁଳ ବିଦାୟ

ତରଭାର ବିଚିତ୍ର ସାହୁ, ତାଙ୍କ ପତ୍ନୀ କବିତା ସାହୁ ଓ ବିଚିତ୍ରଙ୍କ ବାଲ୍ୟ ବନ୍ଧୁ ସହକର୍ମୀ ଯୋଗୀନ୍ଦ୍ର ମଟାରୀ ବୈଷ୍ଣଦେବୀଙ୍କ ଦର୍ଶନରେ ଯାଇଥିବାବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତେବେ ବିଚିତ୍ର ଓ କବିତାଙ୍କ ମରଶରୀର ନେଇ ଶୁକ୍ରବାର ତାଙ୍କ ପୁଅ ଅଭିଜିତ, ପୁତୁରା ଶେଖର ଓ ସୌମ୍ୟାଜିତ ଅପରାହ୍ନ ୨ଟା ୪୨ରେ ପଦରପଡାସ୍ଥିତ ବସଭାବନ ସମ୍ମୁଖରେ ପହଞ୍ଚିଛନ୍ତି। ତରଭା ସ୍ୱର୍ଗଦ୍ୱାରରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଚିତ୍ରଙ୍କ ପୁତ୍ର ଅଭିଜିତ ମୁଖାଗ୍ନି ଦେଇଥିଲେ।

ପୂର୍ବରୁ ସେଠାରେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୋଇ, ଆଇଆଇସି ଅନିତା କିଡୋ, ଏସଆଇ ରବୀନ୍ଦ୍ର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ସେହିଭଳି ବରିଷ୍ଠ ନାଗରିକ କମିଟିର କର୍ମକର୍ତ୍ତା, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଗଠନର ବଲାଙ୍ଗୀର ଉପ ସଭାପତି ଆଶୁତୋଷ ମିଶ୍ର ଓ କର୍ମକର୍ତ୍ତା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟଳ, ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀ, ବନ୍ଧୁ ବାନ୍ଧବ, ସାହି ପଡ଼ିଶା, ତରଭା, ବୈରାସର, ବଲାଙ୍ଗୀର, କମସରା, ନାରାୟଣପୁର ସମେତ ଆଖପାଖ ଗ୍ରାମରୁ ଆସିଥିବା ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି, ସୋନପୁର ଓ ତରଭାର ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଶେଷ ବିଦାୟ ଜଣାଇଥିଲେ। ସମସ୍ତଙ୍କ ଆଖିରେ ଲୁହ ଥିଲା।

ପତିପତ୍ନୀଙ୍କ ମରଶରୀର ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡିଥିଲା। ପ୍ରଶାସନ ଓ ଜନସାଧାରଣ ଅଶ୍ରୁଳ ନୟନରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଦୁଇ ଅନନ୍ୟ ବାଲ୍ୟବନ୍ଧୁ, ସହପାଠୀ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ବିଚିତ୍ର ଓ ଯୋଗୀନ୍ଦ୍ର ଙ୍କ ଅକାଳ ବିୟୋଗ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଗତ ୧୪ ତାରିଖ ସକାଳେ ଜାମ୍ମୁର କଟରା ହେଲିପ୍ୟାଡ ନିକଟସ୍ଥ ଏକ୍ସପ୍ରେସ୍ ୱେରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ବିଚିତ୍ର ଓ ଯୋଗୀନ୍ଦ୍ର ସପତ୍ନୀଙ୍କ ଏକ ଅଟୋରେ ଫେରୁଥିଲେ। ଏକ ଦ୍ରୁତଗାମୀ ବସ୍ ସେମାନଙ୍କୁ ଧକ୍କା ଦେଇଥିଲା। ଏହି ଘଟଣାରେ ବିଚିତ୍ର ଓ ଯୋଗୀନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ କବିତା ଓ ସ୍ନେହଲତାଙ୍କୁ ଜାମ୍ମୁ ଡାକ୍ତରଖାନା ନିଆଯାଉଥିବା ବେଳେ ରାସ୍ତାରେ କବିତା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜାମ୍ମୁରେ ସ୍ନେହଲତାଙ୍କ ଚିକିତ୍ସା ଜାରି ରହିଛି। ତେବେ ଓଡ଼ିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ବିଚିତ୍ର ଓ କବିତାଙ୍କ ମରଶରୀର ଏୟାର ଲିଫ୍ଟ ଓ ଆମ୍ବୁଲାନ୍ସ ମାଧ୍ୟମରେ ଜାମ୍ମୁରୁ ଦିଲ୍ଲୀ, ରାୟପୁର ହେଇ ତରଭା ପହଞ୍ଚାଯାଇଥିଲା। ବଲାଙ୍ଗୀରରେ ଉଭୟଙ୍କ ମରଶରୀର ପହଞ୍ଚିବା ପରେ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ଶନିବାର ଯୋଗୀନ୍ଦ୍ରଙ୍କ ମରଶରୀର ତରଭାରେ ପହଞ୍ଚିବ।

ତେବେ ବିଚିତ୍ର ଓ ଯୋଗୀନ୍ଦ୍ରଙ୍କ ବନ୍ଧୁତ୍ୱ ଖୁବ୍ ନିବିଡ। ସ୍କୁଲ ଜୀବନରୁ ଉଭୟଙ୍କ ବନ୍ଧୁତା ଆରମ୍ଭ ହୋଇଥିଲା। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଏକାଠି କାର୍ଯ୍ୟ କରି ଦିହେଁ ଅବସର ଗ୍ରହଣ କରିଥିଲେ। ଏହି ଦୁଇ ବନ୍ଧୁଙ୍କ ସମ୍ପର୍କ ଅତୁଟ ଥିଲା। ସେମାନେ ହସଖୁସି ସ୍ୱଭାବର ଥିଲେ। ଉଭୟ ତରଭାବାସୀଙ୍କ ହୃଦୟରେ ସୁବଦିନ ଜୀବନ୍ତ ରହିବେ। ଅବସରପ୍ରାପ୍ତ ବ୍ୟାଙ୍କ ସଂଗଠନ ତରଫରୁ ଓଡ଼ିଶା ସରକାରଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ପାଇଁ ନିବେଦନ କରାଯାଇଛି। ଏହି ଅପୂରଣୀୟ କ୍ଷତିରେ ତରଭାର ପ୍ରତ୍ୟେକ ବ୍ୟକ୍ତି ମର୍ମାହତ।

## ଜାତିଆଣ ସମସ୍ୟାକୁ ନେଇ ବିଲରେ କୀଟନାଶକ ପକାଇଦେଲେ

ଶଗଡା,୧୭ ।୧୦(ସମିସ): ବୌଦ୍ଧ ଥାନା ଆମ୍ବଝରୀ ପଞ୍ଚାୟତ କୁଟୁକୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଶଙ୍କର ପ୍ରଧାନଙ୍କ ବିଲରେ ଜାତିଆଣ ବିବାଦକୁ ନେଇ କିଛି ବ୍ୟକ୍ତି ତାଙ୍କ ବିଲରେ କୀଟନାଶକ ପକାଇ ଦେଇଛନ୍ତି। ଧାନ ଗଛ ସବୁ ନଷ୍ଟ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶଙ୍କର ଗତ ମାସ ୧୮ ତାରିଖରେ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇନି। ଏ ନେଇ ଶଙ୍କର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଶଙ୍କର ପାବୁଲିପଡ଼ା ଗ୍ରାମର ଏକ ପରିବାର ସହ ଚଳି ଆସୁଛନ୍ତି; ହେଲେ କୁଟୁକୁର ଗ୍ରାମର କିଛି ବ୍ୟକ୍ତି ଏକ ସଭା କରି ଶଙ୍କରଙ୍କୁ ଉକ୍ତ ଜାତି ସମାଜ ଛାଡି ନିଜ ଜାତି ସମାଜରେ ରହିବାକୁ କହିଥିଲେ; ହେଲେ ଶଙ୍କର ମନା କରିବାରୁ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆ ଯିବା ସହ ତାଙ୍କ ଜମିରେ କୀଟନାଶକ ପକାଇ ନଷ୍ଟ କରିବାକୁ ପ୍ରୟାସ କରାଯାଇଥିବା ଶଙ୍କର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇନି। ଏଣୁ ଶଙ୍କର ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଏହାର ତଦନ୍ତ କରି ଉଚିତ ନ୍ୟାୟ ଦେବା ପାଇଁ ଗୁହାରି କରିଛନ୍ତି।

# ଖଣ୍ଡହତାରୁ ଗଞ୍ଜେଇ ଭର୍ତ୍ତି କାର୍ ଜବତ

ବାରମ୍ବାର ଗଞ୍ଜେଇ ଚୋରା ଚାଲାଣ | ଅବକାରୀ ବିଭାଗ ଓ ପୁଲିସ ସାଜିଛନ୍ତି ନୀରବଦ୍ରଷ୍ଟା

ବୀରମହାରାଜପୁର,୧୭ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅଧୀନ ଖଣ୍ଡହତା ଗାଁ ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଧରା ପଡିଛି। ଖବର ପାଇ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କ ସହ ପୁଲିସ ଟିମ୍ କାବୁ କରିଛି। ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ଏକ କାରରେ ଗଞ୍ଜେଇ ମାଫିଆମାନେ ୬୮ କେଜି ୮୦୦ଗ୍ରାମ ଗଞ୍ଜେଇ ନେଇ ଖଣ୍ଡହତା ଦେଇ ସମ୍ବଲପୁର ଆଡ଼କୁ ଯାଉଥିଲା। କୌଣସି ସୂତ୍ରରୁ ସୁବର୍ଣ୍ଣପୁର ଏସପି ଶ୍ରୀ ନାୟକ ଖବର ପାଇ ଧରିବାକୁ ଯୋଜନା କରିଥିଲେ। ଗଞ୍ଜେଇ ଚୋରା ଚାଲାଣ ଗାଡ଼ିରେ ଉତ୍ତରପ୍ରଦେଶର ୪ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମହିଳା ସାମିଲ ଥିଲେ। ସେହିପରି ଏହି ଚୋରା ଚାଲାଣ କରୁଥିବା ଗାଡ଼ିକୁ ଏସକର୍ଟ ଯୋଗାଇ ଦେଉଥିବା ଏକ ଗାଡିକୁ ମଧ୍ୟ



ପୁଲିସ ଜବତ କରିଛି। ଏହି ଏସକର୍ଟ ଗାଡ଼ିରେ ଥିବା ବୌଦ୍ଧ ଜିଲ୍ଲାର ୫ ଜଣଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୁବଳୟା ଥାନା ଅଧିକାରୀ ଓ ବିରମହରକ୍ଷଜପୁର ପୁଲିସ ସହ ଏସ୍‌ଡିପିଓ ହେମନ୍ତ ରାଓ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ବୀରମହାରାଜପୁର ପୁଲିସ୍ ଥାନାକୁ ଆଣିଛି। ଥାନା ଅଧିକାରୀ ଅବିନାଶ ପଧାନ ଅଧିକ ତଦନ୍ତ ଚଳାଇଥିବା କହଛନ୍ତି।

ବୌଦ୍ଧ ଜିଲ୍ଲାରୁ ପ୍ରତିଦିନ ବୀରମହାରାଜପୁର, ସୁବଳୟା ଦେଇ ବାହାର ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ କିନ୍ତୁ ନୀରବତା ଅବଲମ୍ବନ କରୁଛି।

## ଶିକ୍ଷକ ଅଭାବ: ସ୍କୁଲରେ ତାଲା ପକାଇଲେ ଅଭିଭାବକ



ବୌଦ୍ଧ,୧୭ ।୧୦(ସମିସ): ବୌଦ୍ଧ ଏନଏସି ଅଧୀନ ବାପୁଜୀନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶିକ୍ଷକ ଅଭାବରୁ ବାରମ୍ବାର ଅଭିଭାବକମାନେ ଜିଲ୍ଲା ଶିକ୍ଷା ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏହି ବିଦ୍ୟାଳୟରେ ୧୧୭ ଛାତ୍ରଛାତ୍ରୀ ପଢୁଛନ୍ତି। ୯ଟି ଶ୍ରେଣୀ ଲାଗି ୨ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଏଣୁ ଶିକ୍ଷକ ଅଭାବରୁ ପାଠପଢା ଠିକ୍‌ରେ ହେଉନି। ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ସ୍କୁଲ ଗେଟ୍‌ରେ ତାଲା ପକାଇଥିଲେ। ଛାତ୍ରଛାତ୍ରୀ ମଧ୍ୟ ସ୍କୁଲ ନ ଯାଇ ଗେଟ୍ ସମ୍ମୁଖରେ ବସିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ନ ଦେବା ଯାଏଁ ଗେଟ୍ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକମାନେ ପ୍ରକାଶ କରିଥିଲେ। ତୁରନ୍ତ ଶିକ୍ଷକ ପଦବୀ ପୂରଣ ନ କଲେ ଆନ୍ଦୋଳନ ଜାରି ରଖିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## କଂଗ୍ରେସର ସାମ୍ବାଦିକ ସମ୍ମିଳନୀ



ବୌଦ୍ଧ,୧୭ ।୧୦(ସମିସ): ବୌଦ୍ଧ ସର୍କିଟ ହାଉସ୍‌ରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ଜିଲ୍ଲା କଂଗ୍ରେସ କମିଟି ସଭାପତି ବିନ୍ଧ୍ୟବିନୀ ସାହୁ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନାରାୟଣ ପ୍ରସାଦ ପରିଜା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।

## ନାଏକପଡା ସାପ୍ତାହିକ ବଜାରରୁ ବାଇକ୍ ଚୋରି

ବୌଦ୍ଧ,୧୭ ।୧୦(ସମିସ): ବୌଦ୍ଧ ଥାନା ନାଏକପଡା ସାପ୍ତାହିକ ବଜାରରୁ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସରସରା ଗ୍ରାମର ସଞ୍ଜୀବ ବେହେରା ବାମଣ୍ଡା ପଞ୍ଚାୟତର ନାଏକପଡାରେ ହେଉଥିବା ଶୁକ୍ରବାର ସାପ୍ତାହିକ ବଜାରକୁ ସଉଦା କରିବାକୁ ଯାଇଥିଲେ। ବଜାର କରି ସାରି ଘରକୁ ଆସିବା ପାଇଁ ବାହାରିବା ବେଳେ ତାଙ୍କ ବାଇକ୍ ନ ଥିଲା। ଆଖ ପାଖରେ ଖୋଜାଖୋଜି କରି ବାଇକ ନ ପାଇବାରୁ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି।

## ବରପଦର, ବରଗୋଚ୍ଛାରେ ଶିଶୁ ମହୋତ୍ସବ 'ସୁରଭି'




ଡୁଙ୍ଗୁରିପାଲି,୧୭ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତ ବରପଦର ପ୍ରାଥମିକ ବିଦ୍ୟାଳୟରେ ସର୍ଗୁଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦେବବ୍ରତ ବୁଡେକ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା ମୁଖ୍ୟବକ୍ତା, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଜଗତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ। ଚମ୍ପାଡୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ କୃପାସିନ୍ଧୁ ହରିପାଲ ମଞ୍ଚ ପରିଚାଳନା କରିଥିଲେ। ବନ୍ଧପାଲି ପ୍ରଧାନ ଶିକ୍ଷକ ଥବିର ବୁଡେକ୍, ଚିନାଯୁରୀ ସିଆରସିସି ରମେଶ ଚନ୍ଦ୍ର ଭୋଇ, ଅନ୍ଧାରୀବାଞ୍ଜି ସିଆରସିସି ଚିତ୍ତରଞ୍ଜନ ଠାକୁର ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରସନ୍ନ ତାଣ୍ଡି ଏବଂ ଶିକ୍ଷୟିତ୍ରୀ ସୁନୀତା ସେଠ୍ ମଞ୍ଚ ପରିଚାଳନା କରିଥିଲେ। ଯୋଗାନନ୍ଦ ପ୍ରଧାନ, ବାଳକିଶୋର ମେହେର, ଦିବ୍ୟକିଶୋର ଯୋଶୀ, ପୂର୍ଣ୍ଣଚନ୍ଦ୍ର କୁମ୍ଭାର, ଦୟାନିଧି ବୁଡେକ, ପ୍ରଫୁଲ୍ଲ ସାହୁ, ଗୋପବନ୍ଧୁ ବାଗ୍, ପ୍ରତ୍ୟୁଷ ସାହୁ, ପ୍ରବୀଣ ବିଶି, ସୁଶୀଳ ସେଠ୍, ଅଶ୍ୱିନୀ ବେହେରା ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିଲେ।

ଶଗଡା: ବରଗୋଚ୍ଛା ଆଶ୍ରମ ବିଦ୍ୟାଳୟ ବିଦ୍ୟାଳୟରେ ଲୁଣପଙ୍ଗା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ



ଅଶୋଭା ରଞ୍ଜନ ମାଳି ଓ ବରଗୋଚ୍ଛା ସରପଞ୍ଚ ଲକି କର୍ମୀ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ମମତା କହଁର, ବରଗୋଚ୍ଛା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ପ୍ରସାଦ ମହାରଣା, ଚୈତନ୍ୟ ମହାନନ୍ଦିଆ, ସୁଦାମ ଚରଣ ଦିଶ୍ରୀ, ବିନୋଦ ବିହାରୀ ପ୍ରଧାନ, ଦପଲା ସିଆରସିସି ଶ୍ରୀମନ୍ତ କହଁର, ଖୁଣ୍ଟିଗୋରା ସିଆରସିସି ଶତ୍ରୁଘନ ଜାନି ପ୍ରମୁଖ ଉପସ୍ଥିତ ଥିଲେ। ବାରଡୋଳ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ସତ୍ୟ ନାରାୟଣ ମଲିକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସିଆରସିସି ନରୋତ୍ତମ ତାଣ୍ଡିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ମହେଶ୍ୱର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ସଂକ୍ରାନ୍ତି ପାଳନ




ବୀରମହାରାଜପୁର,୧୭ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦରସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସଂକ୍ରାନ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସ ଗାୟକ ଭାବେ ସତ୍ୟ ନାରାୟଣ ଚାନ୍ଦ ରାମାୟଣ ପାଠ କରିଥିବା ବେଳେ ବାସୁଦେବ ରଥ ପୂଜାର୍ଚ୍ଚନା କରିଥିଲେ। କୃଷ୍ଣଚନ୍ଦ୍ର ପାଢ଼ୀ ପ୍ରବଚନ ଦେଇଥିଲେ। ଯୁଗଳ କିଶୋର ମିଶ୍ର ତବଲା ଓ ଜ୍ଞାନେନ୍ଦ୍ର ତ୍ରିପାଠୀ ହାରମୋନିୟମ୍‌ରେ ସହଯୋଗ କରିଥିଲେ। ସଭାପତି ପ୍ରଫୁଲ୍ଲ ରଥ, ସଂପାଦକ ସନ୍ତୋଷ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୟାନିଧି ହୋତା, ଚମରା ମହାକୁର, ଅକ୍ଷୟ ମିଶ୍ର, ଚମ୍ପେଦାଶ, ବାସୁଦେବ ପଣ୍ଡା, ଗୋପୀ ମହାକୁର, ଅକ୍ରୂର ଦନ୍ତା, ତ୍ରିନାଥ ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ଶ୍ୟାମସୁନ୍ଦର ସେଠୀ, ଜୀତେନ୍ଦ୍ରୀୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ବେଆଇନ ପଥର ଉତ୍ତୋଳନ

# ପଥର ଖାଦାନରେ ଚଢଉ, ୪ ମେସିନ ଜବତ

ହରଭଙ୍ଗା,୧୭ ।୧୦(ସମିସ)

ବୌଦ୍ଧ ଜିଲ୍ଲା ଖଣି ବିଭାଗ ସ୍ଥାଣୁ ପାଲଟିଛି। ବିନା କାଗଜପତ୍ରରେ ବିଭିନ୍ନ ସ୍ଥାନରୁ ଦିନ ଦ୍ୱିପହରରେ ପଥର ଚୋରି ଜିଲ୍ଲାରେ ଏକ ସାଧାରଣ କଥା ହୋଇଛି। ଖଣି ବିଭାଗର ନୀରବତା ମାଫିଆଙ୍କ ପାଇଁ ଭୂ-ସ୍ୱର୍ଗ ପାଲଟିଛି। ଏଭଳି ବେଆଇନ ଭାବେ ହରଭଙ୍ଗା ତହସିଲ ଅଧୀନ ଖରଭୁଇଁର ବିଭିନ୍ନ ପଥର ଖାଦାନାରୁ ଦିନ ଦ୍ୱିପହରରେ ପଥର ଚୋରି ଘଟଣା ଖଣି ବିଭାଗର ନୀରବତା ଉପରେ ବଡ ପ୍ରଶ୍ନଚିହ୍ନ ଛିଡା କରିଛି। ଖଣି ବିଭାଗ ଏବଂ ପଥର ମାଫିଆଙ୍କ ଭିତିରିଆ ସଲାସୁତ୍ରରେ ବିଭିନ୍ନ ପଥର ଖାଦାନରୁ ପଥର ଚୋରି ଏବେ ଜିଲ୍ଲାରେ ଏକ ସାଧାରଣ କଥା ହୋଇଛି। ଏହା ଫଳରେ ଜିଲ୍ଲାରେ ପଥର ଏବଂ ବାଲି ଭଳି ଲଘୁ ଖଣିଜ ଦ୍ରବ୍ୟର ପ୍ରଚୁର ପରିମାଣରେ ଚୋରି ଯୋଗୁଁ ସରକାର ବାର୍ଷୀକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏ ନେଇ ଗତ ରାଜସ୍ୱ ବୈଠକରେ ବୌଦ୍ଧ ଜିଲ୍ଲାପାଳ ଖଣିବିଭାଗକୁ ତାଗିଦ୍



ସହିତ ତାଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲାପାଳଙ୍କ ତାଗିଦ୍ ପରେ ଖଣି ବିଭାଗ ପକ୍ଷରୁ ହରଭଙ୍ଗା ତହସିଲର ଖରଭୂଇଁ –(୨) ନମ୍ବର ପଥର ଖାଦାନାରେ ଏନଫୋର୍ସମେଣ୍ଟ ଦଳ ଚଢଉ କରିଥିଲା। ବେଆଇନ ଭାବେ ପଥର ଉତ୍ତୋଳନ ଚାଲିଥିବାବେଳେ ସେଠାରୁ ୩ଟି ଡ୍ରିଲିଂ ମେସିନ୍ ଏବଂ ଗୋଟିଏ ପ୍ରୋକୋଲିଂ ମେସିନ ଜବତ କରାଯାଇଥିବା ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ ସୂଚନା ଦେଇଛନ୍ତି। ଏହି ଚଢଉରେ

**୩/୪ମାସ ପରେ ଖଣି ବିଭାଗର ନିଦ ଭାଙ୍ଗିଲା**

ହରଭଙ୍ଗା ତହସିଲଦାର ବଳଦେବ ବେହେରା, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳ, ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ, କନିଷ୍ଠ ଖଣି ଅଧିକାରୀ ଦିବ୍ୟ ପ୍ରଧାନ, ହରଭଙ୍ଗା ପୁଲିସ ଚଢଉରେ ସାମିଲ ଥିଲେ। ବିନା କାଗଜପତ୍ରରେ ଦୀର୍ଘ ମାସ ଧରି ଖରଭୂଇଁସ୍ଥିତ ବିଭିନ୍ନ ପଥର ଖାଦାନାରୁ ବେଆଇନ ଭାବେ ପଥର ଚୋରି ଚାଲିଥିବାବେଳେ ଖଣି ବିଭାଗ ଏବଂ ଏନଫୋର୍ସଟିମ୍ ପାଖରେ ଆଦୌ ଖବର ନ ଥିବା ଘଟଣା ପଛରେ ସରକାରୀ ବାବୁମାନଙ୍କ କାର୍ଯ୍ୟଶୈ÷ଳୀ ଉପରେ ବଡ ପ୍ରଶ୍ନଚିହ୍ନ ଛିଡା କରିଛି। ପୂର୍ବରୁ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଏଭଳି ଚଢଉ କରାଯାଇଥିବା ନଜରକୁ ଆସିଛି; ମାତ୍ର ଏହି ଚଢଉ ପରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଖଣି ବିଭାଗର ଛାଟ ମାଫିଆଙ୍କ ଉପରେ କାଟୁ କରୁ ନ ଥିବା ଦେଖାଯାଉଛି। ଏହାଫଳରେ ବାହାର ଜିଲ୍ଲାରୁ ଲୋକ ଆସି ଖଣି ବିଭାଗ ସଲାସୁତ୍ରରେ ବାଲି/ପଥର ରାତି ଅଧିଆ ଚୋରି କରି ମୁନାଫା କମାଇବାରେ ସକ୍ଷମ ହେଉଥିବା ନଜିର ଆସିଛି। ଏ ଦିଗରେ ରାଜ୍ୟ ଖଣି ନିର୍ଦ୍ଦେଶକ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ବଦଳି କରାଗଲେ ଏଥିରେ ସୁଧାର ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତଙ୍କୁ ପଚାରିବାରୁ ସେ କହିଲେ ଖରଭୁଇଁ -୨ ନମ୍ବର ପଥର ଖାଦାନାରେ ଚଢଉ କରାଯାଇ ୪ଟି ମେସିନ ଜବତ କରାଯାଇଛି। ଯଥାଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ପ୍ରଥମ ଉଡ଼ାଣ ଭରିଲା ସ୍ୱଦେଶୀ ତେଜସ୍



ନାସିକ୍, ୧୭ ।୧୦(ଏଜେନ୍ସି): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ମାର୍କ-୧ଏ ଶୁକ୍ରବାର ତା'ର ପ୍ରଥମ ଉଡ଼ାଣ ଭରିଛି। ନାସିକର ଓଝାରରେ ଏହି ବିମାନ ନିର୍ମାଣ କରାଯାଇଛି। ଭାରତୀୟ ବାୟୁସେନାକୁ ଏହି ବିମାନ ଉପଲବ୍ଧ କରାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ୍) ମହାରାଷ୍ଟ୍ରର ନାସିକ୍‌ରେ ତୃତୀୟ ପ୍ରଡକସନ ଲାଇନ୍ ଆରମ୍ଭ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରଡକ୍ସନ ଲାଇନ୍ ଜରିଆରେ ବାୟୁସେନାକୁ ୨୦୩୨-୩୩ ସୁଦ୍ଧା ୧୮୦ଟି ତେଜସ୍ ବିମାନ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ଏଠାରେ ପ୍ରତି ବର୍ଷ ୮ଟି ଫାଇଟର ଜେଟ୍ ନିର୍ମାଣ କରାଯାଉଛି। ଏହାକୁ ବଢ଼ାଇ ୧୦ରେ କରାଯିବ ବୋଲି କୁହାଯାଇଛି। ବାୟୁସେନା ପାଇଁ ତେଜସ୍ ବିମାନ ନିର୍ମାଣ କରୁଥିବା ହାଲ୍‌କୁ ଗତ ସେପ୍ଟେମ୍ବରରେ ଆମେରିକା ଚତୁର୍ଥ ଇଞ୍ଜିନ ପଠାଇଥିଲା। ଏହି ଜେଟ୍ ବିମାନର ଡେଣାରେ ୯ଟି ସ୍ଥାନରେ ମିସାଇଲ ଖଞ୍ଜା ଯାଇପାରିବ ଓ ଏହା ହିଁ ଏହି ବିମାନର ସ୍ୱତନ୍ତ୍ରତା। ପ୍ରତ୍ୟେକ ତେଜସ୍ ମାର୍କ-୧ଏ ବିମାନର ମୂଲ୍ୟ ୬୦୦ କୋଟି ଟଙ୍କା ବୋଲି କୁହାଯାଇଛି। ଏହାର ଘଣ୍ଟାପ୍ରତି ବେଗ ୨୨୦୫ କିମି। ଏହା ଶବ୍ଦର ଗତିଠାରୁ ଦୁଇଗୁଣା ବେଗରେ ଗତି କରିପାରିବ।

# ପାକ୍ ସେନା ଶିବିରରେ ଆକ୍ରମଣ; ୭ ସୈନ୍ୟ ମୃତ



ଇସଲାମାବାଦ୍, ୧୭ ।୧୦(ଏଜେନ୍ସି): ପାକିସ୍ତାନର ନର୍ଥ ୱାଜିରସ୍ଥାନର ମୀର ଅଲି ଅଞ୍ଚଳରେ ଏକ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୭ ପାକିସ୍ତାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ତେବେ ଏହି ଆକ୍ରମଣରେ ଆମର କୌଣସି ସୈନିକ ମୃତାହତ ହୋଇନାହାନ୍ତି ବୋଲି ଅଧିକାରୀମାନେ ଦାବି କରିଛନ୍ତି। ଆକ୍ରମଣ କରିଥିବା ୪ ଜଣ ଉଗ୍ରବାଦୀ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ଜଣେ ଉଗ୍ରବାଦୀ ବିସ୍ଫୋରକ ଭର୍ତ୍ତି ଥିବା ଏକ ଗାଡିକୁ ଆଣି ସେନା ଶିବିର ପାଚେରୀରେ ଧକ୍କା ଦେଇଥିଲା। ଏହାପରେ ଅନ୍ୟ ୩ଜଣ ଶିବିର ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏମାନେ ଜବାବୀ କର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଥିଲେ। ଉଗ୍ରବାଦୀଙ୍କୁ ସଫଳତାର ସହ ମୁକାବିଲା କରିଥିବାରୁ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକ୍‌ବୀ ସେନାକୁ ପ୍ରଶଂସା କରିଛନ୍ତି। ଗତକିଛି ଦିନ ହେବ ଉତ୍ତର ୱାଜରିସ୍ଥାନରେ ଉଗ୍ରବାଦୀଙ୍କ ଆକ୍ରମଣ ବୃଦ୍ଧି ପାଇଛି। ଫଳରେ ଏହି ଅଞ୍ଚଳରେ ଅଧିକ ସୁରକ୍ଷାବଳକୁ ନିୟୋଜିତ କରାଯାଇଛି। ଏହି ଆକ୍ରମଣ ପଛରେ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି)ର ହାତ ରହିଛି ବୋଲି କୁହାଯାଇଛି। ଗତ ୩ ମାସ ମଧ୍ୟରେ ପାକିସ୍ତାନରେ ଆତଙ୍କବାଦୀ ଅକ୍ରମଣରେ ଯଥେଷ୍ଟ ବୃଦ୍ଧି ପାଇଛି।

## ବିହାରରେ ସରିଲା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ

# ମହାମେଣ୍ଟରେ ହୋଇପାରିଲାନି ଆସନ ବୁଝାମଣା



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। କ୍ଷମତାସୀନ ମେଣ୍ଟ ଏନ୍‌ଡିଏ ଆସନ ବୁଝାମଣା କରି ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି କରୁଥିବାବାଳେ ବିରୋଧୀ ମେଣ୍ଟ ଇଣ୍ଡିଆରେ କେଁ ଲାଗି ରହିଛି। ଏ ପର୍ଯ୍ୟନ୍ତ ଏହି ମହାମେଣ୍ଟର ସହଯୋଗୀଙ୍କ ମଧ୍ୟରେ ଆସନ ଚୂଡ଼ାନ୍ତ ହୋଇପାରିନାହିଁ। ତେବେ ପ୍ରମୁଖ ଦଳ କଂଗ୍ରେସ ଏବଂ ଆରଜେଡି ପରସ୍ପରର ଆସନରେ ନିଜ ପ୍ରାର୍ଥୀଙ୍କୁ ଟିକେଟ ଦେବା ଆରମ୍ଭ କରିଦେଇଛନ୍ତି। ଏହା ମେଣ୍ଟରେ ନୂଆ ବିବାଦ ସୃଷ୍ଟି କରିଛି। ଦଳମାନଙ୍କ ମଧ୍ୟରେ ସବୁ କିଛି ଠିକ୍ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଦୀର୍ଘ ଦିନ ହେଲା ଏକାଠି ପ୍ରଚାର କରୁଥିବା ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଫାଇନାଲ ମ୍ୟାଚ୍ ପୂର୍ବରୁ ବି ଖେଳାଳି ଧାର୍ଯ୍ୟ କରିପାରିନାହାନ୍ତି। ଏହା ମହାମେଣ୍ଟ ପାଇଁ ଝଟ୍‌କା ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଏନ୍‌ଡିଏ ଆସନ ବଣ୍ଟନ ସାରି ପ୍ରଚାରପ୍ରସାର ଜୋରସୋରରେ ଲାଗିପଡ଼ିଛି। ଏହି କ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଆସନ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଏଠାରୁ ବାହାରିବା ପରେ ନୀତୀଶଙ୍କ ନେତୃତ୍ୱରେ ହିଁ ଦଳ ନିର୍ବାଚନ ଲଢିବ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀଙ୍କ ମହାମେଣ୍ଟରେ ଆସନ ବଣ୍ଟନକୁ ନେଇ ଏବେ ବି ଟଣାଓଟରା ଜାରି ରହିଛି। କିଏ କେଉଁ ଆସନରୁ ଲଢ଼ିବ ତାହାକୁ ନେଇ ଚାଲିଥିବା କଳି ତୁଟି ପାରୁନି। ଏହି ନିର୍ବାଚନ ପାଇଁ ଦୁଇ ଦଳ କିଛି ଆସନରେ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବୁଝାମଣା ନେଇ ଆଲୋଚନା ଜାରି ରହିଛି। ଶେଷ ସମୟରେ ଦୁଇ ଦଳ ନାମାଙ୍କନ ପ୍ରତ୍ୟାହାର କରି ଜଣେ ଅନ୍ୟ ଜଣଙ୍କୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି। ଏହି ବିବାଦ ଏନ୍‌ଡିଏକୁ ବଳ ଯୋଗାଉଛି। ମହାମେଣ୍ଟ ଅଡୁଆକୁ ନେଇ ଦଳୀୟ ନେତାଙ୍କ ସହିତ ଲୋକଙ୍କ ମଧ୍ୟରେ ସଂଶୟ ବଢ଼ିବାରେ ଲାଗିଛି। ଏହି ଆଲୋଚନାରେ ଜଡ଼ିତ କଂଗ୍ରେସ ନେତା କହ୍ନେୟା କୁମାର କହିଛନ୍ତି ଯେ ଦ୍ରୁତ ବେଗ ଅପେକ୍ଷା ସହଯୋଗ ଜରୁରୀ। ବୁଝାମଣା ପାଇଁ ସମୟ ଦରକାର। ଖୁବଶୀଘ୍ର ଆସନ ବଣ୍ଟନ ଘୋଷଣା କରାଯିବ। ସେହିପରି ପବନ ଖେଡ଼ା କହିଛନ୍ତି ଯେ ବୁଝାମଣା ନେଇ ଆଲୋଚନା ଜାରି ରହିଛି। ଚିହ୍ନ ବଣ୍ଟା ସରିଯାଇଛି। ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି। ଖୁବଶୀଘ୍ର ସ୍ଥିତି ସ୍ପଷ୍ଟ ହୋଇଯିବ ଏବଂ ବିଜୟୀ ହୋଇ ମହାମେଣ୍ଟ ହିଁ ସରକାର ଗଠନ କରିବ। ତେଣୁ ଆସନ ବଣ୍ଟନକୁ ନେଇ ବିଜେପି ଚିନ୍ତା କରିବାର ଆବଶ୍ୟକତା ନାହିଁ।

୨୦୨୦ ଅପେକ୍ଷା ଚଳିତ ଥର ମହାମେଣ୍ଟ ପରିବାର ବଡ଼ ହୋଇଯାଇଛି। ଏଥିରେ ସିପିଆଇ (ଏମଏଲ), ସିପିଆଇ, ସିପିଆଇ (ଏମ) ଏବଂ ମୁକେଶ ସାହାନୀଙ୍କ ଭିଆଇପି ସାମିଲ ହୋଇଛି। ଜେଏମଏମ ସହ ମଧ୍ୟ ଚର୍ଚ୍ଚା ଜାରି ରହିଛି। ଏତେ ଦଳ ସାମିଲ ହୋଇଥିବାରୁ କିଏ କେଉଁଠୁ ଆଉ କେତେ ଆସନରେ ଲଢିବ ତାହାର ନିଷ୍ପତ୍ତି ସହଜରେ ହୋଇପାରୁ ନାହିଁ। ଏହା ସହିତ ଆରଜେଡିର କ୍ଷମତା ବୃଦ୍ଧି କରିବାକୁ କଂଗ୍ରେସ ଚାହୁଁନାହିଁ। ଏହି ଦଳ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଇବାକୁ ଅନିଚ୍ଛା ପ୍ରକାଶ କରିସାରିଛି। ଏହାରି ମଧ୍ୟରେ କଂଗ୍ରେସ ଧୈର୍ଯ୍ୟ ଏବଂ ମନୋବଳ ପ୍ରଦର୍ଶନ କରି ୪୮ ଆସନରେ ପ୍ରାର୍ଥୀ ଦେଇଛି। ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କୁ କୁଟୁମ୍ବା, ସିଏଲବି ନେତା ସକିଲ ଅହମ୍ମଦ ଖାନଙ୍କୁ କଡୱା ଏବଂ ଯୁବ କଂଗ୍ରେସ ମୁଖ୍ୟ ଗରିବ ଦାସଙ୍କୁ ବଛୱାରାରୁ ପ୍ରାର୍ଥୀ କରାଯାଇଛି। ତେବେ ସିପିଆଇର ଅବଧେଶ ରାୟ ବଛୱାରାରୁ ବି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହା ମହାମେଣ୍ଟର ଏକତା ପାଇଁ କଣ୍ଟା ସାବ୍ୟସ୍ତ ହୋଇଛି। କିନ୍ତୁ ଆସନ ଚୂଡ଼ାନ୍ତ ହୋଇଗଲା ପରେ ଅନ୍ୟ ଦଳର ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରନ୍ତି। ସୂଚନା ଅନୁଯାୟୀ ଆରଜେଡି କଂଗ୍ରେସକୁ ୬୧ ଆସନ ଦେବା ପାଇଁ ରାଜି ହୋଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ଶେଷ ହେବ। ତେଣୁ ଏହା ପୂର୍ବରୁ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରେ।

## ପୂର୍ବତନ ଆମେରିକା ଏନ୍‌ଏସ୍‌ଏଙ୍କ ବିରୋଧରେ ୧୮ ମାମଲା

ୱାଶିଂଟନ୍, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଭାବେ କାର୍ଯ୍ୟ କରିଥିବା ଜନ୍ ରବର୍ଟ ବୋଲ୍ଟନଙ୍କ ବିରୋଧରେ ଗୋପନୀୟ ସୂଚନାର ଅନୈତିକ ବ୍ୟବହାର ଓ ଏହାକୁ ଲିକ୍ କରିବା ପାଇଁ ମାମଲା ରୁଜୁ ହୋଇଛି। ତାଙ୍କ ବିରୋଧରେ ୧୮ଟି ଅଭିଯୋଗ କରାଯାଇଛି। ବୋଲ୍ଟନ ଟ୍ରମ୍ପ ପ୍ରଶାସନ ପାଇଁ କାର୍ଯ୍ୟ କରୁଥିବା ବେଳେ ନିଜ ଗତିବିଧିର ନୋଟ୍ସ ଓ ଡାଏରୀ ଏଣ୍ଟ୍ରିଜ୍ ଆମେରିକା ଅନ୍‌ଲାଇନ୍ (ଏଓଏଲ୍)ରେ ସେଭ୍ କରିଥିଲେ। ଏଥିରେ ଜାତୀୟ ସୁରକ୍ଷା ସହ ଜଡିତ ସମ୍ବେଦନଶୀଳ ତଥ୍ୟ ସାମିଲ ରହିଥିଲା। ଏହାକୁ ସେ ନିଜକୁ ଓ ନିଜର ପରିବାର ସଦସ୍ୟଙ୍କୁ ପଠାଇ ଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ବୋଲ୍ଟନଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇପାରେ।

## ଘରୁ ମିଳିଲା ୭.୫ କୋଟି; ଜେଲ୍ ଗଲେ ଡିଆଇଜି

ଚଣ୍ଡିଗଡ଼, ୧୭ ।୧୦(ଏଜେନ୍ସି): ପଞ୍ଜାବ ପୁଲିସ ଡିଆଇଜି ହରଚରଣ ସିଂ ଭୁଲ୍ଲରଙ୍କ ଘରୁ ଆହୁରି ଅଧିକ ଟଙ୍କା ଓ ସୁନା ଜବତ କରାଯାଇଛି। ଚଣ୍ଡିଗଡ଼ସ୍ଥିତ ତାଙ୍କ ବାସଭବନ ଓ ଫାର୍ମ ହାଉସ୍‌ରୁ ୭.୫ କୋଟି ଟଙ୍କା ଏବଂ ଅଢ଼େଇ କେଜି ସୁନା ସହିତ ୨୬ଟି ବିଳାସପୂର୍ଣ୍ଣ ଗାଡ଼ି,ବନ୍ଧୁକ, ବ୍ୟାଙ୍କ ଆକାଉଣ୍ଟର ଡିଟେଲ ଓ ୬୪ରୁ ଊର୍ଦ୍ଧ୍ୱ ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ସେହିପରି ଲୁଧିଆନାସ୍ଥିତ ତାଙ୍କ ଫାର୍ମହାଉସ୍‌ରେ ୧୦୮ ବୋତଲ ମଦ ସହିତ ୧୭ରୁ ଅଧିକ ଗୁଳି ଓ ଜଣେ ଦଲାଲଙ୍କ ଘରୁ ନଗଦ ୨୧ ଲକ୍ଷ ଟଙ୍କା ଓ କିଛି କାଗଜ ମଧ୍ୟ ଜବତ କରାଯାଇଛି। ସିବିଆଇ କୋର୍ଟ ହରଚରଣ ସିଂଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛନ୍ତି। ଅନ୍ୟଏକ ଘଟଣାକ୍ରମରେ ଡିଆଇଜଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କୁ ଜେଲ ପଠାଇଥିବା ସ୍କ୍ରାପ୍ ବ୍ୟବସାୟୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ପଞ୍ଜାବ ସରକାର ଓ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ସର୍ଭେକୁ ଭୁଲ୍ ବୁଝିଛନ୍ତି ମୂର୍ତ୍ତି ଦମ୍ପତି: ସିଦ୍ଧରମୈୟା

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଓ ତାଙ୍କ ପତ୍ନୀ ସୁଧା ମୂର୍ତ୍ତି ରାଜ୍ୟରେ ଚାଲିଥିବା ସର୍ଭେରେ ସାମିଲ ହେବାକୁ ମନା କରିବା ପରେ ପ୍ରତିକ୍ରିୟା ଦେଇଛନ୍ତି। ସର୍ଭେକୁ ନେଇ ମୂର୍ତ୍ତି ଦମ୍ପତି ଭୁଲ ବୁଝିଛନ୍ତି ବୋଲି ସେ ଶୁକ୍ରବାର କହିଛନ୍ତି। ରାଜ୍ୟର ୭ କୋଟି ଜନତା ପାଇଁ ଏହି ସର୍ଭେ କରାଯାଉଛି ବୋଲି ୨୦ଥର କହିସାରିଛି। ତଥାପି ଯଦି କେହି ବୁଝି ନ ପାରୁଛନ୍ତି, ତାହେଲେ କିଛି କରିପାରିବିନି। କେବଳ ପଛୁଆ ବର୍ଗ ପାଇଁ ଏହି ସର୍ଭେ କରାଯାଉ ନାହିଁ। ଏହା ସମାଜର ସବୁ ବର୍ଗଙ୍କ ପାଇଁ ଉଦିଷ୍ଟ। ଏହା ଏକ ସାମାଜିକ- ଆର୍ଥିକ ଓ ଶୈକ୍ଷଣିକ ସର୍ଭେ। ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ଲୋକ ଏହାକୁ ଭୁଲ୍ ବୁଝୁଛନ୍ତି। ତେଣୁ ମୂର୍ତ୍ତି ଦମ୍ପତି ଏହାକୁ ଭଲ ଭାବେ ହୃଦୟଙ୍ଗମ କରିବା ଉଚିତ।

## ଜୁବିନଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ରାହୁଲ

ଗୌହାଟୀ, ୧୭ ।୧୦(ଏଜେନ୍ସି): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଆସାମ ପହଞ୍ଚି ବଲିଉଡ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ମଧ୍ୟ ଜୁବିନଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଜୁବିନଙ୍କ ମୃତ୍ୟୁରହସ୍ୟ ଉନ୍ମୋଚନ ନେଇ ସେ ସରକାରଙ୍କୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି। ସିଙ୍ଗାପୁରରେ ପ୍ରକୃତରେ କ'ଣ ଘଟିଥିଲା ସେ ନେଇ ଜୁବିନଙ୍କ ପରିବାର ଲୋକଙ୍କୁ ଜାଣିବାର ଅଧିକାର ରହିଛି। ଯେତେଶୀଘ୍ର ତଦନ୍ତ ସରିବ, ଜୁବିନଙ୍କ ପରିବାର ସେତେଶୀଘ୍ର ଆଶ୍ୱସ୍ତ ହେବ ବୋଲି ସେ କହିଥିଲେ।

## ଗୁଜରାଟରେ ବଦଳିଲା ସମ୍ପୂର୍ଣ୍ଣ କ୍ୟାବିନେଟ

# ରିଭାଭାଙ୍କ ସମେତ ଶପଥନେଲେ ୨୬ ମନ୍ତ୍ରୀ

ଗାନ୍ଧୀନଗର, ୧୭।୧୦ (ଏଜେନ୍ସି): ଗୁଜରାଟରେ ମାତ୍ର ତିନି ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ଛାଡ଼ି ସମ୍ପୂର୍ଣ୍ଣ ସରକାର ବଦଳି ଯାଇଛି। ଗୁରୁବାର ୧୬ ମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ଶୁକ୍ରବାର ୨୬ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। କ୍ୟାବିନେଟରେ ୧୯ ନୂଆ ଚେହେରା ସାମିଲ ହୋଇଛନ୍ତି। ଗତ ଥରର ୬ମନ୍ତ୍ରୀ ନିଜ ପଦ ବଜାୟ କରିବାରେ ସଫଳ ହୋଇଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଅଭିଯୋଗ ଏବଂ ଆଇନଗତ ମାମଲା ବିନା ଉକ୍ତ ମନ୍ତ୍ରୀମାନଙ୍କୁ ପଦରୁ ହଟାଇ ଦିଆଗଲା। କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାଭାଙ୍କୁ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି। ଏହି ମନ୍ତ୍ରିମଣ୍ଡଳରେ ୮ ଓବିସି, ୩ ଏସ୍‌ସି, ୪ ଏସ୍‌ଟି ଏବଂ ୩ ମହିଳା ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ପଟେଲ ସମାଜରୁ ଆସୁଛନ୍ତି। ଜାତିଗତ ସମୀକରଣ ପାଇଁ ଏପରି କରାଯାଇଥିବା କୁହାଯାଉଛି।

## ହର୍ଷ ସାଙ୍ଘଭୀ ଉପ-ମୁଖ୍ୟମନ୍ତ୍ରୀ



ଗୁଜରାଟର ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବା ପରେ ହର୍ଷ ସାଙ୍ଘଭୀଙ୍କୁ ନେଇ ସବୁଆଡେ ଚର୍ଚ୍ଚା ହୋଇଛି। ହର୍ଷଙ୍କୁ ପଦୋନ୍ନତି ଦେଇ ଉପ-ମୁଖ୍ୟମନ୍ତ୍ରୀ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହର୍ଷଙ୍କୁ ତାଙ୍କ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ଭବିଷ୍ୟତର ଅମିତ ଶାହା ବୋଲି ବିବେଚନା କରାଯାଉଛି। ସୁରଟରେ ଜନ୍ମିତ ହର୍ଷ ମାତ୍ର ୪୦ ବର୍ଷ ବୟସରେ ଗୁଜରାଟ ରାଜନୀତିରେ ଧମାକା କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପୂର୍ବରୁ ସେ ଗୃହ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରି ଚର୍ଚ୍ଚିତ ହୋଇଥିଲେ। ନିଜ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ସେ କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରଭାବିତ କରିବା ସହ ବିଶ୍ୱାସଭାଜନ ହୋଇପାରିଥିଲେ। ବ୍ୟବସାୟରେ ସଫଳତା ହାସଲ କରିଥିବା ହର୍ଷ ଖୁବ୍ କମ୍ ସମୟ ମଧ୍ୟରେ ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଯଦି ୨୦୨୭ରେ ବିଜେପି ପୁଣି କ୍ଷମତାକୁ ଆସେ ତେବେ ହର୍ଷଙ୍କୁ ନେତୃତ୍ୱ ପ୍ରଦାନ କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଜୈନ ସମ୍ପ୍ରଦାୟରେ ଜନ୍ମିତ ହର୍ଷ ମାଜୁରା ସିଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରମନ୍ତ୍ରୀ ଭାବେ ସେ ଗୃହ ବିଭାଗ ସମେତ ଉଦ୍ୟୋଗ, ପରିବହନ ଓ କ୍ରୀଡ଼ା ମନ୍ତ୍ରଣାଳୟର ଦାୟିତ୍ୱରେ ରହିଥିଲେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଠିକଣା ଉପରେ କିଛିଦିନ ତଳେ ଜୋରଦାର ବୁଲଡୋଜର ଚଳାଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସର୍ବକନିଷ୍ଠ ଗୃହମନ୍ତ୍ରୀ ଭାବେ ସେ ନିଜର ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରିଥିଲେ।

# ନିଜ ନାମରେ ବିଶାଳ ଦ୍ୱାର ନିର୍ମାଣ କରିବେ ଟ୍ରମ୍ପ

ୱାଶିଂଟନ, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ୧୫୦ତମ ସ୍ୱାଧୀନତା ଦିବସ ଅବସରରେ ରାଜଧାନୀ ୱାଶିଂଟନ ଡିସିରେ ନିଜ ନାମରେ ଏକ ବିଶାଳ ଦ୍ୱାର ତଥା ଗେଟ୍ ନିର୍ମାଣ କରିବେ। ଏହି ସ୍ମାରକର ନାମ 'ଆର୍କ ଡି ଟ୍ରମ୍ପ' ରଖାଯିବ। ଏହି ଦ୍ୱାରା ଦେଇ ୱାଶିଂଟନକୁ ଲୋକେ ପ୍ରବେଶ କରିବେ। ଖାସ୍ କରି ଭିର୍ଜିନିଆ ରାଜ୍ୟରୁ ୱାଶିଂଟନ ଡିସିକୁ ଏହି ପ୍ରବେଶ ଦ୍ୱାରା ଦେଇ ଲୋକେ ଆସିବେ। ଏହାର ଡିଜାଇନ୍ ପ୍ୟାରିସର 'ଆର୍କ ଡି ଟ୍ରାଇଓମ୍ପେ' ସହ ମେଳ ଖାଉଛି। ବୁଧବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏହାର ୩ଟି ଭିନ୍ନ ଭିନ୍ନ ଆକାରର ମଡେଲ ଦେଖାଇଥିଲେ। ଟ୍ରମ୍ପ ହିଁ ଏହାର ଯୋଜନା ପ୍ରସ୍ତୁତ କରିଥିଲେ ବୋଲି କୁହାଯାଇଛି। ଏହି ଦ୍ୱାର ହ୍ୱାଇଟ୍ ହାଉସ୍‌ଠାରୁ ମାତ୍ର ୪ କିମି ଦୂରରେ ନିର୍ମାଣ କରାଯିବ। ଟ୍ରମ୍ପଙ୍କ ଯୋଜନା ଅନୁସାରେ ଏହି ଗେଟ୍ ପୋଟୋମେକ ନଦୀର ଆରପାରିରେ ଲିଙ୍କନ ମେମୋରିଆଲର ସାମ୍ନାରେ ନିର୍ମାଣ ହେବ। ଏହି ନଦୀର ସେପଟେ ଭିର୍ଜିନିଆର ରାଜ୍ୟର ସୀମା ଆରମ୍ଭ ହୋଇଛି। ଏହାର ନିର୍ମାଣରେ କେତେ ଅର୍ଥ ଖର୍ଚ୍ଚ ହେବ ସେ ନେଇ କିଛି କୁହାଯାଇନାହିଁ। ସାଧରଣତଃ ନୂଆ ସ୍ମାରକ ନିର୍ମାଣ ପାଇଁ କଂଗ୍ରେସର ଅନୁମତି ଜରୁରି ହୋଇଥାଏ ଓ କେତୋଟି ପର୍ଯ୍ୟାୟରେ ପରେ ହିଁ ଏହାର ଅନୁମତି ପ୍ରାପ୍ତ ହୋଇଥାଏ। ଏହାକୁ ନିର୍ମାଣ କରିବାରେ କିଛି ବର୍ଷ ଲାଗି ପାରେ। ଏଥିପାଇଁ ଆସନ୍ତାବର୍ଷ ଆମେରିକାର ୨୫୦ତମ ସ୍ୱାଧୀନତା ପାଳନ ଅବସରରେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା କଷ୍ଟକର। ହ୍ୱାଇଟ୍ ହାଉସ୍‌ରେ ମଧ୍ୟ କିଛି ପରିବର୍ତ୍ତନ କରିବାକୁ ଟ୍ରମ୍ପ ଯୋଜନା କରୁଛନ୍ତି ବୋଲି କୁହାଯାଇଛି।

## ଟ୍ରମ୍ପଙ୍କୁ ଡରନ୍ତିନି ମୋଦୀ: ଆମେରିକା ଗାୟିକା



ଜଣାଶୁଣା ଆମେରିକା ଗାୟିକା ମେରୀ ମିଲ୍‌ବେନ୍ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୋଦୀ ଭୟ କରୁଛନ୍ତି ବୋଲି ରାହୁଲ ମନ୍ତବ୍ୟ ଦେଇଥିଲେ। ରାହୁଲଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରି ମେରୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି। 'ରାହୁଲ ଗାନ୍ଧୀ ଆପଣ ଭୁଲ୍ କହୁଛନ୍ତି, ମୋଦୀ ଟ୍ରମ୍ପଙ୍କୁ ଡରନ୍ତି ନାହିଁ। ସେ ଭାରତର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି। ଟ୍ରମ୍ପ ଯେପରି ଆମେରିକାର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି, ଠିକ୍ ସେହିପରି ଆମେରିକା ସହ ଦୀର୍ଘ ସମୟର ରଣନୀତିକୁ ଦୃଷ୍ଟିରେ ରଖି ମୋଦୀ କାର୍ଯ୍ୟ କରିଥାନ୍ତି। ମୋଦୀଙ୍କ ନେତୃତ୍ୱକୁ ଆପଣ ବୁଝିବାକୁ ସକ୍ଷମ ହେବେ ବୋଲି ଆଶା କରୁଛି। ସବୁଠୁ ଭଲ ହେବ, ଆପଣ ନିଜର 'ଆଇ ହେଟ୍ ଇଣ୍ଡିଆ' ଗସ୍ତକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ଯାହାର ଏକମାତ୍ର ଦର୍ଶକ ହିଁ ଆପଣ' ବୋଲି ସେ ଉଲ୍ଲେଖ କରିଛନ୍ତି।

## 'ଡିଜିଟାଲ ଆରେଷ୍ଟ' ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଦେଶରେ ଅନ୍‌ଲାଇନ ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଭଳି ଘଟଣା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହାକୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହି ମାମଲାରେ ନିଜେ ହସ୍ତକ୍ଷେପ କରି କେନ୍ଦ୍ର ସରକାର ଏବଂ ସିବିଆଇକୁ ଜବାବ ମାଗିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା କୌଣସି ସାଧାରଣ ଅପରାଧ ନୁହେଁ। କୋର୍ଟଙ୍କ ନାମ, ମୋହର ଏବଂ ନିର୍ଦ୍ଦେଶର ନକଲକୁ ଜାଲିଆତି କରିବା ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ। ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର, ନିର୍ଦ୍ଦେଶ ଦେଖାଇ ନିର୍ଦ୍ଦୋଷ ଲୋକଙ୍କୁ, ବିଶେଷକରି ବୃଦ୍ଧଙ୍କୁ ଫସାଇବା ଗମ୍ଭୀର ଅପରାଧ। ଏହା ଆଇନ ବିରୋଧୀ କାମ। ଏହା ଦ୍ୱାରା କୋର୍ଟ ଉପରେ ଲୋକଙ୍କ ଭରସା ହ୍ରାସ ପାଉଛି। ହରିୟାଣାର ଏକ ଠକେଇ ମାମଲାର ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ସୂଚନା ଅନୁଯାୟୀ ହରିୟାଣା ଅମ୍ବାଲାରେ ଜଣେ ୭୩ ବର୍ଷୀୟ ବୃଦ୍ଧ ଦମ୍ପତିଙ୍କଠାରୁ ଠକ ୧.୦୫ କୋଟି ଟଙ୍କା ଲୁଟି ନେଇଥିଲେ। ସୁପ୍ରିମକୋର୍ଟ ଏବଂ ଯାଞ୍ଚ ଏଜେନ୍ସିଙ୍କ ନକଲି ନିର୍ଦ୍ଦେଶ, ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର ଦେଖାଇ ଉଭୟଙ୍କୁ ଗିରଫ କରିଥିଲେ। ଏହି ମାମଲାକୁ ନେଇ ଗତ ୨୧ ତାରିଖରେ ମହିଳା ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ଚିଠି ଲେଖି ସମ୍ପୂର୍ଣ୍ଣ ପ୍ରସଙ୍ଗ କହିଥିଲେ। ପରେ ସୁପ୍ରିମକୋର୍ଟ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଦିଲ୍ଲୀ ପୁଲିସର ତଥ୍ୟ ଅନୁଯାୟୀ ୨୦୨୫ରେ ସାଇବର ଅପରାଧୀମାନେ ଲୋକଙ୍କଠାରୁ ପ୍ରାୟ ହଜାରେ କୋଟି ଟଙ୍କା ଠକି ନେଲେଣି। ଚଳିତ ବର୍ଷ ନିବେଶ ଜାଲିଆତି, ଡିଜିଟାଲ ଆରେଷ୍ଟ ଏବଂ ବସ୍ ସ୍କାମ ଠକେଇର ସର୍ବାଧିକ ମାମଲା ସାମ୍‌ନାକୁ ଆସିଛି।

ଅନ୍ୟପକ୍ଷରେ ଅନ୍‌ଲାଇନ ଜୁଆ ଏବଂ ବେଟିଂ ପ୍ଲାଟଫର୍ମ ଉପରେ କଟକଣା ଲଗାଇବା ପାଇଁ ଦାଏର ଆବେଦନ ଉପରେ ସୁପ୍ରମକୋର୍ଟ ଶୁଣାଣି କରିଛନ୍ତ। ଏ ନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆବଦେନର ନକଲ ସରକାରୀ ଓକିଲଙ୍କୁ ଦେବା ପାଇଁ ଖଣ୍ଡପୀଠ କହିଥିଲେ। ଏହି ମାମଲାର ଅନୁଧ୍ୟାନ କରି ଶୁଣାଣିରେ ସହାୟତା କରିବାକୁ କୋର୍ଟ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କରୁର ଦଳାଚକଟାକୁ ନେଇ ହାଇକୋର୍ଟଙ୍କୁ ଜଣାଇଲେ ଇସି

# ବିଜୟଙ୍କ ଦଳକୁ ମାନ୍ୟତା ମିଳିନି



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ତମିଲଗା ଭେଟ୍ରି କଝଗମ (ଟିଭିକେ) ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳ ନୁହେଁ। ଏକ ଆଞ୍ଚଳିକ ଦଳର ମାନ୍ୟତା ପାଇବା ପାଇଁ ଜରୁରୀ ସର୍ତ୍ତକୁ ଏହି ଦଳ ପୂରଣ କରୁନାହିଁ। ଆଞ୍ଚଳିକ ମାନ୍ୟତା ପାଇବା ପାଇଁ କୌଣସି ଦଳକୁ ଅତିକମରେ ୬ ପ୍ରତିଶତ ବୈଧ ଭୋଟ ଏବଂ ୨ଟି ବିଧାନସଭା ସିଟ୍ କିମ୍ବା ଲୋକସଭାର ଗୋଟିଏ ଆସିନ ଜିତିବା ଜରୁରୀ। ମାଡ୍ରାସ ହାଇକୋର୍ଟରେ କରୁର ଦଳାଚକଟା ମାମଲାରେ ଶୁଣାଣି ଚାଲିଥିବାବେଳେ ଶୁକ୍ରବାର ଭାରତୀୟ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଟିଭିକେକୁ ରଦ୍ଦ କିମ୍ବା ଅଣ-ମାନ୍ୟତା ପ୍ରାପ୍ତ ଦଳ ଘୋଷଣା ଏବଂ କରୁର ରାଲି ପାଇଁ ବିଜୟଙ୍କ ବିରୋଧୀ ଏତଲାରେ ଅତିରିକ୍ତ ଧାରା ଯୋଡିବା ପାଇଁ ହୋଇଥିବା ଆବେଦନ ଉପରେ ଆଜି ମୁଖ୍ୟ ବିଚାରପତି ମନିନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ଶୁଣାଣି କରିଥିଲେ। ହାଇକୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଯାଇ ଏତଲାରେ ପରିବର୍ତ୍ତନ କରିହେବ। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଜୟଙ୍କ ରାଲି ଆୟୋଜନ କରାଯାଇଥିଲା। ଅବହେଳା ଏବଂ ନିୟମ ଉଲ୍ଲଙ୍ଘନ ଯୋଗୁଁ ଏହି ଅଘଟଣ ହୋଇଥିଲା। ଏଥିରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଆବେଦନରେ ଟିଭିକେର ରାଜନୈତିକ ରାଲି ଆୟୋଜନ ଉପରେ କଟକଣା ଏବଂ ପୀଡ଼ିତ ପରିବାରଙ୍କୁ କୋଟିଏ ଟଙ୍କା ଲେଖାଏଁ ଦେବା ପାଇଁ ବିଜୟଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା। ବିଜୟ ଏବଂ ଟିଭିକେ ମୁଖ୍ୟଙ୍କୁ ଅଭିଯୁକ୍ତ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଥିଲା। ପୁଲିସ ଜାଣିଶୁଣି ଅଭିନେତାଙ୍କୁ ସୁରକ୍ଷା ଦେଉଥିବା କୁହାଯାଇଥିଲା। ଏହା ଉପରେ ବିଚାର କରି ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ଏହି ଅଘଟଣକୁ ନେଇ ଆଗତ ଅନ୍ୟ ମାମଲା ସହ ପିଆଇଏଲର ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ।

## ପେରୁରେ ଜେନ୍- ଜେଡ୍ ପ୍ରଦର୍ଶନ; ଜଣେ ମୃତ

ଲିମା, ୧୭ ।୧୦(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ପେରୁରେ ଦୁର୍ନୀତି ବିରୋଧରେ ଜେନ୍- ଜେଡ୍ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିରେ ଗୁରୁବାର ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୮୦ ପୁଲିସକର୍ମୀ, ୧୦ ସାମ୍ବାଦିକ ସାମିଲ ଅଛନ୍ତି। ହଜାର ହଜାର ଯୁବକ ଆନ୍ଦୋଳନ କରି ନୂଆ ରାଷ୍ଟ୍ରପତି ଜୋଶ ଜେରୀଙ୍କ ଇସ୍ତଫା ଦାବି କରିଥିଲେ। କିନ୍ତୁ ଜେରୀ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ଗତ ଅକ୍ଟୋବର ୧୦ରେ ଜୋରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସଂସଦ ପୂର୍ବତନ ରାଷ୍ଟ୍ରପତି ଡିନା ବୋଲୁଆର୍ତେଙ୍କୁ ପଦରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା। ଗତ ୫ ବର୍ଷ ମଧ୍ୟରେ ଜେରୀ ଷଷ୍ଠ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଛନ୍ତି।

ସକାଳ THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୪ ● ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୧୭ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୧,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୦୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୫୨.୦୦
- ନିଫ୍ଟି ୨୫,୭୦୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଆଜି ଧନ୍‌ତେରାସ୍**

# ୨୫ ଟନ୍ ସୁନା, ୧୦୦୦ ଟନ୍ ରୁପା ବିକ୍ରି ଆଶା

# ହେବ ୫୦ ହଜାର କୋଟିର କାରବାର

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦେଶବ୍ୟାପୀ ବଜାରରେ ଦୀପାବଳି ପ୍ରବଳ ଉତ୍ସାହର ସହିତ ପାଳନ କରାଯାଉଛି। ଏଥିପାଇଁ ଗ୍ରାହକମାନେ ବଜାରରେ ଭିଡ଼ ଜମାଇଛନ୍ତି। ଶନିବାର ସାରା ଦେଶରେ ପାଳନ ହେଉଛି ଧନ୍‌ତେରାସ୍। ଧନତେରାସ୍‌କୁ ଲୋକେ ଶୁଭ ବିବେଚନା କରି ସୁନା, ରୂପା, ବାସନକୁସନ ଏବଂ ଘରକରଣା ସାମଗ୍ରୀ କିଣିଥାନ୍ତି। ତେଣୁ କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଏବଂ ଏହାର ଅଳଙ୍କାର ଶାଖା, ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ସ ଫେଡେରେସନ (ଏଆଇଜେଜିଏଫ୍) ଚଳିତଥର ଧନତେରସରେ ୫୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ଏବଂ ରୂପା କାରବାର ଆକଳନ କରିଛି। ଏଭଳି ସମୟରେ ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ଟପି ପୁଣିଥରେ ସର୍ବକାଳୀନ ରେକର୍ଡ ସ୍ତର ଅତିକ୍ରମ କରିଛି।

ଦୀପାବଳି ଓ ଧନ୍‌ତେରାସ ପୂର୍ବରୁ ଦେଶବ୍ୟାପୀ ସୁନା ବଜାରକୁ ନେଇ କ୍ୟାଟ୍ ଏବଂ ଏଆଇଜେଜିଏଫ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଚଳିତବର୍ଷ ସୁନା ଏବଂ ରୁପା ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ ଏବଂ ଚାନ୍ଦନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏବଂ ଏଆଇଜେଜିଏଫ୍‌ର ଜାତୀୟ ସଭାପତି ପଙ୍କଜ ଆରୋରା କହିଛନ୍ତି ଯେ ସୁନା ଏବଂ ରୂପାର ରେକର୍ଡ ଉଚ୍ଚ ମୂଲ୍ୟ ଯୋଗୁଁ ମଧ୍ୟମ ଏବଂ ଉଚ୍ଚବର୍ଗର ଗ୍ରାହକମାନେ ନିବେଶ ଲକ୍ଷ୍ୟରେ ସ୍ୱର୍ଣ୍ଣ ମୁଦ୍ରାକୁ ଅଧିକ ପ୍ରାଥମିକତା ଦେଉଛନ୍ତି। ବିବାହ ଋତୁରେ କ୍ରେତାମାନେ ମଧ୍ୟ ଭାରୀ ଅଳଙ୍କାର ଅପେକ୍ଷା ହାଲୁକା ଅଳଙ୍କାରକୁ ଗୁରୁତ୍ୱ ଦେଉଛନ୍ତି।

### ଚାହିଦାରେ ରହିବ ସୁନା କଏନ୍

ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଦୀପାବଳି ସମୟରେ ସୁନା ମୂଲ୍ୟ ପ୍ରାୟ ୧୦ ଗ୍ରାମ ପିଛା ୮୦,୦୦୦ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ୧,୩୦,୦୦୦ ଟଙ୍କା ଉପରେ ପହଞ୍ଚିଛି, ଯାହା ଏହି ଧାତୁର ମୂଲ୍ୟରେ ୬୦% ବୃଦ୍ଧିକୁ ଦର୍ଶାଉଛି।କରୁଛି। ସେହିପରି, ୨୦୨୪ ରେ ରୂପା ମୂଲ୍ୟ ପ୍ରତି କିଲୋଗ୍ରାମ ୯୮,୦୦୦ ଟଙ୍କା ଥିଲା ଏବଂ ବର୍ତ୍ତମାନ ଏହା କିଲୋ ପିଛା ୨.୦୬ ଲକ୍ଷ ଟଙ୍କା ଅତିକ୍ରମ କରିଛି, ଯାହା ଏହି ଧାତୁ ମୂଲ୍ୟରେ ପ୍ରାୟ ୭୦% ବୃଦ୍ଧିକୁ ଦର୍ଶାଉଛି। ଖଣ୍ଡେଲୱାଲଙ୍କ ମତରେ, ଧନତେରାସରୁ ଦୀପାବଳି ପର୍ଯ୍ୟନ୍ତ ପର୍ବ ଋତୁରେ ସୁନା ଏବଂ ମୁଦ୍ରାର ଚାହିଦା ସବୁଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି। ଆରୋରାଙ୍କ ମତରେ ସାରା ଦେଶରେ ପ୍ରାୟ ୫ ଲକ୍ଷ ଛୋଟ ଏବଂ ବଡ଼ ଅଳଙ୍କାର ବ୍ୟବସାୟୀ କାର୍ଯ୍ୟ କରୁଛନ୍ତି। ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୫୦ ଗ୍ରାମ ସୁନା ବିକ୍ରି କରନ୍ତି, ତେବେ ମୋଟ ପ୍ରାୟ ୨୫ ଟନ୍ ସୁନା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ୩୨,୫୦୦ କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ସେହିପରି, ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୨ କିଲୋଗ୍ରାମ ରୂପା ବିକ୍ରି କରନ୍ତି, ତେବେ ପ୍ରାୟ ୧୦୦୦ ଟନ୍ ରୂପା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ପ୍ରାୟ ୧୮,୦୦୦ କୋଟି ଟଙ୍କା ମୂଲ୍ୟର ହେବ ବୋଲି ଆକଳନ କରାଯାଇଛି। ତେଣୁ, ଦେଶବ୍ୟାପୀ ସୁନା ବଜାରରେ ମୋଟ ବ୍ୟବସାୟ ୫୦,୦୦୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।



ଖଣ୍ଡେଲୱାଲ ଏବଂ ଆରୋରା ବ୍ୟାଖ୍ୟା କରିଛନ୍ତି ଯେ, ପରିବର୍ତ୍ତିତ ବଜାର ଧାରା ଦେଖି, ଅଳଙ୍କାର ବ୍ୟବସାୟୀମାନେ ଏବେ ପରିବର୍ତ୍ତିତ ଗ୍ରାହକ ଚାହିଦା ସହିତ ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଫ୍ୟାନ୍ସି ଅଳଙ୍କାର ଏବଂ ରୂପା ମୁଦ୍ରା ଭଳି ନୂତନ ବିକଳ୍ପ ଉପରେ ଧ୍ୟାନ ଦେଉଛନ୍ତି। ଗ୍ରାହକମାନେ ସୁନା ଏବଂ ରୁପା ଅଳଙ୍କାର ଅପେକ୍ଷା କଏନ୍ ବେଶୀ ପସନ୍ଦ କରିପାରନ୍ତି।

## ପୁଣି ସୁନା ଦରରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର,୧୭।୧୦(ସମିସ):** ଦୀପାବଳି ଓ ଧନ୍‌ତେରାସ୍ ପୂର୍ବରୁ ଘରୋଇ ବଜାରରେ ହୁ ହୁ ହୋଇ ବଢୁଛି ସୁନା ଦର। ଫଳରେ ଏହି ହଳଦିଆ ଧାତୁର ମୂଲ୍ୟ ଆଜି ସର୍ବକାଳୀନ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରି ନୂଆ ରେକର୍ଡ କରିଛି। ଆଜି ଗୋଟିଏ ଦିନରେ ୩ ହଜାର ଟଙ୍କା ଯାଏ ବଢ଼ିଛି ସୁନା ଦର। ଆଜି ଗୋଟିଏ ରେଟ୍ ତ କାଲି ଆଉ ଗୋଟିଏ ରେଟ୍। ସୁନା ଦର ଏମିତି ହୁ ହୁ ହୋଇ ବଢୁଥିବା ଦେଖି ସୁନା ଗହଣା ଶୋ ରୁମ୍ ରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ବଡ କଥା ହେଉଛି ଖାଲି ଧନତେରାସ ନୁହେଁ ଭବିଷ୍ୟତ କୁ ନଜର ରେ ରଖି ଗ୍ରାହକ ମାନେ ଏବେଠୁ ସୁନା କିଣି ମହଜୁଦ ରଖିବାକୁ ଚାହୁଁଛନ୍ତି। ଆଗକୁ ସୁନା ଦର ଦେଢ଼ ଲକ୍ଷ ଟଙ୍କା ଛୁଇଁପାରେ ବୋଲି ଅନୁମାନ କରାଯାଉଛି।

ସେପଟେ ଆଜି ଗୋଟିଏ ଦିନରେ ରାଜଧାନୀ ଭୁବନେଶ୍ୱରରେ ସୁନା ମୂଲ୍ୟ ୩ ହଜାର ଟଙ୍କା ବୃଦ୍ଧି ଘଟିଛି। ମାତ୍ର ସପ୍ତାହକ ଭିତରେ ସୁନା ୧୦ ହଜାର ଟଙ୍କା ମହଙ୍ଗା ହୋଇସାରିଛି। ସୁନା ଦର ଏତେ ମାତ୍ରାରେ ବଢୁଛି ଯେ ଲୋକେ ଅଗ୍ରୀମ ବୁକିଂ କରିବାରେ ଲାଗିଛନ୍ତି। ଯଦି ବୁକ୍ କରିଥିବା ମୂଲ୍ୟଠାରୁ ସୁନା ଦର

### ୧୦ ଗ୍ରାମ ୧.୩୨ ଲକ୍ଷ ଟପିଲା

### ଦିନକରେ ୩ ହଜାର ମହଙ୍ଗା

କମିଗଲା ଗ୍ରାହକ କମିଥିବା ମୂଲ୍ୟରେ ସୁନା କିଣିପାରିବା କେତେକ ଶୋ’ ରୁମ୍‌ରେ ବ୍ୟବସ୍ଥା ହୋଇଛି। ତେଣୁ ଗ୍ରାହକ ଏବେ ଅଧିକ ମାତ୍ରାରେ ସୁନା ଅଗ୍ରୀମ ବୁକ୍ କରୁଛନ୍ତି। ବର୍ତ୍ତମାନର ଧନତେରସ ମାହୋଲକୁ ଦେଖିଲେ ସୁନା ଦର ଆହୁରି ବଢିବା ସମ୍ଭାବନା ରହିଛି। ଆଜି ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୩୨,୬୩୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧,୨୧,୭୦୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଆଜି ରୁପା ମୂଲ୍ୟରେ କିଲୋ ପିଛା ୩,୦୦୦ ଟଙ୍କା ହ୍ରାସ ଘଟି ଏହା ୧,୦୩,୦୦୦ ଟଙ୍କାକୁ ଖସିଆସିଛି।

## ଅରୁନ୍ଧତୀ ଜୁଏଲର୍ସର ନୂଆ ଟିଭିସି



**ଭୁବନେଶ୍ୱର,୧୭।୧୦(ସମିସ):** ଅରୁନ୍ଧତୀ ସଫଳତା ସହ ପାଳନ କରୁଛି ୨୫ବର୍ଷ ପୂର୍ତ୍ତି। ଓଡିଶାର କଳା ସଂସ୍କୃତି ଓ ପରମ୍ପରା ହେଉଛି ଏହାର ଏକ ଅମୁଲ୍ୟ ପରିଚୟ , ଏହି ନୂତନ ଟିଭି ବିଜ୍ଞାପନର ଉନ୍ମୋଚନ ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ ସର୍ବଶ୍ରେଷ୍ଠ ଗ୍ରାହକ ସେବା ସହ ନିରନ୍ତର ଭାବରେ ସେହି ଶୁଦ୍ଧତା ଓ ସ୍ୱଚ୍ଛତାଭରା ସାଲିସବିହୀନ ଯାତ୍ରା କେବଳ ସମ୍ଭବ ହୋଇପାରିଛି। ଓଡିଶା ବାସୀଙ୍କ ଆଶୀର୍ବାଦ ଓ ବିଶ୍ୱାସ ଭରସା ଯୋଗୁ। ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ସଂସ୍କୃତିର ଗରିମାକୁ ଏକ ସୁନ୍ଦର ଟିଭି ବିଜ୍ଞାପନ ମାଧ୍ୟମରେ ସମ୍ପୂର୍ଣ ଓଡ଼ିଶାର କଳା ସଂସ୍କୃତି, ପର୍ବପର୍ବାଣି ଏବଂ ଐତିହାସିକ ପରମ୍ପରାକୁ ଦର୍ଶାଇବାକୁ ଚେଷ୍ଟା କରାଯାଇଛି। ଆଜି ଭୁବନେଶ୍ୱରରେ ଏହି ଟିଭି ବିଜ୍ଞାପନର ଶୁଭାରମ୍ଭ କରାଯାଇଥିଲା। ଧନତେରାସ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆକର୍ଷଣୀୟ ନୂତନ ଡିଜାଇନ ପ୍ରସ୍ତୁତ କରାଯିବ ସହ ସର୍ବଶ୍ରେଷ୍ଠ ଅଫର ରଖାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି, ସୁନା ଗହଣାର ଗଢ଼ା ମଜୁରି ରେ ଅଫଟୁ ଫ୍ଲାଟ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି, ହୀରା ଗହଣା କ୍ରୟରେ ୨୦,୦୦୦ ଟଙ୍କା ରିଆତି ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ପାଇବା ସହ ମାଗଣା ସ୍ୱର୍ଣ ମୁଦ୍ରା ମଧ ପ୍ରଦାନ କରାଯାଉଛି। ଏହା ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଉପରେ ଅପ୍ ଟୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ମଧ କ୍ୟାଶ ବ୍ୟାକ୍ ପାଇପାରିବେ।

## ରିଲାଏନ୍ସ ଡିଜିଟାଲର ଇଲେକ୍ଟ୍ରୋନିକ୍ସ ମହୋତ୍ସବ

**ମୁମ୍ବାଇ,୧୭।୧୦(ସମିସ):** ଉତ୍ସବ ଋତୁରେ ରିଲାଏନ୍ସ ଡିଜିଟାଲ ତା’ର ଗ୍ରାହକମାନଙ୍କ ଲାଗି ଆଣିଛି ଇଲେକ୍ଟ୍ରୋନିକ୍ସ ମହୋତ୍ସବ। ଏହି ମହୋତ୍ସବରେ ଗ୍ରାହକ ବେଶ ସଞ୍ଚୟ ମଧ କରିବେ। ଏଥିରେ ନୂତନତମ ଗ୍ୟାଜେଟ୍‌ଠାରୁ ଆରମ୍ଭ କରି ଘରୋଇ ଉପକରଣ ପର୍ଯ୍ୟନ୍ତ, ଆକର୍ଷଣୀୟ ଅଫରଗୁଡ଼ିକର ମଜା ନେବେ। ଗ୍ରାହକ ପ୍ରଯୁଜ୍ୟ ଉତ୍ପାଦଗୁଡ଼ିକ ଉପରେ ଜିଏସଟି-ହ୍ରାସ ମୂଲ୍ୟର ସର୍ବାଧିକ ଲାଭ ଉଠାନ୍ତୁ ଏବଂ ପ୍ରମୁଖ ବ୍ୟାଙ୍କ କାର୍ଡ ଉପରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିହାତିଉ ଉପଭୋଗ କରିବେ। ଏହି ରିଆତି ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଏବଂ

Reliance digital
PERSONALISING TECHNOLOGY

ଜିଓମାର୍ଟ ଡିଜିଟାଲ ଷ୍ଟୋରଗୁଡ଼ିକରେ ଏବଂ www.reliancedigital.inରେ ଅନଲାଇନରେ ଉପଲବ୍ଧ। ଏହି ଉତ୍ସବ ଅଫରଗୁଡ଼ିକ କେବଳ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଗ୍ରାହକମାନେ ପେପର ଫାଇନାନ୍ସ ମାଧ୍ୟମରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍‌ର ମଧ ଲାଭ ଉଠାଇପାରିବେ, ଯାହା ଦ୍ୱାରା ଏହି ଦୀପାବଳିରେ ନୂତନତମ ପ୍ରଯୁକ୍ତିବିଦ୍ୟା ଘରକୁ ଆଣିବାର ପୂର୍ବ ପ୍ରତୀକ୍ଷାକୁ ଅଧିକ ସହଜ ହୋଇଯିବ। ଏଥିରେ ବଡ଼ ସ୍କ୍ରିନ୍‌ରେ ବଡ଼ ଡିଲ୍:୧,୧୯,୯୯୦ ଟଙ୍କାରେ ଟିସିଏଲ ୮୫-ଇଞ୍ଚ କ୍ୟୁଏଲଇଡି କିଣିଲେ ୨ ବର୍ଷ ୱାରେଣ୍ଟି ଅଛି। ଆଇଫୋନ୧୬ ସହିତ ଆପେଲ ଇଣ୍ଟେଲିଜେନ୍ସକୁ ଅପଗ୍ରେଡ କରନ୍ତୁ, ଯାହାର ପ୍ରାରମ୍ଭିକ ମୂଲ୍ୟ କେବଳ ୪୪,୯୯୦ ଟଙ୍କା। ସେହିପରି ୬୨,୯୯୦ ଟଙ୍କାରୁ ଆରମ୍ଭ ପ୍ରିମିୟମ୍ ଫ୍ରେଞ୍ଚ୍ ଡୋର୍ ରେଫ୍ରିଜରେଟର୍ ଏବଂ ୪୪,୯୯୦ ଟଙ୍କାରୁ ଆରମ୍ଭ ହେଉଛି ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟର୍। ପ୍ରତ୍ୟେକ କ୍ରୟ ଉପରେ ୯,୦୦୦ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ମାଗଣା।

## ଇଣ୍ଡିଆନ୍ ବ୍ୟାଙ୍କର ୧୦୦ ଦିନରେ ୧୦୦ ଦେୟ ଅଭିଯାନ

**ଭୁବନେଶ୍ୱର,୧୭।୧୦(ସମିସ) :** ଇଣ୍ଡିଆନ୍ ବ୍ୟାଙ୍କ ଦେଶବ୍ୟାପୀ ପ୍ରତ୍ୟେକ ଜିଲ୍ଲାର ଦାବିହୀନ ଜମାକାରୀଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କର ଜମା ପୁନରୁଦ୍ଧାର କରିବା ପାଇଁ ଏକ ଉତ୍ସର୍ଗୀକୃତ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍ ଅରୁଣାଙ୍କ ଦ୍ୱାରା କଟକ କ୍ଷେତ୍ରର ଶାଖା ପ୍ରବନ୍ଧକମାନଙ୍କର ସମୀକ୍ଷା ବୈଠକରେ ଉଦବୋଧନ ଦେଇଥିଲେ। ବ୍ୟାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ୧୦୦ ଦିନିଆ ଓ ୧୦୦ ପୃଷ୍ଠା ଅଭିଯାନ ଅକ୍ଟୋବର ପହିଲାରୁ ଡିସେମ୍ବର ୩୧ ଯାଏ ଚାଲୁ ରହିବ। କ୍ଷେତ୍ର ମହାପ୍ରବନ୍ଧକ ଶାଖା ପ୍ରବନ୍ଧକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜ ନିଜ ଶାଖାର ଉପଭୋକ୍ତାମାନଙ୍କୁ ଯାହାଙ୍କର ଜମା ଖାତା୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲୁ ନ ରହିବା ଫଳରେ ଆରବିଆଇ ଡିଫ୍‌କୁ ସ୍ଥାନାନ୍ତର ହୋଇଯାଇଛି ସେମାନଙ୍କ ସହ ସମ୍ପର୍କ କରି ସେମାନଙ୍କର ଜମା ରାଶି ଉପଲବ୍ଧ କରାଇବାରେ ସାହାଯ୍ୟ କରନ୍ତୁ। ଏହି କ୍ୟାମ୍ପେନ ଚାଲୁ ରହିବା ଭିତରେ ନିଜ ନିଜ କ୍ଷେତ୍ରରେ ପ୍ରସାର ଓ ପ୍ରଚାର ଅଧିକ ମାତ୍ରାରେ କରନ୍ତୁ, ଯାହା ଫଳରେ ଅଧିକରୁ ଅଧିକ ଜମାକାରୀ ତାଙ୍କର ଦୀର୍ଘ ଦିନ ଧରି ଅବ୍ୟବହୃତ ଜମାରାଶି ପାଇପାରିବେ।



## ତନିସ୍କର ନୂଆ ଅଳଙ୍କାର କଲେକ୍‌ସନ୍ ‘ମୃଗଙ୍କ’




**ଭୁବନେଶ୍ୱର,୧୭।୧୦(ସମିସ):** ପାର୍ବଣ ଋତୁ ପାଇଁ ଅଳଙ୍କାର ରିଟେଲ୍ ବ୍ରାଣ୍ଡ ଟାଟାର ତନିସ୍କ ପକ୍ଷରୁ ଏହାର ଉତ୍ସବ ଅଳଙ୍କାର ସଂଗ୍ରହ ‘ମୃଗଙ୍କ’ ଉପସ୍ଥାପନ କରାଯାଇଛି, ଯାହା ପୌରାଣିକ ଜଗତ ଏବଂ କଳ୍ପନାତ୍ମକ କାରିଗରି ଦୁନିଆରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି। ଭାରତର ପୁରାତନ କାହାଣୀ ଓ ପ୍ରତୀକରୁ ପ୍ରେରିତ ମୃଗଙ୍କର ପ୍ରତ୍ୟେକ ଅଳଙ୍କାର ପର୍ବପର୍ବାଣୀ ଭାବନା ପ୍ରତି ଏକ କାବ୍ୟ ଶ୍ରଦ୍ଧାଞ୍ଜଳି। ପୂର୍ବତନ ମିସ୍ ୱାର୍ଲ୍ଡ ତଥା ଅଭିନେତ୍ରୀ ମନୁଷୀ ଛିଲ୍ଲାର, ଯିଏ ମୃଗଙ୍କ ଭାବନାକୁ ସାହସୀ, କଳ୍ପନାତ୍ମକ ଏବଂ ଆକର୍ଷଣୀୟ ଅଲୌକିକତାରେ ପରିପୂର୍ଣ୍ଣ ଭାବେ ଉପସ୍ଥାପିତ କରିଛନ୍ତି। ଏହାର ଉଦ୍ଦେଶ୍ୟ ଏକ ଦୃଶ୍ୟମାନ ଜଗତ ସୃଷ୍ଟି କରିବା ଯାହା ଫ୍ୟାଶନ୍ ପ୍ରବୃତିକୁ ଅତିକ୍ରମ କରିବ ଯେଉଁଠାରେ ପ୍ରତ୍ୟେକ ଉପାଦାନ ଏକ ରହସ୍ୟମୟ କିମ୍ବା ଚମକଦାର ଆଶ୍ଚର୍ଯ୍ୟ ଓ ଉପସ୍ଥିତିର ଭାବନା ସୃଷ୍ଟି କରିବ। ପୌରାଣିକ ଜୀବ ଏବଂ କଳ୍ପନାତ୍ମକ ଫୁଲରୁ ପ୍ରେରିତ ମୃଗଙ୍କରେ ଥିବା ଗହଣାଗୁଡ଼ିକ କଳ୍ପନା ପରି ଭବ୍ୟ ଏବଂ ସ୍ୱପ୍ନ ପରି ଶାନ୍ତ ହେବା ପାଇଁ ନିର୍ମାଣ କରାଯାଇଛି। ଉନ୍ନତ କାରୁକାର୍ଯ୍ୟ ଯେପରି ଷ୍ଟୋନ୍-ଅନ୍-ଷ୍ଟୋନ୍ ଜଡାଉ, ବ୍ୟାଡରୁମ, ଚନ୍ଦକ, ରାସ୍ ରବା ଏବଂ ଜଟିଳ ଜାଲି ସ୍ତର ବ୍ୟବହାର କରି ନିର୍ମିତ ଏହି ସଂଗ୍ରହରେ ରଙ୍ଗୀନ କୁନ୍ଦନ, ଏନାମେଲ୍ ବିବରଣୀ ଏବଂ ୩ଡି ନକ୍ସାର ଏକ ବିସ୍ମୟକର ମିଶ୍ରଣ ରହିଛି।

## ୱେବ୍‌ସାଇଟ୍ ଡାଉନ୍; ହୋଇପାରୁନି ରେଳ ଟିକଟ ବୁକିଂ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ଓ ଧନ୍‌ତେରାସ୍ ପାଇଁ ଟ୍ରେନ୍‌ରେ ଏବେ ନାହିଁ ନ ଥିବା ଭିଡ଼। ବାହାରେ ଥିବା ଲୋକେ ସମସ୍ତେ ନିଜ ନିଜ ଘରକୁ ଫେରିବାକୁ ବ୍ୟାକୁଳ। ଟ୍ରେନ୍ ଟିକଟ ବୁକିଂ ପାଇଁ ଉର୍ଦ୍ଦିଷ୍ଟ ୱେବ୍‌ସାଇଟ୍ ଡାଉନ୍ ରହିଥିବାରୁ ଲୋକେ ରେଳ ଟିକଟ ବୁକିଂ କରିପାରୁନାହାଁନ୍ତି। ଆଜି ଆଇଆର୍‌ସିଟିସିର ୱେବସାଇଟ୍ ଏବଂ ମୋବାଇଲ୍ ଆପ୍ ଡାଉନ୍ ହୋଇଯାଇଥିଲା। ଏହାଫଳରେ ଲୋକମାନେ ସକାଳ ୯ଟାରୁ ଟ୍ରେନ୍ ଟିକେଟ୍ ବୁକିଂ କରିପାରୁନାହାଁନ୍ତି। ଲୋକଙ୍କୁ ଅନ୍ୟାନ୍ୟ ଆଇଆର୍‌ସିଟିସି ସେବା ବ୍ୟବହାର କରିବାରେ ମଧ୍ୟ ସମସ୍ୟା ହେଉଛି। ଆଉଟେଜ୍ ଟ୍ରାକିଂ ପ୍ଲାଟଫର୍ମ ଡାଉନ୍ ଡିଟେକ୍ଟର ଅନୁଯାୟୀ, ଯାତ୍ରୀ ଶୁକ୍ରବାର ସକାଳ ଟାଠାରୁ ସାଇଟ୍ ଏବଂ ଆପ୍ ଡାଉନ୍ ହେବା ବିଷୟରେ ରିପୋର୍ଟ କରିବା ଆରମ୍ଭ କରିଥିଲେ। ସକାଳ ୧୧ ଟା ସୁଦ୍ଧା ଏ ନେଇ ପ୍ରାୟ ୬,୦୦୦ ରିପୋର୍ଟ ପ୍ରାପ୍ତ ହୋଇଥିଲା। ଡାଉନ୍ ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ୪୯% ଅଭିଯୋଗ ୱେବସାଇଟ୍‌ରେ, ୩୭% ଆପ୍‌ରେ ଏବଂ ୧୪% ଅଭିଯୋଗ ଷ୍ଟେସନ୍‌ରେ ଟିକଟ୍ କିଣୁଥିବା ନେଇ ଆସିଥିବା ଜଣାପଡିଛି।

## ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ

**ଭୁବନେଶ୍ୱର, ୧୭।୧୦(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଜଳବିଭାଜିକା ଏବଂ ଜୀବିକା ପଦକ୍ଷେପ - ପ୍ରକଳ୍ପ ସଙ୍ଗମ - ଅଧୀନରେ ଏକ ମାଛ ଚାଷ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପଦକ୍ଷେପ ବୈଜ୍ଞାନିକ ମାଛ ଚାଷ ମାଧ୍ୟମରେ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ବିକଳ୍ପ ଆୟ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡିର ମତ୍ସ୍ୟ ଏବଂ ପଶୁପାଳନ ବିଭାଗ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା, ଏହି ପଦକ୍ଷେପ ୧୩ଟି ଗ୍ରାମର ପାଞ୍ଚ ଏକର ଜମିରେ କମ୍ପାନୀ ଦ୍ୱାରା ନିର୍ମିତ ୩୨ଟି ଜଳ ସଂରଚନାକୁ ବିସ୍ତାର କରିଛି, ଯାହା ୪୪ ଜଣ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି। ଏହା ସେମାନଙ୍କୁ ମାଛ ଚାଷକୁ ଏକ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ଭାବରେ ଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରୁଛି। ଏହି ପଦକ୍ଷେପ ବାର୍ଷିକ ୨୦ ଟନ୍ ମାଛ ଅମଳ କରିବ ବୋଲି ଆଶା କରାଯାଉଛି, ଯାହା ସ୍ଥାନୀୟ ଆବଶ୍ୟକତା ଏବଂ ବଜାର ଯୋଗାଣ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବେଦାନ୍ତ ଲାଞ୍ଜିଗଡ଼ରେ, ଆମେ ପରିବେଶଗତ ଏବଂ ସାମାଜିକ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସାମଗ୍ରିକ ସମ୍ପ୍ରଦାୟ ବିକାଶକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ।




**ଦୀପାବଳି ପୂର୍ବରୁ ବୈଦେଶିକ ମୁଦ୍ରା ଭଣ୍ଡାର ଧରାଶାୟୀ**

# ୪ ସପ୍ତାହରେ ୫ ବିଲିୟନ୍ ଡଲାର ହ୍ରାସ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ପୂର୍ବରୁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସମ୍ପର୍କରେ ଲଗାତାର ଚତୁର୍ଥ ସପ୍ତାହ ନକାରାତ୍ମକ ତଥ୍ୟ ମିଳିଛି। ଧରାଶାୟୀ ହେବାରେ ଲାଗିଛି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର। କ୍ରମାଗତ ଭାବେ ଚତୁର୍ଥ ସପ୍ତାହ ଧରି ମୁଦ୍ରା ଭଣ୍ଡାରରେ ହ୍ରାସ ଧାରା ଜାରି ରହିଛି। ଏହାଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୭୮ ବିଲିୟନ ଡଲାରକୁ ଖସିଆସିଛି। ତଥ୍ୟ ଦର୍ଶାଉଛି ଏହି ଚାରି ସପ୍ତାହ ମଧ୍ୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୫ ବିଲିୟନ ଡଲାରରୁ ଅଧିକ ହ୍ରାସ ପାଇଛି।

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ନିରନ୍ତରଭାବେ ହ୍ରାସ ପାଉଛି। ଗତ ମାସ କିମ୍ବା ଚାରି ସପ୍ତାହ ମଧ୍ୟରେ ୫ ବିଲିୟନ ଡଲାରରୁ ଅଧିକ କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ସଫା ହୋଇସାରିଛି। ତଥାପି, ଗତ ସପ୍ତାହରେ ଏହି ହ୍ରାସ କେବଳ ସାମାନ୍ୟ ଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସରକାର ଟଙ୍କାକୁ ସମର୍ଥନ କରିବା ପାଇଁ ବୈଦେଶିକ ମୁଦ୍ରା ବ୍ୟବହାର କରୁଛନ୍ତି, ଯାହା ଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇଛି। ତଥାପି, ଆଗାମୀ ଦିନରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଆଶା କରାଯାଉଛି। ଏହି ସମୟରେ, ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଦେଖାଯାଇଛି।




**ଗୋଟିଏ ମାସରେ ୪୬,୦୦୦ କୋଟି ସଫା**

ଅକ୍ଟୋବର ୧୦ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୨.୧୮ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୬୯୭.୭୮ ବିଲିୟନ ଡଲାରକୁ ବୃଦ୍ଧି କରିଛି। ପୂର୍ବରୁ, ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୦.୨୮ ବିଲିୟନ ଡଲାର ହ୍ରାସ ପାଇଥିଲା। ତଥାପି, ଗତ ଚାରି ସପ୍ତାହ ଧରି ବୈଦେଶିକ ମୁଦ୍ରା ସଂରକ୍ଷଣ ହ୍ରାସ ପାଇଛି। ଶେଷ ଥର ପାଇଁ ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ସେପ୍ଟେମ୍ବର ୧୨ରେ ଶେଷ ହୋଇଥିବା ସପ୍ତାହରେ ହୋଇଥିଲା, ଯେତେବେଳେ ବୈଦେଶିକ ମୁଦ୍ରା ସଂରକ୍ଷଣ ୭୦୨.୯୭ ବିଲିୟନ ଡଲାରରେ ପହଞ୍ଚିଥିଲା। ସେବେଠାରୁ, ବୈଦେଶିକ ମୁଦ୍ରା ସଂରକ୍ଷଣ ୫.୧୯ ବିଲିୟନ ଡଲାର କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ହ୍ରାସ ପାଇଛି।

ଏହି ସମୟରେ, ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ହ୍ରାସ ଦେଖାଦେଇଛି। ତଥ୍ୟ ଅନୁଯାୟୀ, ଅକ୍ଟୋବର ୧୦ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସମ୍ପତ୍ତି ୫.୬୦୫ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ମୋଟ ୫୭୨.୧୦୩ ବିଲିୟନ ଡଲାରକୁ ବୃଦ୍ଧି କରିଛି। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତି, ବୈଦେଶିକ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ପରି ଅଣ-ଆମେରିକୀୟ ୟୁନିଟ୍‌ଗୁଡ଼ିକର ମୂଲ୍ୟରେ ବୃଦ୍ଧି କିମ୍ବା ହ୍ରାସକୁ ପ୍ରତିଫଳିତ କରେ।

ତଥାପି, ଗତ କିଛି ସପ୍ତାହ ଧରି ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଯାଇଛି। ଏହି ସମୟରେ, ଦେଶର ସୁନା ଭଣ୍ଡାର ନିରନ୍ତର ବୃଦ୍ଧି ପାଇଛି। ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ଦେଶର ସୁନା ଭଣ୍ଡାର ୩.୫୯୫ ବିଲିୟନ ଡଲାର ବୃଦ୍ଧି ପାଇଛି, ଯାହା ମୋଟ ସୁନା ଭଣ୍ଡାର ୧୦୨.୩୬୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

■ ସୁଲତାନ ଅଫ୍ ଜୋହର କପ୍

## ରେକର୍ଡ ୮ମ ଥର ଫାଇନାଲ ଖେଳିବ ଭାରତ



ଜୋହର ବହରୁ, ୧୭ ।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚରେ ୨-୧ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଥିଲା । ଏହି ମ୍ୟାଚରେ ଭାରତର ଗୁର୍‌ଜୋତ୍ ସିଂହ ଓ ସୌରଭ ଆନନ୍ଦ କୁଶୱାହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଏଥିସହ ଭାରତ ୫ ମ୍ୟାଚ ଖେଳି ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି । ପୂର୍ବରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିସାରିଥିଲା । ଫଳରେ ଶନିବାର ସନ୍ଧ୍ୟା ୬ଟାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ । ସୁଲତାନ ଅଫ୍ ଜୋହର କପରେ ଭାରତ ୧୨ଥର ଅଂଶଗ୍ରହଣ କରି ରେକର୍ଡ ୮ମଥର ଲାଗି ଫାଇନାଲ ଖେଳିବ । ଭାରତ ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବାବେଳେ ୪ଥର ରନର୍ସଅପ୍ ହୋଇଥିଲା ।

## ଚାମୁଣ୍ଡେଶ୍ୱରନାଥ ଆଇସିଏ ଖେଳାଳି ପ୍ରତିନିଧି



ମୁମ୍ବଇ, ୧୭ ।୧୦ (ଏଜେନ୍ସି): ବିସିସିଆଇର ଆଗାମୀ ଆପେକ୍ସ କାଉନସିଲ୍ ବୈଠକରେ ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏସନ (ଆଇସିଏ)ର ଖେଳାଳି ପ୍ରତିନିଧି ଭାବେ ଭାଗନେବେ । ସେ ଦିଲୀପ ଭେଙ୍ଗସରକାରଙ୍କ ସ୍ଥାନରେ ଆପେକ୍ସ କାଉନସିଲ୍ ବୈଠକରେ ଯୋଗଦେବେ । ଭେଙ୍ଗସରକାର ଆଇସିଏର ଖେଳାଳି ପ୍ରତିନିଧି ଭାବେ ୩ ବର୍ଷ ପୂରଣ କରିସାରିଛନ୍ତି । ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଆଇସିଏର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଭାରତୀୟ ଦଳର ପୂର୍ବତନ ଅଧିନାୟିକା ସାନ୍ତା ରଙ୍ଗାସ୍ୱାମୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେହିଭଳି ଆପେକ୍ସ କାଉନସିଲ ସଦସ୍ୟ ଲାଗି ହୋଇଥିବା ନିର୍ବାଚନରେ ଚାମୁଣ୍ଡେଶ୍ୱରନାଥ ୭୫୫-୮୩ ଭୋଟରେ ଭି. ଜାଡେଜାଙ୍କୁ ହରାଇଥିଲେ । ଚାମୁଣ୍ଡେଶ୍ୱରନାଥ ଆନ୍ଧ୍ରପ୍ରଦେଶ ରଣଜୀ ଟ୍ରଫି ଦଳର ପୂର୍ବତନ ଅଧିନାୟକ । ଏଥିପୂର୍ବରୁ ସେ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ସଦସ୍ୟ ରହିଥିଲେ ।

## ଟି-୨୦ ବିଶ୍ୱକପ : ୨୦ତମ ଟିମ୍‌କୁ ଯୋଗ୍ୟତା

ଦୁବାଇ,୧୭।୧୦(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ । ମସ୍କାଟରେ ଚାଲିଥିବା ଏସିଆ/ଇଷ୍ଟ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟରରେ ୟୁଏଇ, ଓମାନ ଓ ନେପାଳ ପ୍ରଥମ ୩ଟି ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସମସ୍ତ ୨୦ଟି ଦେଶ ନାମ ଚୂଡ଼ାନ୍ତ ହୋଇଛି । ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଦେଶ ଭାବେ ପ୍ରଥମେ ଯୋଗ୍ୟତା ଅର୍ଜନ କରିଥିଲେ । ଅଷ୍ଟ୍ରେଲିଆ, ବାଂଲାଦେଶ, ଆଫଗାନିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ୨୦୨୪ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପ୍ରଥମ ୭ଟି ସ୍ଥାନ ଅଧିକାର କରି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ । ଏମାନଙ୍କ ପରେ ପାକିସ୍ତାନ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଇସିସି ର୍‌ୟାଙ୍କିଂରେ ଆଗରେ ଥିବାରୁ ଯୋଗ୍ୟତା ଅର୍ଜନ କରିଛନ୍ତି । କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇ କାନାଡା, ଇଟାଲୀ, ନେଦରଲାଣ୍ଡସ, ନାମିବ୍ୟା, ନେପାଳ, ଓମାନ ଓ ୟୁଏଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଆସନ୍ତାବର୍ଷ ଫେବୃଆରୀ- ମାର୍ଚ୍ଚରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଓ ଆୟୋଜକ ଦଳ ଭାବେ ଖେଳିବ ।



ଭୁବନେଶ୍ୱରରେ ଶୁକ୍ରବାର ଡିଲୋ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଗେମ୍‌ଚେଞ୍ଜର'ରେ ଅତିଥିମାନେ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଦିନିକିଆ ସିରିଜ୍ ଟ୍ରଫି ଉନ୍ମୋଚିତ

# ପର୍ଥରେ ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ

ପର୍ଥ,୧୭।୧୦(ଏଜେନ୍ସି)



ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ଜୋରଦାର ଅଭ୍ୟାସ ଆରମ୍ଭ ହୋଇଯାଇଛି । ପର୍ଥରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏକତ୍ର ହେବା ପରେ ଆଜି ପଡ଼ିଆରେ ଅଭ୍ୟାସ କରିଛନ୍ତି । ଆଜି ମଧ୍ୟ ସିରିଜ୍ ଲାଗି ଆନୁଷ୍ଠାନିକ ଆରମ୍ଭ ହୋଇଛି । ଉଭୟ ଦଳର ଖେଳାଳି ଏକତ୍ର ହୋଇ ସିରିଜ୍ ଶୁଭାରମ୍ଭ କରିଛନ୍ତି । ଖେଳ ପୂର୍ବରୁ ଏହା ଖେଳାଳିଙ୍କ ମଧ୍ୟରେ ବନ୍ଧୁତ୍ୱଭାବ ସୃଷ୍ଟି କରିଥାଏ । ଖେଳ ପଡ଼ିଆରେ ପ୍ରତିଦ୍ୱନ୍ଦ୍ୱିତା ଭିନ୍ନ ଏକ ସ୍ଥିତି ସୃଷ୍ଟି କରିଥାଏ । ଏସବୁକୁ ମୁକାବିଲା କରିବାକୁ ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ୭ମାସ ପରେ ଭାରତ ପକ୍ଷରୁ ଏବଂ ୫ ମାସ ପରେ ପ୍ରଥମଥର ପଡ଼ିଆକୁ ଓହ୍ଲାଇଛନ୍ତି । ଅପଟସ ଷ୍ଟାଡିୟମ୍‌ରେ ଏମାନଙ୍କୁ ଦେଖିବା ଲାଗି ଢ଼େର ସମର୍ଥକ ଉପସ୍ଥିତ ଥିଲେ । ନେଟ୍ସରେ ବିରାଟ କୋହଲି ଭଲ ଭାବେ ଖେଳୁଥିଲେ ମଧ୍ୟ ରୋହିତ ଶର୍ମା ଲୟକୁ ଆସି ପାରି ନ ଥିଲେ ।

ଅନ୍ୟ ପକ୍ଷରେ ଉଭୟ ବରିଷ୍ଠ ଓ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଅନେକ କିଛି ଶିଖିବାକୁ ସୁଯୋଗ ପାଇବେ । ଉଭୟ ଖେଳାଳି ଉପଦେଶ ଦେବାରେ ଆଦୌ କଞ୍ଜୁସ ହେବେ ନାହିଁ ବୋଲି ସମସ୍ତେ ଜାଣନ୍ତି । ଏଣୁ ଗିଲ୍‌ଙ୍କୁ ଏହି ସିରିଜ୍‌ରେ ବେଶ ଫାଇଦା ମିଳିବ । ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବା ପୂର୍ବରୁ ମଧ୍ୟ ଏହି ଦୁଇ ଖେଳାଳି ସେମାନଙ୍କ ଅଭିଜ୍ଞତାରୁ ନିଶ୍ଚିତ କିଛି ଖେଳାଳି ତଥା ଅଧିନାୟକ ଗିଲ୍‌ଙ୍କୁ ଉପଦେଶ ଦେବେ । ରୋହିତ ଶର୍ମାଙ୍କ ଅବସର ପରେ ଶୁବମନ ଗିଲଙ୍କ ନେତୃତ୍ୱ ପ୍ରଦାନ କରାଯାଇଛି । ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଦୁଇଟି ଟେଷ୍ଟ ସିରିଜ୍ ଖେଳିସାରିଛି । ଏଠାରେ ରବିବାର ଅଷ୍ଟ୍ରେଲିଆ ସହ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ରେ ଗିଲ ଦିନିକିଆ ନେତୃତ୍ୱରେ ଡେବ୍ୟୁ କରିବେ । ଇଂଲଣ୍ଡରେ ପ୍ରଥମଥର ଅଧିନାୟକ ହୋଇଥିବା ଗିଲ ୭୫୪ ରନ୍ କରି ସମସ୍ତଙ୍କୁ ପଛରେ ପକାଇଦେଇଥିଲେ । ଏବେ ପର୍ଥରେ ସେ ତାଙ୍କର ତଥା ଭାରତୀୟ କ୍ରିକେଟ ଲାଗି ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି ।

ଆଜିର ଅଭ୍ୟାସରେ ଉଭୟ ଦଳର ଖେଳାଳି ନେଟ୍ସରେ ଉପସ୍ଥିତ ଥିଲେ । କିନ୍ତୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ଥିଲେ ବିରାଟ କୋହଲି । ଏଥିରୁ କୋହଲିଙ୍କ କ୍ରେଜ୍ ଏଯାଏ କମିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି । ପର୍ଥ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ । ଏଣୁ ଫାଷ୍ଟ ବୋଲରମାନେ ଏଠାରେ ଅଧିକ ବୋଲିଂ କରିଥିଲେ । ରୋହିତ ଓ ବିରାଟ ମଧ୍ୟ ସମାନ ସମୟ ଅଭ୍ୟାସରେ କଟାଇଥିଲେ । ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ରିଦମକୁ ଆସିବା ଲାଗି ଉଦ୍ୟମ କରିଥିଲେ । ସ୍ପିନରମାନେ ବୋଲିଂ କରିଥିଲେ ମଧ୍ୟ ସେମାନଙ୍କୁ ବେଶି ସୁଯୋଗ ମିଳି ନ ଥିଲା । ଆସନ୍ତାକାଲି ପିଚ୍ ଦେଖିବା ପରେ ଟିମ୍ ମ୍ୟାନେଜମେଣ୍ଟ କିଛି ସୂଚନା ପାଇବେ । ଏଥିରୁ ଚୂଡ଼ାନ୍ତ ଖେଳାଳି ଚୟନ କରାଯିବ ।

### ଗ୍ରୀନ୍ ଆଉଟ, ଲାବୁସେନ ଇନ୍

ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର କାମେରନ ଗ୍ରୀନ୍ ଆହତ ହେବା ଯୋଗୁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି । ଏହା ଫଳରେ ସିରିଜ୍ ଆରମ୍ଭରୁ ଘରୋଇ ଦଳକୁ ଶକ୍ତ ଧକ୍କା ଲାଗିଛି । ଗତବର୍ଷ ଅସ୍ତ୍ରୋପଚାର ପରେ ଗ୍ରୀନ୍ ବୋଲିଂ କରିନାହାନ୍ତି । ଏବେ ସେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ବରିଷ୍ଠ ଖେଳାଳି ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି । ଫର୍ମରେ ନ ଥିବା ଲାବୁସେନ ଘରୋଇ କ୍ରିକେଟରେ ୫ଟି ମ୍ୟାଚ୍‌ରୁ ୪ଟି ଶତକ ହାସଲ କରିବା ପରେ ଦଳକୁ ଫେରିଛନ୍ତି । ଗ୍ରୀନ୍‌ଙ୍କ ପୂର୍ବରୁ ୱିକେଟକିପର ବ୍ୟାଟର ଜୋଶ୍ ଇଂଲିଶ ମଧ୍ୟ ଆଘାତ ଜନିତ କାରଣ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି । ପତ୍ନୀ ଗର୍ଭବତୀ ଥିବାରୁ ଲେଗ୍ ସ୍ପିନର ଆଦାମ ଜାମ୍ପା ତାଙ୍କ ଘରେ ଅଛନ୍ତି । ସେ ପ୍ରଥମ ଦିନିକିଆ ଖେଳିବେ ନାହିଁ । ସେହିପରି ଶେଫିଲ୍ଡ ସିଲ୍ଡ ମ୍ୟାଚ ଖେଳୁଥିବାରୁ ଅନ୍ୟତମ ୱିକେଟରକ୍ଷକ ଆଲେକ୍ସ କ୍ୟାରୀ ମଧ୍ୟ ପ୍ରଥମ ଦିନିକିଆରେ ଖେଳିବେ ନାହିଁ । ଏଣୁ ଅଷ୍ଟ୍ରେଲିଆ ଆହତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି ।

## ୯ ବର୍ଷରେ ସବୁଠୁ ନିମ୍ନ ଫିଫା ର୍‌ୟାଙ୍କିଙ୍ଗରେ ଭାରତ

ଜୁରିକ୍, ୧୭ ।୧୦ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତ ଦୁଇଟି ସ୍ଥାନ ହରାଇ ୧୩୬କୁ ଖସିଯାଇଛି । ଫଳରେ ଭାରତୀୟ ପୁରୁଷ ଫୁଟବଲ୍ ଦଳ ଗତ ୯ ବର୍ଷ ମଧ୍ୟରେ ଫିଫା ର୍‌ୟାଙ୍କିଙ୍ଗରେ ସବୁଠୁ ଖରାପ ପ୍ରଦର୍ଶନ କରିଛି । ୨୦୧୬ ନଭେମ୍ବରରେ ପ୍ରକାଶିତ ଫିଫା ମାନ୍ୟତାରେ ଭାରତ ୧୩୭ତମ ସ୍ଥାନରେ ରହିଥିଲା । ଫିଫା ମାନ୍ୟତାରେ ଭାରତ ଏହାର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ୧୯୯୬ ଫେବୃଆରୀରେ ହାସଲ କରିଥିଲା । ଏଥିରେ ଭାରତ ମାନ୍ୟତାର ୯୪ତମ ସ୍ଥାନରେ ରହିଥିଲା । ସଦ୍ୟ ପ୍ରକାଶିତ ଫିଫା ର୍‌ୟାଙ୍କିଙ୍ଗରେ ସ୍ପେନ ଶୀର୍ଷରେ ସ୍ଥିର ରହିଛି । ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ପହଞ୍ଚିଛି । ସେହିଭଳି ଫ୍ରାନ୍ସ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛି । ର୍‌ୟାଙ୍କିଙ୍ଗରେ ଇଂଲଣ୍ଡ ୪ର୍ଥ, ପର୍ତ୍ତୁଗାଲ ୫ମ, ନେଦରଲାଣ୍ଡସ ୬ଷ୍ଠ, ବ୍ରାଜିଲ ୭ମ, ବେଲଜିୟମ ୮ମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛନ୍ତି ।

## ମହିଳା ଟି-୨୦ ଦ୍ରୁତତମ ଶତକ ହାସଲ କଲେ କିରଣ



ନାଗପୁର, ୧୭ ।୧୦ (ଏଜେନ୍ସି): ଭାରତୀୟ ବ୍ୟାଟର୍ କିରଣ ନାଭଗିରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରିବାର ବିଶ୍ୱରେକର୍ଡ କରିଛନ୍ତି । ନାଗପୁରର ଭିସିଏ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ବିସିସିଆଇ ସିନିଅର ମହିଳା ଟି-୨୦ ଏକ ମ୍ୟାଚରେ ପଞ୍ଜାବ ବିପକ୍ଷରେ ମହାରାଷ୍ଟ୍ର ପକ୍ଷରୁ ଖେଳି କିରଣ ୩୪ ବଲରେ ଶତକ ହାସଲ କରିଥିଲେ । ୩୧ ବର୍ଷୀୟା ଡାହାଣହାତୀ ବ୍ୟାଟର୍ କିରଣ ତାଙ୍କ ୩୫ ବଲ୍ ପାଳିରେ ୧୦୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଏହି ପାଳିରେ ସେ ୧୪ଟି ଚୌକା ଓ ୭ଟି ଛକା ମାରିଥିଲେ । ତାଙ୍କ ଷ୍ଟ୍ରାଇକରେଟ୍ ୩୦୨.୮୬ ରହିଥିଲା । ପଞ୍ଜାବ ପକ୍ଷରୁ ୧୧୧ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କିରଣ ଏକାକୀ ୧୦୬ ରନ କରି ମହାରାଷ୍ଟ୍ରକୁ ୧୨ ଓଭର ଓ ୯ ୱିକେଟ୍ ବଳକାଥାଇ ବିଜୟୀ କରାଇଥିଲେ । ଏଥିସହ କିରଣ ମହିଳା ଟି-୨୦ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି । ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର ସୋଫି ଡିଭାଇନଙ୍କ ନାମରେ ରହିଥିଲା । ସୋଫି ୨୦୨୧ରେ ୱେଲିଂଟନ ପକ୍ଷରୁ ଖେଳି ଓଟାଗୋ ବିପକ୍ଷରେ ୩୬ ବଲରେ ଶତକ ମାରିଥିଲେ । ଅନ୍ତର୍ଜାତୀୟ ମହିଳା ଟି-୨୦ରେ ୱେଷ୍ଟଇଣ୍ଡିଜର ଡେଣ୍ଡ୍ରା ଡଟିନ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୮ ବଲରେ ଶତକ ଅର୍ଜନ କରିଥିଲେ । ସେହିଭଳି ମହିଳା ଟି-୨୦ ଇତିହାସରେ ଶତକ ହାସଲ କରିଥିବା ବ୍ୟାଟର୍‌ଙ୍କ ମଧ୍ୟରେ କେବଳ କିରଣଙ୍କ ଷ୍ଟ୍ରାଇକରେଟ୍ ୩୦୦ରୁ ଊର୍ଦ୍ଧ୍ୱ ରହିଛି ।

ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

## ସେମିରେ ଓଡିଏମ୍ ପବ୍ଲିକ୍ ସ୍କୁଲ




ଭୁବନେଶ୍ୱର,୧୭।୧୦(ସମିସ): ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ୩-୨ ଗୋଲରେ ଜଟଣୀର କୁଶମାଟି ସ୍କୁଲ୍‌କୁ ପରାସ୍ତ କରି ତୃତୀୟ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ଗତକାଲି ଓଡିଏମ୍‌ର ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଥିଲା । ଆଜିର ଖେଳରେ ପବ୍ଲିକ୍ ସ୍କୁଲ ପକ୍ଷରୁ ସୁରଜ ଖାଲକୋ, ନିଖିଲ ହେମ୍ବ୍ରମ ଓ ବିଶାଲ ଲୋହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । କୁଶମାଟି ହାଇସ୍କୁଲର ରୁଦ୍ରପ୍ରସାଦ ନାୟକ ୨ଟି ଗୋଲ ଶୁଝାଇଥିଲେ । ରୁଦ୍ରପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା । ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ କୁମାର ଦାସ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ ଭେଟେରାନ ଫୁଟବଲ ସଂଘର ସଭାପତି ନବରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ବା ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ ସହ ୟୁନିଟ୍-୧ ସରକାରୀ ହାଇସ୍କୁଲ ମଧ୍ୟରେ ଖେଳାଯିବ । ଆଜିର ଖେଳ ପରିଚାଳନା କରିଥିଲେ ରେଫରି ଦିବ୍ୟ ମଙ୍ଗରାଜ, ଅମିତ ନାୟକ, ଚନ୍ଦ୍ରକାନ୍ତ ବାରିକ ଓ ସୁଦୀପ ଦାସ । ଟି ମୋହନ ରାଓ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ ।

■ ମହିଳା ବିଶ୍ୱକପ୍ କ୍ରିକେଟ

## ଦକ୍ଷିଣ ଆଫ୍ରିକାର ୪ର୍ଥ ବିଜୟ

କଲମ୍ବୋ,୧୭।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମହିଳା ବିଶ୍ୱକପ୍‌ର ୧୮ତମ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୦ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଏହି ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ବିଜୟ ହାସଲ କରିଛି । ଏହି ବିଜୟ ଫଳରେ ଦଳ ପଏଣ୍ଟ ତାଲିକାରେ ଇଂଲଣ୍ଡକୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି । ବର୍ଷା ଯୋଗୁଁ ଖେଳ ୫ ଘଣ୍ଟା ବାଧାପ୍ରାପ୍ତ ହେବା ଫଳରେ ମ୍ୟାଚ୍‌କୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା । ବର୍ଷା ପୂର୍ବରୁ ୧୨ ଓଭରରେ ୨ ୱିକେଟ ହରାଇ ୪୬ ରନ୍ କରିଥିବା ଶ୍ରୀଲଙ୍କା ୭ ୱିକେଟରେ ୧୦୫ ରନ୍ କରିଥିଲା । କିନ୍ତୁ ଡିଏଲଏସ୍ ମେଥଡ ଅନୁଯାୟୀ ଦକ୍ଷିଣ ଆଫ୍ରିକା ଆଗରେ ୨୦ ଓଭରରେ ୧୨୧ ରନ୍‌ର ଲକ୍ଷ୍ୟ ରହିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୧୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା । ବିଜୟୀ ଦଳର ଏନ୍ ମାଲବାଙ୍କୁ ୩ଟି ଓ ମାସାବା କ୍ଲାସ୍‌ଙ୍କୁ ୨ଟି ୱିକେଟ ମିଳିଥିଲା । ବ୍ୟାଟିଂରେ ଲୌରା ୱଲଭାର୍ଟ ୬୦ ଓ ତାଜମିନ ବ୍ରିଟ୍ସ ୫୫ ରନ୍‌ରେ ଅପରାଜିତ ରହିଥିଲେ । ଏଠାରେ ଆସନ୍ତାକାଲି ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ରଣଜୀ ଟ୍ରଫି

## ବିଜୟରୁ ବିଦର୍ଭ, ହରିୟାଣାର ଅଭିଯାନ ଆରମ୍ଭ

ବେଙ୍ଗାଲୁରୁ, ୧୭ ।୧୦ (ଏଜେନ୍ସି)



ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣରେ ବିଦର୍ଭ ଓ ହରିୟାଣା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ବେଙ୍ଗାଲୁରୁରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ଏକ ଇନିଂସ ଓ ୧୭୯ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି । ସେହିଭଳି ସୁରଟରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି'ର ଅନ୍ୟ ଏକ ମୁକାବିଲାରେ ହରିୟାଣା ୯୬ ରନରେ ରେଳବାଇକୁ ହରାଇଦେଇଛି । ଇନିଂସ ବିଜୟ ଲାଗି ବିଦର୍ଭ ୭ ଓ ହରିୟାଣା ୬ ପଏଣ୍ଟ ଅର୍ଜନ ପାଇଛି ।

ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଇନିଂସରେ ୪୬୩ ରନରେ ଅଲଆଉଟ୍ ହୋଇଯାଇଥିଲା । ଅମନ ମୋଖାଡେ ସର୍ବାଧିକ ୧୮୩ ରନ କରିଥିଲେ । ଏହାପରେ ବ୍ୟାଟିଂ କରିଥିବା ନାଗାଲାଣ୍ଡ ପ୍ରଥମ ଇନିଂସରେ ୧୭୧ ରନରେ ସୀମିତ ରହିଥିଲା । ୨୯୨ ରନ ପଛରେ ଥାଇ ଫଲୋଅନ ପାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଶୁକ୍ରବାର ତୃତୀୟ ଦିବସରେ ନାଗାଲାଣ୍ଡ ୧୧୩ ରନରେ ସମସ୍ତ ୱିକେଟ୍ ହରାଇଥିଲା । ଅମନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

ସେହିଭଳି ସୁରଟର ପିଠୱାଲା ଷ୍ଟାଡିୟମରେ ହରିୟାଣା ଓ ରେଳବାଇ ମଧ୍ୟରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିଛି । ଫଳରେ ୩ ଦିନରେ ୪୦ ୱିକେଟ ପତନ ଘଟିବା ସହ ଫଳାଫଳ ବାହାରିଯାଇଥିଲା । ପ୍ରଥମେ ବ୍ୟାଟିଂ କରି ହରିୟାଣା ୧୭୧ ରନ କରିଥିବାବେଳେ ରେଳବାଇ ୧୨୮ରେ ସୀମିତ ରହିଥିଲା । ୪୩ ରନରେ ଆଗୁଆ ରହିଥିବା ଦ୍ୱିତୀୟ ଇନିଂସରେ ୨୦୫ ରନ କରିଥିଲା । ଫଳରେ ରେଳବାଇ ସାମ୍ନାରେ ୨୪୯ ରନ ଲକ୍ଷ୍ୟ ରହିଥିଲା । ଏହାକୁ ପିଛା କରିଥିବା ରେଳବାଇ ଶୁକ୍ରବାର ୩ୟ ଦିବସରେ ୧୫୨ ରନରେ ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା ।

### ରଜତ ପାଟିଦାରଙ୍କ ଦ୍ୱିଶତକ

ଅପରପକ୍ଷରେ ରଜତ ପାଟିଦାର ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି । ମଧ୍ୟପ୍ରଦେଶର ନେତୃତ୍ୱ ନେଉଥିବା ପାଟିଦାର ୨୦୫ ରନ କରି ଅପରାଜିତ ରହିବା ଫଳରେ ତାଙ୍କ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୫୧୯ ରନର ବିଶାଳ ସ୍କୋର କରିଛି । ପଞ୍ଜାବ ପ୍ରଥମ ପାଳିରେ ୨୩୨ ରନ କରିଥିଲା । ଫଳରେ ମଧ୍ୟପ୍ରଦେଶ ୨୮୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ।

ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍-୭

## ଓଡ଼ିଶାର ସୁତବ୍ୟ ରନର୍ସ ଅପ୍




ଭୁବନେଶ୍ୱର,୧୭।୧୦(ସମିସ): ଓଡ଼ିଶାର ପ୍ରତିଭାବାନ ଜୁନିଅର ଖେଳାଳି ସୁତବ୍ୟ କର୍ମକାର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍‌୭ ଟେନିସ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଛନ୍ତି । ଓଡ଼ିଶା ଟେନିସ ସଂଘ ବ୍ୟାନରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମହାରାଷ୍ଟ୍ରର ଅର୍ଜୁନ ଅତୁଲ ପରଦେଶୀ ୬-୩, ୬-୧ ସିଧାସଳଖ ସେଟ୍‌ରେ ସୁତବ୍ୟଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲେ । ଖେଳ ଶେଷରେ ତାମିଲନାଡୁର ଅନ୍ୟତମ ପ୍ରତିଭାବାନ ଖେଳାଳି ଓଜେସ ଥେୟଜୋ ଜୟପ୍ରକାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ଦେଶର ଅନେକ ୧୮ ବର୍ଷରୁ କମ୍ ଶୀର୍ଷ ଖେଳାଳି ଅଂଶଗ୍ରହଣ କରିଥିଲେ ।

# ଶାଢ଼ି ସମ୍ଭାର



ଶାଢ଼ି ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଂଶ । ଏହା କେବଳ ଏକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟ ଓ ଶିଳ୍ପକଳାର ପରିଚୟ ଭାବେ ଜଣାଯାଏ । ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଆଧୁନିକ ପୋଷାକ ମିଳୁଥିଲେ ହେଁ, ଶାଢ଼ିର ଲୋକପ୍ରିୟତା ସବୁବେଳେ ରହିଛି । ଏହି ପାରମ୍ପରିକ ଶାଢ଼ି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ । ପ୍ରତ୍ୟେକ ଶାଢ଼ି ନିଜସ୍ୱ ସ୍ୱତନ୍ତ୍ରତା ତଥା ବିଶେଷତା ପାଇଁ ଜଣାଯାଏ । ତେବେ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ପାରମ୍ପରିକ ଶାଢ଼ିକୁ ନେଇ ଏହି ଆଲେଖ୍ୟ ।

### ପଟୋଲା

ଶାଢ଼ି କଥା କହିଲେ , ପଟୋଲା ଚିତ୍ର ସାମ୍ନାକୁ ଆସିଥାଏ । ଗୁଜୁରାଟ ପାଟନରେ ପ୍ରସ୍ତୁତ ହେଉଥିବା ଏହି ଶାଢ଼ି ପାରମ୍ପରିକ ଶାଢ଼ି ଭାବେ ପରିଚିତ । ଏଥିରେ ଭାରତର ଉତ୍କୃଷ୍ଟ ଶିଳ୍ପକଳା ଦେଖିବାକୁ ମିଳିଥାଏ । ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ମାସ ମାସ ସମୟ ଲାଗିଥାଏ । ଏଥିପାଇଁ ଡବଲ୍ ଇକତ୍ ଟେକ୍‌ନିକ୍ ବ୍ୟବହାର ହୋଇଥାଏ । ପ୍ରତ୍ୟେକ ଶାଢ଼ି ଜଟିଳ ଜ୍ୟାମିତିକ ଡିଜାଇନ୍, ଚମକଯୁକ୍ତ ରଙ୍ଗ ଓ ସୂକ୍ଷ୍ମ କାରିଗରୀ ପାଇଁ ଜଣାଯାଏ ।

### କାଞ୍ଜିବରମ

କାଞ୍ଜିବରମ ଶାଢ଼ି ଭାରତୀୟ ସଂସ୍କୃତି ଓ ଐତିହ୍ୟର ପ୍ରତୀକ । ଭାରତର ପ୍ରାଚୀନ, ସୁନ୍ଦର ଓ ଆକର୍ଷଣୀୟ ଶାଢ଼ି ମଧ୍ୟରୁ ଏହା ଗୋଟିଏ । ତାମିଲନାଡୁ କାଞ୍ଚିପୁରମ୍‌ରେ ଏହି ଶାଢ଼ି ପ୍ରସ୍ତୁତ ହୋଇଥାଏ । ଏହାକୁ ଶୁଦ୍ଧ ରେଶମ ସୂତାରେ ବୁଣାଯାଏ । ଶାଢ଼ିକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏଥିରେ ଜରି ବ୍ୟବହାର ହୋଇଥାଏ । ଏହି ଶାଢ଼ିର ଇତିହାସ ୪୦୦ ବର୍ଷ ପୁରୁଣା । ଏଥିରେ ମନ୍ଦିର, ପ୍ରାକୃତିକ ଦୃଶ୍ୟ, ହାତୀ, ମୟୂର ଭଳି ଅନ୍ୟାନ୍ୟ କଳାକୃତି ଦେଖିବାକୁ ମିଳିଥାଏ । ବିଶେଷତା ଅନୁଯାୟୀ, ଏହି ଶାଢ଼ିର ପଣତକାନି, ବର୍ଡର ଓ ମଝିଭାଗକୁ ପୃଥକ୍ କରି ବୁଣାଯାଏ । ତେଣୁ ଏହା ଅନ୍ୟ ଶାଢ଼ି ଠାରୁ ସ୍ୱତନ୍ତ୍ର । ଦକ୍ଷିଣ ଭାରତରେ ବିବାହ ଉତ୍ସବରେ ଏହା ମୁଖ୍ୟ ।



### ବନାରସୀ

ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଶାଢ଼ି ମଧ୍ୟରୁ ଗୋଟିଏ ବନାରସୀ ଶାଢ଼ି । ଏହା ଉତ୍ତରପ୍ରଦେଶ ବାରଣସୀରେ ପ୍ରସ୍ତୁତ ହୋଇଥାଏ । ଏହାର ଭବ୍ୟ ଡିଜାଇନ୍ , ସୂକ୍ଷ୍ମ କାରୁକାର୍ଯ୍ୟ ଏହାକୁ ସ୍ୱତନ୍ତ୍ର କରିଥାଏ । ଏଥିରେ ସୁନା ଓ ରୂପାର ଜରିକାମ ହୋଇଥାଏ । ଅବଶ୍ୟ ସମୟକ୍ରମେ ଏଥିରେ ନକଲି ଜରିକାମ ଦେଖିବାକୁ ମିଳୁଛି । ଏଥିରେ ଫୁଲ , ପତ୍ର , ମୟୂର, ଓ ଜ୍ୟାମିତିକ ଚିତ୍ର ଭଳି ପାରମ୍ପରିକ ମୋଗଲକାଳର ଡିଜାଇନ୍ ରହିଥାଏ ।

### ମୁଗା ସିଲ୍‌କ

ମୁଗା ସିଲ୍‌କ ଆସାମର ପ୍ରାଚୀନ ଶାଢ଼ି ଭାବେ ପରିଚିତ । ଏହି ଶାଢ଼ି ମୁଗା ସିଲ୍‌କରୁ ପ୍ରସ୍ତୁତ ହୋଇଥାଏ । ଏହା ବିଶ୍ୱର ସବୁଠୁ ନିଆରା ଓ ଦୀର୍ଘସ୍ଥାୟୀ ଶାଢ଼ି ଭାବେ ପରିଚିତ । ତେଣୁ ପିଢ଼ି ପରେ ପିଢ଼ିକୁ ଏହାକୁ ଉପହାର ଭାବେ ଦିଆଯାଇଥାଏ । ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ବିଶେଷତା ଅନୁଯାୟୀ ଏଥିରେ ଯେ କୌଣସି ଏମ୍ବ୍ରୋଡୋରୀ ସହଜରେ କରାଯାଇପାରେ । ଏହାର ମୂଲ୍ୟ ପାଞ୍ଚହଜାରରୁ ନେଇ ଦୁଇ ଲକ୍ଷ ଯାଏ ରହିଛି ।



### ସମ୍ବଲପୁରୀ

ସମ୍ବଲପୁରୀ ଶାଢ଼ି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ପ୍ରତୀକ ଭାବେ ପରିଚିତ । ଏହା ବିଶେଷ କରି ସମ୍ବଲପୁର, ସୋନପୁର ଓ ବରଗଡ଼ ଆଦି ସ୍ଥାନରେ ବୁଣାଯାଇଥାଏ । ବୁଣାକାରମାନେ ଖୁବ୍ ଯତ୍ନରେ ଏହା ବୁଣିଥାନ୍ତି । ଏହି ହାତବୁଣା ଶାଢ଼ି ସ୍ୱତନ୍ତ୍ରତା ଓ ଭବ୍ୟତା ପାଇଁ ଜଣାଯାଏ । ଏହା ଇକତ୍ ଟେକ୍‌ନିକ୍‌କୁ ଆପଣାଇ ବୁଣାଯାଇଥାଏ । ଯନ୍ତ୍ର ନିର୍ମିତ ଶାଢ଼ି ତୁଳନାରେ ଏହା ଅଧିକ ସୁନ୍ଦର ଦେଖାଯାଏ । ଏଥିରେ ପାରମ୍ପରିକ ରୂପାଙ୍କନ ଯଥା-ଶଙ୍ଖ, ଚକ୍ର, ଫୁଲ, ସମେତ ଆଦିବାସୀ ଚିତ୍ର ରହିଥାଏ । ଦିନକୁ ଦିନ ଏହି ସମ୍ବଲପୁରୀ ଶାଢ଼ିର ଚାହିଦା ବୃଦ୍ଧିପାଉଛି ।

# ବ୍ରଣ ମୁକ୍ତ ତ୍ୱଚାର ଯତ୍ନ

ଋତୁ ଅନୁଯାୟୀ ତ୍ୱଚାରେ ନାନା ସମସ୍ୟା ଦେଖିବାକୁ ମିଳିଥାଏ । ପ୍ରତିଥର ପାର୍ଲର ଯାଇ ତ୍ୱଚାର ଯତ୍ନ ନେବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ । ତେଣୁ କୋମଳ ଓ ବ୍ରଣମୁକ୍ତ ତ୍ୱଚା ଚାହୁଁଥିଲେ, ଏଥିପାଇଁ ସ୍କିନ୍‌କେୟାର୍ ରୁଟିନ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରିବେ ।



### ଦିନରେ ଦ୍ୱିଥର ଫେସ୍‌ୱାସ୍

ଅଧିକାଂଶ ତ୍ୱଚାରେ ଧୂଳି, ମାଟି ଓ ତେଲ ଆଦି ଜମି ରହିଥାଏ । ଏହାକୁ ଅନେକ ଲୋକେ ସଫା କରନ୍ତିନି । ଏହା ତ୍ୱଚାରେ ଜମି ବ୍ରଣ ହୋଇଥାଏ । ଏଥିପାଇଁ ତ୍ୱଚାକୁ ଦିନକୁ ଦୁଇରୁ ତିନି ଥର ସଫା କରନ୍ତୁ । ଏହାଦ୍ୱାରା ତ୍ୱଚାରେ ଜମିଥିବା ଧୂଳିମାଟି ବାହାରିଥାଏ । ତ୍ୱଚାରେ ଅତିରିକ୍ତ ତୈଳ ବାହାରିଯାଏ । ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ ।

### ଡାଏଟର୍ ରଖନ୍ତୁ ଧ୍ୟାନ

ଡାଏଟ୍ ଅନୁସାରେ ଖାଦ୍ୟ ନ ଖାଇଲେ ଅନେକ ତ୍ୱଚାଜନିତ ସମସ୍ୟା ଦେଖାଯାଇଥାଏ । ତେଣୁ ଡାଏଟ୍‌ର ଧ୍ୟାନ ରଖିବା ଜରୁରୀ । ପ୍ରତିଦିନ ଖାଦ୍ୟରେ ସତେଜ ଫଳ, ପନିପରିବା ଓ ଫାଇବର ଯୁକ୍ତ ଖାଦ୍ୟ ମିଶାଇ ଖାଇବା ଭଲ ।

### ଉତ୍ତମ ନିଦ୍ରା

ନିଦ୍ରାଭାବ ଓ ଅଧିକ ଚିନ୍ତା କରିବା ଦ୍ୱାରା ବ୍ରଣ ସମସ୍ୟା ହୋଇଥାଏ । ତେଣୁ ଚିନ୍ତା କମ କରିବା ସହ ସୁସ୍ଥ ନିଦ୍ରା ନେବା ଜରୁରୀ ।

# ମୋ ହାଣ୍ଡିଶାଳରୁ...

# ବେସନ ଗୁଡ଼ ବର୍ଫି

### ଆବଶ୍ୟକ ସାମଗ୍ରୀ

ବେସନ – ଏକ କପ୍, ସୁଜି – ଏକ କପ୍, ଗୁଡ଼- ୨୫୦ ଗ୍ରାମ୍, କ୍ଷୀର – ଏକ କପ୍, ଗୁଜୁରାତି ଗୁଣ୍ଡ – ଅଧ ଚାମଚ, ପିସ୍ତାବାଦାମ୍ – ସାତ , ଆଠଟି, କଖାରୁ ମଞ୍ଜି – ଅଳ୍ପ, ଗୁଣ୍ଡ କାଜୁ – ଏକ ଚାମଚ, ଦେଶୀ ଘିଅ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ । ଘିଅ ଗରମ ହୋଇଆସିଲେ ସେଥିରେ ବେସନ ଦେଇ ଭାଜନ୍ତୁ । ଏହାପରେ ଏଥିରେ ଏକ କପ୍ ସୁଜି ମିଶାଇ ଏପାଖସେପାଖ କରନ୍ତୁ । ସୁଜିକୁ ବେସନରେ ଭଲଭାବେ ମିଶାନ୍ତୁ । ଏହା ଭାଜି ହୋଇ ହାଲୁକା ନାଲି ରଙ୍ଗ ହୋଇଆସିଲେ, ସେଥିରେ ଅଳ୍ପ କ୍ଷୀର ଦେଇ ପୁଣି ଥରେ ଭାଜନ୍ତୁ । ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏହାପରେ ଏକ ପ୍ୟାନ୍ ବସାଇ ସେଥିରେ ଗୁଡ଼ ଦେଇ ଶିରା ପ୍ରସ୍ତୁତ କରନ୍ତୁ । ଧୀରେ ଧୀରେ ଗୁଡ଼ ତରଳି ଶିରା ହୋଇଯିବା ପରେ ଏହାକୁ ପ୍ରସ୍ତୁତ କରି ରଖିଥିବା ବେସନରେ ମିଶାଇ ଦିଅନ୍ତୁ । ଏଥିରେ ଅଳ୍ପ ଗୁଜୁରାତି ମିଶାନ୍ତୁ । ଏହାକୁ ଭଲରେ ଗୋଳାଇ ଏକ ପାତ୍ରରେ କାଢ଼ି ଚାରିପାଖକୁ ସମାନ କରନ୍ତୁ । ଉପରେ ଡ୍ରାଏରଫ୍ରୁଟ୍ ପକାନ୍ତୁ । ଛୁରୀରେ କାଟି ପରଷନ୍ତୁ 'ବେସନ ଗୁଡ଼ ବର୍ଫି' ।



# ଆକର୍ଷଣୀୟ ଚୁଡ଼ି

ସାଧାରଣତଃ ଯୁବତୀଙ୍କ ପାଇଁ ଚୁଡ଼ିକୁ ନେଇ ବହୁ ବିକଳ୍ପ ରହିଥାଏ । କିନ୍ତୁ ଶାଢ଼ି ତଥା ଲେହେଙ୍ଗା ସହ କେଉଁ ଚୁଡ଼ି ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ । ଜାଣିବା ସେ ବିଷୟରେ...



### ପେଷ୍ଟାଲ ଚୁଡ଼ି

ପେଷ୍ଟାଲ ରଙ୍ଗର ଚୁଡ଼ି ହାଲୁକା ଗୋଲାପି ରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ଏଥିରେ ମିନାକରୀ କାମ ମଧ୍ୟ ରହିଥାଏ । ଏହାକୁ ଗାଢ଼ ରଙ୍ଗର ଚୁଡ଼ି ସହ ମଧ୍ୟ ପିନ୍ଧିପାରିବେ ।

### ସବୁଜ ଚୁଡ଼ି ଓ ସୁନେଲି କଡ଼ା

ସବୁଜ ରଙ୍ଗର ଚୁଡ଼ି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏଥିସହ ସୁନେଲି ରଙ୍ଗର କଡ଼ା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ସେହିପରି ସବୁଜ ଚୁଡ଼ି ସୁହାଗର ପ୍ରତୀକ ଭାବେ ଜଣାଯାଏ ।

### ମେରୁନ୍ ଚୁଡ଼ି ସହ କୁନ୍ଦନ କଡ଼ା

କୁନ୍ଦନ ଚୁଡ଼ି ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ । କିନ୍ତୁ ମେରୁନ୍ ରଙ୍ଗ ସବୁଠୁ ଭିନ୍ନ ଓ ନିଆରା ଦିଶିଥାଏ । ଅଧିକାଂଶ ଯୁବତୀ ଲେହେଙ୍ଗା ଓ ଶାଢ଼ିରେ ମେରୁନ ରଙ୍ଗ ଚୁଡ଼ି ପିନ୍ଧିବାକୁ ପସନ୍ଦ କରନ୍ତି ।

# ଦୀପରେ ଦିଅନ୍ତୁ ନୂଆ ରୂପ

ଆଲୋକର ପର୍ବ ଦୀପାବଳି । ଦୀପାବଳିରେ ଘରେ ଆଲୋକ, ରଙ୍ଗ ଓ ଉତ୍ସବର ମାହୋଲ ଖେଳିଯାଏ । ଏହା ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରିଥାଏ । ଏଥିପାଇଁ ସମସ୍ତେ ଘରେ ରଙ୍ଗୋଲି, ଲିଚୁଲାଇଟ୍ ଆଦି ଲଗାଇ ସଜାଇଥାନ୍ତି । ସେହିପରି ଦୀପାବଳିରେ ଘରକୁ ନୂଆ ଶୈଳୀରେ ଆଲୋକିତ କରିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାନ୍ତୁ ।





### ଆକ୍ରେଲିକ୍ ରଙ୍ଗ କରନ୍ତୁ

ମାଟିଦୀପକୁ ସୁନ୍ଦର ତଥା ରଙ୍ଗିନ୍ କରିବାକୁ ଚାହୁଁଥିଲେ ଏହାକୁ, ନାଲି, ସୁନେଲି , ସବୁଜ ଓ ହଳଦିଆ ରଙ୍ଗ ଭଳି ଆକ୍ରେଲିକ୍ ରଙ୍ଗ କରିପାରିବେ । ଏହାକୁ ଆକର୍ଷଣୀୟ କରିବା ପାଇଁ ଉପରେ ଗ୍ଲିଟର୍ ଓ ଗୋଲ୍‌ଡେନ୍ ରଙ୍ଗର ବର୍ଡର ତିଆରି କରିପାରିବେ ।

### ମିରର୍ ଓ ଷ୍ଟୋନ୍

ଏହା ଉପରେ ଛୋଟ ମୋତିମାଳି, ରଙ୍ଗିନ୍ ଷ୍ଟୋନ୍ ଆଦି ଅଠାରେ ଲଗାଇପାରିବେ । ଏଥିରେ ଦୀପ ଖୁବ୍ ସୁନ୍ଦର ଦିଶିଥାଏ । ସେହିପରି ଦୀପରେ ଲେସ୍ ଓ ରିବନ ଲଗାନ୍ତୁ । ଏହା ପାରମ୍ପରିକ ସାଙ୍ଗକୁ ଏକ କ୍ଲାସି ଲୁକ୍ ଦେଇଥାଏ ।

### ବାନିଶ ରଙ୍ଗ ଲଗାନ୍ତୁ

ଦୀପ ସଜାଇବା ପରେ ତା ଉପରେ ଏକ ବାନିଶ ପରସ୍ତ ଲଗାନ୍ତୁ । ଏହାଦ୍ୱାରା ରଙ୍ଗ ଓ ସାଜସଜ୍ଜା ଦୀର୍ଘ ସମୟ ରହିଥାଏ ।

### ଭାସମାନ ଦୀପ

ଏଥିପାଇଁ ଦୀପରେ ତେଲ ଭର୍ତ୍ତି କରନ୍ତୁ । ଏହାପରେ ଏକ ରସ ଠିପି କିମ୍ବା ଏକ ଛାଞ୍ଚରେ ସଳିତା ଲଗାନ୍ତୁ । ଏହାକୁ ଦିଆସିଲ୍ ଲଗାଇ ଜଳାଇଲେ ପାଣିରେ ଭାସିଥାଏ । ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଚାହିଁଲେ ଏଥିରେ ଫୁଲ, ପାଖୁଡ଼ା ସଜାଇପାରିବେ ।

# ନିମ୍ବ ତୁଳସୀ ହେୟାର ସିରମ୍

ବର୍ତ୍ତମାନ ସମୟରେ କେଶଝଡ଼ା, ରୂପି, ସ୍କାଲ୍‌ପ ସଂକ୍ରମଣ ଆଦି ମୁଖ୍ୟ ସମସ୍ୟା ପାଲଟିଛି । ନାନା ପ୍ରସାଧନ ଲଗାଇଲେ ମଧ୍ୟ ଏହି ସମସ୍ୟା ସହଜରେ ଦୂର ହୁଏ ନାହିଁ । ତେଣୁ ଆୟୁର୍ବେଦ ଅନୁଯାୟୀ ପ୍ରାକୃତିକ ଉପାୟରେ କେଶରେ ସୁନ୍ଦର ଓ ଚମକ ଆଣିବାକୁ ଚାହୁଁଥିଲେ ନିମ୍ବ , ତୁଳସୀ ହେୟାର୍ ସିରମ୍ ଲଗାଇପାରିବେ ।

### ପ୍ରସ୍ତୁତି


ଏଥିପାଇଁ ଏକ ମୁଠା ନିମ୍ବପତ୍ର, ଏକ ମୁଠା ତୁଳସୀ ପତ୍ର , ନଡ଼ିଆ ତେଲ, ଅଲିଭ୍ ଅଏଲ୍ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ ନିଅନ୍ତୁ । ନିମ୍ବ ଓ ତୁଳସୀପତ୍ରକୁ ଭଲରେ ଧୋଇ ଦିଅନ୍ତୁ । ଗୋଟିଏ ପାତ୍ରରେ ପାଣି ଗରମ କରି ସେଥିରେ ନିମ୍ବ ଓ ତୁଳସୀ ପତ୍ର ପକାଇ ଭଲରେ ଫୁଟାନ୍ତୁ । ପାଣି ଅଧା ହୋଇଆସିଲେ ଏହାକୁ ଛାଣି ଦିଅନ୍ତୁ । ଥଣ୍ଡା ହୋଇଗଲେ ସେଥିରେ , ନଡ଼ିଆ ତେଲ, ବାଦାମ ତେଲ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାନ୍ତୁ । ଏହାକୁ ଏକ ସ୍ପ୍ରେ ବୋତଲରେ କାଢ଼ି ରଖନ୍ତୁ ।

### ଲଗାଇବା ବିଧି

ପ୍ରଥମେ କେଶକୁ ହାଲୁକା ଓଦା କରି ସିରମ୍‌କୁ କେଶମୂଳ ଓ କେଶଅଗରେ ଭଲ ଭାବେ ଲଗାନ୍ତୁ । ହାତ ସାହାଯ୍ୟ ହାଲୁକା ମସାଜ୍ କରନ୍ତୁ । ଏହାଦ୍ୱାରା ସିରମ୍ ସବୁଆଡ଼େ ଭଲରେ ଲାଗିଥାଏ । ଏହାକୁ ଦୁଇ ତିନି ଘଣ୍ଟା ଛାଡ଼ି ଦିଅନ୍ତୁ । ଚାହିଁଲେ ରାତିସାରା ଲଗାଇ ରଖିପାରିବେ । ଏହାପରେ ହାଲୁକା ସାମ୍ପୁରେ ଧୋଇ ଦିଅନ୍ତୁ । ଏପରି ଦୁଇ ସପ୍ତାହ କଲେ ସୁଫଳ ମିଳିଥାଏ ।

### ଫାଇଦା

- ନିମ୍ବ ଓ ତୁଳସୀରେ ଆଣ୍ଟିଫଙ୍ଗଲ ଓ ଆଣ୍ଟିବ୍ୟାକ୍ଟେରିୟଲ୍ ଗୁଣ ଥାଏ । ଯାହା ରୂପିକୁ ମୂଳରୁ ଦୂର କରିଥାଏ ।
- କେଶକୁ ପୋଷଣ ଦେଇ କେଶଝଡ଼ାକୁ ରୋକିଥାଏ । ନିୟମିତ ବ୍ୟବହାର ଦ୍ୱାରା କେଶ ଘନ ହେବା ସହ ମଜଭୂତ ହୋଇଥାଏ ।
- ଏଥିସହ କେଶମୂଳ କୁଣ୍ଡାଇହେବା, ନାଲିପଡ଼ିବା ଭଳି ସମସ୍ୟା ମଧ୍ୟ ଦୂର କରିଥାଏ ।



ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ

## ପଦକ ନିଶ୍ଚିତ କଲେ ତନ୍‌ଭୀ



ଗୁଆହାଟୀ,୧୭।୧୦(ଏଜେନ୍ସି): ଭାରତର ତନଭି ଶର୍ମା ଏଠାରେ ଚାଲିଥିବା ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଖେଳରେ ତନ୍‌ଭି ୧୩-୧୫, ୧୫-୧୯, ୧୫-୧୦ରେ ଜାପାନର ସାକି ମାତ୍‌ସୁମୋଟୋଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳି ପଦକ ଜିତିଥାନ୍ତି। ଏଣୁ ସେମିଫାଇନାଲରେ ହାରିଗଲେ ମଧ୍ୟ ତନ୍‌ଭି ପଦକ ବିଜୟୀ ହେବେ। ଏହି ପ୍ରତିଯୋଗିତାରେ ପଦକ ଜିତିବାରେ ୨୦୦୮ ପରେ ସେ ହେବେ ପ୍ରଥମ ଭାରତୀୟ ଖେଳାଳି। ୨୦୦୮ ପୁଣେରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସାଇନା ନେହ୍ୱାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଥିଲା ଭାରତର ଶେଷ ପଦକ। ତନ୍‌ଭି ଏବେ ପଦକ ବିଜୟୀ ହେବେ। ପୂର୍ବରୁ ୨୦୦୬ ଇଞ୍ଚେଅନ୍ ଟୁର୍ଣ୍ଣାମେଣ୍ଟରେ ସାଇନା ରୌପ୍ୟ ଓ ୧୯୯୬ ସିଲକେବର୍ଗ ଟୁର୍ଣ୍ଣାମେଣ୍ଟରେ ଅପର୍ଣ୍ଣା ପୋପଟ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୧୬ ବର୍ଷିୟା ତନ୍‌ଭି କେଉଁ ସଫଳତାକୁ ଦୋହରାଇବେ ତାହା ସମୟ କହିବ।

ବାରବାଟୀ ରଣଜୀ: ଶିବାଳିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ

# ଓଡ଼ିଶା ବିପକ୍ଷରେ ବରୋଦା ଇନିଂସ ଅଗ୍ରଣୀ

କଟକ, ୧୭।୧୦ (ସମିସ): ଓପନର ଶିବାଳିକ ଶର୍ମା ଓ ୱିକେଟରକ୍ଷକ ମିତେଶ ପଟେଲଙ୍କ ଶତକ ବଳରେ ଏଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ମୁକାବିଲାରେ ଭ୍ରମଣକାରୀ ବରୋଦା ଦଳ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ବାରବାଟୀର ସ୍ଲୋ ୱିକେଟରେ ଏହି ଅଗ୍ରଣୀ ବରୋଦାକୁ ରଣଜୀ ସିଜନର ପ୍ରଥମ ମ୍ୟାଚ୍‌ରେ ଅଧିକ ପଏଣ୍ଟ ସଂଗ୍ରହ ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୭୧ ରନ୍ କରିଥିଲା। ଜବାବରେ ଶିବାଳିକ ୧୨୪ ଓ ମିତେଶ ଅପରାଜିତ ୧୦୦ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ବରୋଦା ୭ ୱିକେଟ ହରାଇ ୪୧୩ ରନ୍ କରିନେଇଛି। ଏହା ଫଳରେ ବରୋଦା ହାତରେ ୩ଟି ପ୍ରଥମ ଇନିଂସ ୱିକେଟ ବାକିଥାଇ ୧୪୨ ରନ୍‌ରେ ଆଗୁଆ ରହିବା ସହ ମ୍ୟାଚ୍‌ରେ ନିଜର ସ୍ଥିତି ମଜଭୁତ କରିନେଇଛି। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ମିତେଶଙ୍କ ସହ ରସିକ ଦାର ସଲାମ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୀର୍ତ୍ତି ପାଣ୍ଡେ ୭୧ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଓଡ଼ିଶାକୁ ୧ ପଏଣ୍ଟ ହାସଲ



କରିବାକୁ ବା ମ୍ୟାଚ୍ ଡ୍ର ରଖିବାକୁ ସଂଘର୍ଷ କରିବାକୁ ପଡ଼ିବ।

ଶୁକ୍ରବାର ସକାଳେ ବରୋଦା ତାହାର ଅସମାପ୍ତ ପ୍ରଥମ ଇନିଂସ ୨ ୱିକେଟରେ ୧୨୭ ରନ୍‌ରୁ ଖେଳ ଆରମ୍ଭ କରି ମନ୍ଥର ଗତିରେ ଖେଳିଥିଲା। ଦୁଇ ଅପରାଜିତ ବ୍ୟାଟର ଶିବାଳିକ୍ ଶର୍ମା ଓ ସୁକୀର୍ତ୍ତି ପାଣ୍ଡେ ତୃତୀୟ ୱିକେଟ ଭାଗୀଦାରିରେ ୧୬୦ ରନ୍ ଯୋଗ କରିବା ପରେ ଡେବ୍ୟୁଟାଣ୍ଟ ବାଦଲ ବିଶ୍ୱାଳ ଏହି ଭାଗୀଦାରିକୁ ଭାଙ୍ଗିଦେଇଥିଲେ। ୨୪୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୧୨୪ ରନ୍ କରିଥିଲାବେଳେ ଶିବାଳିକ ଓଡ଼ିଶାର ବାଦଲ ବିଶ୍ୱାଳଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାର କିଛି ସମୟ ମଧ୍ୟରେ ତାଙ୍କ ସେଞ୍ଚୁରି ପାର୍ଟନର ସୁକୀର୍ତ୍ତି ପାଣ୍ଡେ ମଧ୍ୟ ଆଉଟ ହୋଇଯାଇଥିଲେ। ସୁକୀର୍ତ୍ତି ୨୩୩ ଟି ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ମାତ୍ର ୪ଟି ଚୌକା ଓ ଗୋଟିଏ ଛକା ସହ ୭୧ ରନ୍‌ରେ ବାଦଲଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ମଧ୍ୟ ବରୋଦା ଦୃଢ଼ତାର ସହ ବ୍ୟାଟିଂ କରିଥିଲା। ୭ମ ୱିକେଟରେ ଅଭିଜ୍ଞ ଅତୀତ ସେଠ୍ ଓ ୱିକେଟ ରକ୍ଷକ ମିତେଶ ପଟେଲ ୫୨ ରନ୍ ଏବଂ ଅବିଭକ୍ତ ୮ମ ୱିକେଟ ଭାଗୀଦାରିରେ ମିତେଶ ଓ ରସିକ ଦାର ସଲାମ ୮୯ ରନ୍ ଉଠାଇ ଓଡ଼ିଶାର ଆଶାକୁ ମହାନଦୀକୁ ଫିଙ୍ଗିଦେଇଥିଲେ। ଏହି ଯୋଡ଼ିଙ୍କ ସଫଳ ବ୍ୟାଟିଂ ଯୋଗୁଁ ଓଡ଼ିଶା ଆଉ ମ୍ୟାଚ୍ ଜିତିବା ଆଶା କରିପାରିବ ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ମିତେଶ ୧୩୯ ବଲ୍‌ରେ ୧୧ ଚୌକା ସହ ଠିକ୍ ୧୦୦ ଓ ରସିକ ୪୬ ବଲ୍‌ରୁ ୩ ଚୌକା ଓ ୨ ଚୌକା ସହ ୪୫ ରନ୍‌ରେ ଅପରାଜିତ ଅଛନ୍ତି। ଅଧିନାୟକ ଅତୀତ ସେଠଙ୍କ ବ୍ୟାଟ୍‌ରୁ ୨୮ ରନ୍ ମିଳିଛି।

ଏଭଳି ଏକ ଧୀମା ୱିକେଟରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଯାହା ଫଳରେ ବରୋଦାର ବ୍ୟାଟରମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ଘରୋଇ ମାଟିରେ ଓଡ଼ିଶାର ବୋଲରମାନେ ସୁନ୍ଦର ବୋଲିଂ କରିଥିଲେ। କିନ୍ତୁ ୱିକେଟ ନେବାରେ ସେପରି ସଫଳତା ପାଇ ନ ଥିଲେ। ଘରୋଇ ଦଳର ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟତମ ସ୍ପିନର ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବରୋଦାର ଜଣେ ଖେଳାଳି ଓପନର ଜ୍ୟୋତ୍ସ୍ନିଲ ସିଂ ରନ୍‌ଆଉଟ ହୋଇଥିଲେ।

ସିକେ ନାଇଡୁ ଟ୍ରଫି

# ଆୟୁଷଙ୍କୁ ୮ ୱିକେଟ; ଓଡ଼ିଶାର ଦୃଢ଼ ଜବାବ

କଟକ,୧୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫିର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ୍ ଦଳକୁ କଡା ଜବାବ ଦେଇଛି ଭ୍ରମଣକାରୀ ଓଡ଼ିଶା ଦଳ। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି ମ୍ୟାଚ୍ ଜାରି ରହିଛି। ଓଡ଼ିଶାର ପ୍ରଥମ ପାଳି ୧୫୯ ରନରେ ସୀମିତ ରହିବା ପରେ ହାଇଦ୍ରାବାଦ୍ ୧୯୫ ରନରେ ଅଲଆଉଟ ହୋଇଛି। ଓଡ଼ିଶାର ଆୟୁଷ ବାରିକ ୪୫ ରନ





ବିନିମୟରେ ୮ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ବିନିମୟରେ ୧୮୧ ରନ କରିଛି।

ଗୁରୁବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଅମନ ରାଓ ୫୫ ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଥିଲେ। ଓଡ଼ିଶାର ବାମହାତୀ ସ୍ପିନର ଆୟୁଷ ପ୍ରଥମ ଦିବସରେ ୨ଟି ୱିକେଟ ଦଖଲ କରିଥିଲେ। ଆଜି କ୍ରମାଗତ ଭାବେ ଆୟୁଷ ୱିକେଟ ଅକ୍ତିଆର କରି ଅପ୍ରତ୍ୟାଶିତ ଭାବେ ହାଇଦ୍ରାବାଦକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଅମନ ୯୦ରନରେ ଆୟୁଷଙ୍କ ଶିକାର ହୋଇଥିଲେ। ୩୭ରନରେ ଦଳ ଶେଷ ୫ ୱିକେଟ ହରାଇଥିଲା। ୨ ୱିକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିବା ଓଡ଼ିଶା ୧୪୫ରନର ଅଗ୍ରଣୀ ହାସଲ କରିଛି। ଓମ ଟି ମୁଣ୍ଡେ ୯୮ରନ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧୭ରନରେ ଅପରାଜିତ ଅଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ଏବଂ ଓପନର ପାନକଳ ଶଶାଙ୍କ ଯଥାକ୍ରମେ ୨୬ରନ ଏବଂ ୩୫ରନରେ ଆଉଟ ହୋଇଛନ୍ତି। ଖେଳ ଆଉ ଦୁଇ ଦିନ ବାକି ଥିବା ଯୋଗୁଁ ମ୍ୟାଚ୍‌ର ଫଳାଫଳ ନିଶ୍ଚିତ ବୋଲି ଅନୁମାନ କରାଯାଉଛି।

ବରିଷ୍ଠ ମହିଳା ଟି-୨୦

## ତ୍ରିପୁରାକୁ ହରାଇଲା ଓଡ଼ିଶା

କଟକ,୧୭।୧୦(ସମିସ): ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବରିଷ୍ଠ ମହିଳା ଟି-୨୦ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ୯ ୱିକେଟରେ ତ୍ରିପୁରାକୁ ହରାଇଛି। କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଆସନ୍ତା ୧୯ରେ ହରିୟାଣା ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୯୭ରନରେ ଅଲଆଉଟ ହୋଇଥିଲା। ଇନ୍ଦ୍ର ରାଣୀ ଜମାତିଆ ସର୍ବାଧିକ ୩୦ରନ କରିଥିଲେ। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ୱିକେଟ ପାଇଥିଲେ। ମାଧୁରୀ ମେହଟା(୪୦ରନ) ଓ ସରିତା ମେହର(୪୭ରନ) ଅପରାଜିତ ପାଳି ଖେଳି ଓଡ଼ିଶାକୁ ସହଜ ବିଜୟ ପ୍ରଦାନ କରିଛନ୍ତି।

# ବିନୁ ମଙ୍କଡ଼ ଟ୍ରଫି: ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା

କଟକ, ୧୭।୧୦ (ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ହରିୟାଣାର ସେହବାଗ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଶେଷ ଲିଗ୍‌ରେ ଦଳ ୬ ୱିକେଟରେ ବରୋଦାକୁ ହରାଇଛି। ପ୍ରଥମ ଲିଗ୍‌ରେ ପରାଜୟ ସତ୍ତ୍ୱେ କ୍ରମାଗତ ୪ଟି ବିଜୟ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ



ରହିଛି। ଆସନ୍ତା ୨୫ ତାରିଖରେ ପ୍ରିକ୍ୱାର୍ଟର ମୁକାବିଲାରେ ଓଡ଼ିଶା ତାମିଲନାଡୁକୁ ଭେଟିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୧୦୭ରନରେ ଅଲଆଉଟ ହୋଇଥିଲା। ହେଟ୍ ଜି ପଟେଲ ସର୍ବାଧିକ ୩୪ରନ କରିଥିବା ବେଳେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ଏବଂ ରୁଦ୍ର ପ୍ରସାଦ ମଲ୍ଲିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରୟାନ ପ୍ରନ୍ତିକ ସାମଲଙ୍କ ୩୪ରନ ଏବଂ ବିଶ୍ୱଜିତ ପ୍ରଧାନଙ୍କ ଅପରାଜିତ ୨୭ରନ ବଳରେ ଓଡ଼ିଶା ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS